

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ସୋମବାର, ୧୩ ଜୁନ୍ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ MONDAY 13 JUNE 2022

Vol.No. 35 ■ No. 154 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022







## ରାଷ୍ଟ୍ରପତି ନିର୍ବାଚନ ପୂର୍ବରୁ ବିରୋଧୀଙ୍କୁ ଏକାଠି କରିବାକୁ ମମତାଙ୍କ ଉଦ୍ୟମ

# ୨୨ ନେତାଙ୍କୁ ଏକାଠି ହେବାକୁ ଲେଖିଲେ ଚିଠି



ନୂଆଦିଲ୍ଲୀ, ୧୨/୦୬ : ରାଷ୍ଟ୍ରପତି ନିର୍ବାଚନ ପାଇଁ କିଏ ଶାସକ ଦଳ ଏବଂ କିଏ ବିରୋଧୀ ପଟରେ ରହିବେ । ଏହାକୁ ନେଇ ଅଙ୍କକଷା ଚାଲିଛି । ଏନଡିଏ ଏକାକୀ କେବେ ପ୍ରାର୍ଥୀ ଘୋଷଣା କରି ରାଷ୍ଟ୍ରପତି ନିର୍ବାଚନରେ ବିଜୟୀ ହୋଇପାରିବ ନାହିଁ । ତେଣୁ ଏପରି ଏକ ରାଜନୈତିକ ସମୀକରଣର ଫାଇଦା ନେବାକୁ ପ୍ରୟାସ କରୁଛନ୍ତି ମମତା । ସେଥିପାଇଁ ଜୁନ୍ ୧୫ରେ ଅଣ ବିଜେପି ଦଳକୁ ଏକାଠି କରି ମିଳିତ ବୈଠକ ଡାକିଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ । ଏହି ଚିଠିରେ କିନ୍ତୁ ଆନ୍ଧ୍ରର ଶାସକ ଦଳ ମୁଖ୍ୟମନ୍ତ୍ରୀ ଜଗନ ରେଡ୍ଡୀଙ୍କ ନାଁ ନାହିଁ । ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବିଭିନ୍ନ ରାଜ୍ୟର ମୁଖ୍ୟମନ୍ତ୍ରୀ ଏବଂ ଅଣ ବିଜେପି ଦଳର ମୁଖିଆଙ୍କୁ ଚିଠି ଲେଖିଛନ୍ତି । ଯେଉଁଥିରେ ଆଗାମୀ ରାଷ୍ଟ୍ରପତି ନିର୍ବାଚନକୁ ଦୃଷ୍ଟିରେ ରଖି ଦିଲ୍ଲୀରେ ଏକ ବୈଠକରେ ଯୋଗଦେବାକୁ ମମତା ଆମନ୍ତ୍ରଣ କରିଛନ୍ତି । ରାଷ୍ଟ୍ରପତି ନିର୍ବାଚନ ନେଇ ତାରିଖ ଘୋଷଣା ପରେ କିଏ ପ୍ରାର୍ଥୀ ହେବେ ସେ ନେଇ ଚାଲିଛି ଅଙ୍କକଷା । ଏନଡିଏ ପ୍ରାର୍ଥୀ ଘୋଷଣା କଲେ ବି ତାକୁ ଅନ୍ୟ କିଛି ଦଳର ସମର୍ଥନ ଆବଶ୍ୟକ । ତେଣୁ ଏଥିପାଇଁ ବିଜେଡି ଭଳି ଆଂଚଳିକ ଦଳର ଗୋଟିଏ ବଡ ଭୂମିକା ରହିବ । ତେଣୁ ବିଜେଡି ଉପରେ ରହିଛି ଉଭୟ ଏନଡିଏ ଏବଂ ବିରୋଧୀଙ୍କ ନଜର । ପୂର୍ବରୁ ହୋଇଥିବା ରାଷ୍ଟ୍ରପତି ନିର୍ବାଚନରେ ଏନଡିଏ ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ କରିଛି । କିନ୍ତୁ ଅନେକ ପ୍ରସଙ୍ଗରେ କେନ୍ଦ୍ରର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ ଉଭୟ ୟୁପିଏ ଏବଂ ଏନଡିଏଠାରୁ ନବୀନ ସମଦୂରତା ବଜାୟ ରଖି ଆସିଛନ୍ତି । କିନ୍ତୁ ନିକଟରେ ନବୀନ ଦିଲ୍ଲୀ ଗସ୍ତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଥିଲେ । ଏହି ସମୟରେ ଉଭୟ ରାଷ୍ଟ୍ରପତି ନିର୍ବାଚନରେ ପ୍ରାର୍ଥୀକୁ ନେଇ ଚର୍ଚ୍ଚା କରିଥିବା ସୂଚନା ରହିଛି । ଆଉ ମୋଦୀ ମଧ୍ୟ ସମ୍ବିଧାନର ଏହି ବଡ ପଦ ପାଇଁ ଜଣେ ଓଡିଆଙ୍କ ଉପରେ ନଜର ରଖିଥିବା ଜାତୀୟ ଗଣମାଧ୍ୟମରେ ଚର୍ଚ୍ଚା ହେଉଛି । ଆସନ୍ତା ସାଧାରଣ ନିର୍ବାଚନ ପୂର୍ବରୁ ରାଷ୍ଟ୍ରପତି ନିର୍ବାଚନ ବିରୋଧୀଙ୍କ ପାଇଁ ବଡ ଚ୍ୟାଲେଞ୍ଜ । ବିଜୟ ପାଇଁ ଏନଡିଏକୁ ବହୁତ କମ୍ ଭୋଟର ଆବଶ୍ୟକତା ରହିଛି । ଆଉ ମମତାଙ୍କ ନଜରରେ ଥିବା ସମସ୍ତ ବିରୋଧୀ ଯଦି ଏକ ହୁଅନ୍ତି ତେବେ ତାହା ମୋଦୀ ସରକାର ପାଇଁ ବଡ ଆହ୍ୱାନ ସୃଷ୍ଟି କରିବ । ଏପରି ସ୍ଥିତିରେ ଏବେ ବିଜେପିର ଘୋର ବିରୋଧୀ ପାଲଟିଥିବା ଟିଏମସି ଅଣ ବିଜେପି ଦଳକୁ ଏକାଠି କରି ନିର୍ବାଚନ ପୂର୍ବରୁ ଶକ୍ତି ପ୍ରଦର୍ଶନ କରିବାକୁ ଚିନ୍ତା କରୁଥିବା କୁହାଯାଉଛି । କିନ୍ତୁ ବଡ ବଡ ପ୍ରସଙ୍ଗରେ କେନ୍ଦ୍ରକୁ ସମର୍ଥନ କରି ଆସିଥିବା ନବୀନ ଏବେ ମମତାଙ୍କ ମେଳିରେ ସାମିଲ ହେବେ କି ନାହିଁ ତାହା ମଧ୍ୟ ବଡ ପ୍ରଶ୍ନ । ଏନଡିଏର ବଡ ଅଂଶୀଦାର କୁହାଯାଉଥିବା ନୀତୀଶ କୁମାରଙ୍କ ଜେଡିୟୁର ଆଭିମୁଖ୍ୟକୁ ନେଇ ଏବେ ଚର୍ଚ୍ଚା ଚାଲିଛି । କୁହାଯାଉଛି ଏନଡିଏ ଠାରୁ ସଂପର୍କ ଛିନ୍ନ କରି ନୀତୀଶ ଆରଜେଡି ସହିତ ସରକାର ଗଢିବା କଥା ଚିନ୍ତା କରୁଛନ୍ତି । ଯଦି ଏହି ସମୀକରଣ ରୂପ ନିଏ ତେବେ ମୋଦୀ ସରକାର ପାଇଁ ରାସ୍ତା ଆହୁରି କଠିନ ହେବ ।

## ବାରବାଟୀ ଟି-୨୦ରେ ବାଜି ମାରିଲା ଦକ୍ଷିଣ ଆଫ୍ରିକା



ଭୁବନେଶ୍ୱର, ୧୨/୦୬ (ନି.ପ୍ର): ଭାରତ- ଦକ୍ଷିଣ ଆଫ୍ରିକା ଟି-୨୦ରେ ବାଜି ମାରିଲା ଦକ୍ଷିଣ ଆଫ୍ରିକା । ଭାରତକୁ ୪ ୱିକେଟରେ ପରାସ୍ତ କରିଛି ଦଳ । ଦଳ ପକ୍ଷରୁ କାଲସେନ ୮୧ରନର ଦମଦାର ଇନିଂସ ଖେଳି ବିଜୟରେ ପ୍ରମୁଖ ଭୂମିକା ନେଇଥିଲେ । ସେପଟେ ଅଧିନାୟକ ବଭୁମା ମଧ୍ୟ ୩୫ରନ ଇନିଂସ ଖେଳିଥିଲେ । ଭାରତ ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୧୪୮ ରନ କରି ୬ ୱିକେଟ ହରାଇଥିଲା । ଦଳ ପାଇଁ ଶ୍ରେୟସ ଆୟାର ସର୍ବାଧିକ ୪୦ ରନ ସଂଗ୍ରହ କରିଥିବା ବେଳେ ଇଶାନ କିଶାନ ୩୪ ରନର ଇନିଂସ ଖେଳିଥିଲେ । ଶେଷ ଆଡକୁ ଦିନେଶ କାର୍ତ୍ତିକ ୩୦ରନର ପାଳି ଖେଳିଥିଲେ । ଦକ୍ଷିଣ ଆଫ୍ରିକା ପକ୍ଷରୁ ନଟିଜ ସର୍ବାଧିକ ୨ଟି ୱିକେଟ ହାସଲ କରିଥିବା ବେଳେ ଅନ୍ୟମାନେ ଗୋଟିଏ ଲେଖାଏଁ ୱିକେଟ ହାସଲ କରିଥିଲେ । ଦକ୍ଷିଣ ଆଫ୍ରିକାକୁ ବିଜୟ ପାଇଁ ୨୦ ଓଭରରେ ୧୪୯ ରନ ଲକ୍ଷ୍ୟ ରହିଥିଲା ।

## ଆଜି ଇଡିରେ ହାଜର ହେବେ ରାହୁଲ ଗାନ୍ଧୀ



ନୂଆଦିଲ୍ଲୀ, ୧୨/୦୬ : କଂଗ୍ରେସର ପୂର୍ବତନ ଅଧକ୍ଷ ରାହୁଲ ଗାନ୍ଧୀ ଆସନ୍ତାକାଲି ନ୍ୟାସନାଲ ହେରାଲ୍ଡ ମାମଲାରେ ଇଡି ନିକଟରେ ହାଜର ହେବେ । ତେବେ ଯେତେବେଳେ ଇଡି କଂଗ୍ରେସର ଏହି ପ୍ରମୁଖ ନେତାଙ୍କୁ ଜେରା କରୁଥିବ, ସେତେବେଳେ କଂଗ୍ରେସ ପୂରା ଦେଶରେ ବିରୋଧ ପ୍ରଦର୍ଶନ କରୁଥିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଟାର୍ଗେଟ କରି ଆସନ୍ତାକାଲି କଂଗ୍ରେସ ଏକ ବଡ ବିରୋଧ ପ୍ରଦର୍ଶନର ଆୟୋଜନ କରୁଥିବା ଜଣାପଡିଛି । ତେବେ ଅନ୍ୟପଟେ ସୋନିଆ ଗାନ୍ଧୀଙ୍କୁ ମଧ୍ୟ ଇଡି ଏକ ନୂଆ ସମନ ଜାରି କରିଛି । ଜୁନ୍ ୨୩ ତାରିଖରେ ପଚରାଉଚରା ପାଇଁ ତାଙ୍କୁ ହାଜର ହେବାକୁ ଇଡି ନିର୍ଦ୍ଦେଶ ଦେଇଛି । ସେପଟେ କଂଗ୍ରେସ ନିଜର ସାଂସଦ ଓ ସଦସ୍ୟଙ୍କୁ ସୋମବାର ଦିଲ୍ଲୀରେ ହିଁ ରହିବାକୁ ନିର୍ଦ୍ଦେଶ ଦେଇଛି । କଂଗ୍ରେସ ନେତା ମାନିକମ୍ ଟାଗୋରଙ୍କ କହିବା ଅନୁସାରେ, ଆସନ୍ତାକାଲି ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କୁ ଇଡିର ପଚରାଉଚରାକୁ ବିରୋଧ କରି ସାରା ଦେଶରେ ଏହି ଯାଞ୍ଚ ଏଜେନ୍ସି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ ହେବ । ୨୫ଟି କାର୍ଯ୍ୟାଳୟ ବାହାରେ ରାଜନୈତିକ ବିକ୍ଷୋଭ ପ୍ରଦର୍ଶନ କରିବ କଂଗ୍ରେସ । ସୂଚନାଯୋଗ୍ୟ ଯେ, ରାହୁଲ ଗାନ୍ଧୀ ଓ ସୋନିଆ ଗାନ୍ଧୀଙ୍କୁ ଇଡି ସମନ ପଠେଇ ହାଜର ହେବାକୁ ନିର୍ଦ୍ଦେଶ ଦେଇଛି । ଯାହାକୁ କଂଗ୍ରେସ ବିରୋଧ କରିବା ସହିତ ଏନେଇ ସାରା ଦେଶରେ ବିକ୍ଷୋଭ ପ୍ରଦର୍ଶନ କରିବାକୁ ଯୋଜନା ପ୍ରସ୍ତୁତ କରୁଛି ।

## ପଶ୍ଚିମବଙ୍ଗରେ ନିୟନ୍ତ୍ରଣକୁ ଆସୁନି ହିଂସା : ୧୪୪ ଧାରା ଲାଗୁ

ନୂଆଦିଲ୍ଲୀ, ୧୨/୦୬ : ପୈଗମ୍ବର ମହମ୍ମଦଙ୍କୁ ନେଇ ବିଜେପି ନେତ୍ରୀ ନୂପୁର ଶର୍ମାଙ୍କ ବିବାଦୀୟ ମନ୍ତବ୍ୟ ପରେ ଶନିବାରଠାରୁ ହିଂସା ଜାରି ରହିଛି । ହାଓଡାରେ ପ୍ରଦର୍ଶନକାରୀଙ୍କ ଦ୍ୱାରା ପଥର ମାଡ ସହ ବ୍ୟାପକ ପୋଡାଜଳା ହେବା ଘଟଣା ପରେ ଅଧିକାଂଶ ଇଲାକାରେ ୧୪୪ ଲାଗୁ ହୋଇଛି । ହାଓଡାରେ ପରିସ୍ଥିତି ନିୟନ୍ତ୍ରଣ କରାଯାଇପାରୁନଥିବାରୁ ରାଜ୍ୟ ସରକାର ନେଇଛନ୍ତି କଠୋର ପଦକ୍ଷେପ । ପୋଲିସ କମିଶନର ସି. ସୁଧାକରଙ୍କୁ ଦାୟିତ୍ୱରେ ହଟାଇ ପ୍ରବୀଣ ତ୍ରିପାଠୀଙ୍କୁ ହାଓଡାର ନୂଆ ପୋଲିସ କମିଶନର ଭାବେ ନିଯୁକ୍ତ କରାଯାଇଛି । ହାଓଡାରେ ଆଜି ମଧ୍ୟ ହିଂସାରେ ଏକାଧିକ ଲୋକ ଆହତ ହୋଇଛନ୍ତି । ଏପରି ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଜୁନ୍ ୧୫ ତାରିଖ ଯାଏଁ ୧୪୪ ଧାରା ▶▶ପୃଷ୍ଠା ୭

## ଇଡିରେ ହାଜର ପୂର୍ବରୁ ହସ୍ପିଟାଲରେ ଭର୍ତ୍ତି ହେଲେ ସୋନିଆ

ନୂଆଦିଲ୍ଲୀ, ୧୨/୦୬ : କଂଗ୍ରେସ ଅନ୍ତରୀଣ ଅଧକ୍ଷା ସୋନିଆ ଗାନ୍ଧି ହଠାତ୍ ଅସୁସ୍ଥ ହୋଇପଡିଛନ୍ତି । ତାଙ୍କୁ ଦିଲ୍ଲୀ ଗଙ୍ଗାରାମ ହସ୍ପିଟାଲରେ ଭର୍ତ୍ତି କରାଯାଇଛି । ତାଙ୍କୁ କରୋନା ଜନିତ ସମସ୍ୟା ପରେ ହସ୍ପିଟାଲ ନିଆଯାଇଥିବା ଦଳର ରାଷ୍ଟ୍ରୀୟ ମୁଖପାତ୍ର ରଣଦୀପ ସୂର୍ଯ୍ୟେୱାଲା ଟ୍ୱିଟ୍ କରି ସୂଚନା ଦେଇଛନ୍ତି । ତେବେ ସୋନିଆଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ଅଛି । ତାଙ୍କୁ ଡାକ୍ତରଙ୍କ ଦେଖରେଖରେ ରଖାଯାଇଛି ବୋଲି ରଣଦୀପ ସୂର୍ଯ୍ୟେୱାଲା କହିଛନ୍ତି । ନ୍ୟାସନାଲ ହେରାଲ୍ଡ ମନି ଲଣ୍ଡରିଂ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୋନିଆଙ୍କୁ ପଚରାଉଚରା କରିବା ପାଇଁ ସମନ ଜାରି କରିଥିଲା । ସୋନିଆଙ୍କୁ ଇଡି ଜୁନ ୮ରେ ହାଜର ▶▶ପୃଷ୍ଠା ୭

## ଆହୁରି ସଶକ୍ତ ହେବ ଭାରତୀୟ ବାୟୁସେନା : ଭାରତରେ ନିର୍ମାଣ ହେବ ୧୦୦ ଫାଇଟର ଜେଟ୍



ନୂଆଦିଲ୍ଲୀ, ୧୨/୦୬ : ମେକ୍ ଇନ୍ ଇଣ୍ଡିଆକୁ ଅଧିକ ଗତି ଦେବାକୁ ଭାରତୀୟ ବାୟୁସେନା ନେବାକୁ ଯାଉଛି ବଡ ନିଷ୍ପତ୍ତି । ଭାରତୀୟ ବାୟୁସେନା ଭାରତରେ ହିଁ ୧୦୦ଟି ଆଡଭାନ୍ସ ଫାଇଟର ଜେଟ୍ ନିର୍ମାଣ କରିବାକୁ ଯୋଜନା କରୁଛି । ଏଥିପାଇଁ ଏୟାରଫୋର୍ସ ଗ୍ଲୋବାଲ ବିମାନ ନିର୍ମାଣକର୍ତ୍ତାଙ୍କ ସହିତ କଥାବାର୍ତ୍ତା ଆରମ୍ଭ କରିଛି । ସେନାର ଉଚ୍ଚ ଅଧିକାରୀଙ୍କ କହିବା ମୁତାବକ, ଏହା ପ୍ରଥମ ଥର ହେବ ଯେ, ବାୟୁସେନାର ଏହି ପ୍ରୋଜେକ୍ଟ ପାଇଁ ୭୦ ପ୍ରତିଶତ ଅର୍ଥ ଭାରତୀୟ ମୁଦ୍ରାରେ କରାଯିବ । ତେବେ ଏହି ପ୍ରୋଜେକ୍ଟରେ ମୋଟ ୯୬ଟି ବିମାନ ନିର୍ମାଣ କରାଯିବ । ଯେଉଁଥିରୁ କେବଳ ୩୬ଟି ବିମାନ ପାଇଁ ଭାରତୀୟ ଓ ବିଦେଶୀ ମୁଦ୍ରାରେ ଟଙ୍କା ଦିଆଯିବ ଆଉ ବାକି ୬୦ଟି ବିମାନ ପାଇଁ କେବଳ ଭାରତୀୟ ମୁଦ୍ରାରେ ପେମେଣ୍ଟ ଦିଆଯିବ । ତେବେ ଭାରତୀୟ ବାୟୁସେନା ମୋଟ ୧୧୪ଟି ବିମାନ କିଣିବାକୁ ଯୋଜନା ପ୍ରସ୍ତୁତ କରିଛି । ଯାହାଦ୍ୱାର ସେନାର ଶକ୍ତି ବଢିବ । ଅନ୍ୟପଟେ ଏହି ପ୍ରୋଜେକ୍ଟରେ ମିଗ୍ ସିରିଜ୍ ବିମାନକୁ ବଦଳାଯିବ । ତେବେ ଭାରତୀୟ ସେନାର ଏହି ପ୍ରୋଜେକ୍ଟ ପାଇବା ପାଇଁ ବୋଇଂ, ଲକହୀଡ ମାର୍ଟିନ,ଏମଆଇଜି, ଡସାଲ୍ଟ ଭଳି କମ୍ପାନୀ ରେସରେ ଅଛନ୍ତି । ଯାହାକି ଆଗାମୀ ୩ ବର୍ଷ ଭିତରେ ପୂରା ହୋଇପାରେ ।

## ମୁଖ୍ୟମନ୍ତ୍ରୀଙ୍କୁ ଭେଟିଲେ ସୌରଭ



ଭୁବନେଶ୍ୱର, ୧୨/୦୬ (ନି.ପ୍ର): ବିସିସିଆଇ ସଭାପତି ସୌରଭ ଗାଙ୍ଗୁଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଭେଟିଛନ୍ତି । ସେ ବାରବାଟୀ ଷ୍ଟାଡିୟମ ଯିବା ପୂର୍ବରୁ ନବୀନ ନିବାସରେ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ । ଗାଙ୍ଗୁଲିଙ୍କୁ ଭେଟି ନବୀନ ଖୁସି ଅନୁଭବ କରିଥିଲେ । ଏହା ଏକ ସୌଜନ୍ୟମୂଳକ ସାକ୍ଷାତକାର ଥିଲା ବୋଲି ଗାଙ୍ଗୁଲି କହିଛନ୍ତି । ଏହି ଅବସରରେ ୫ଟି ସଚିବ ଭିକେ ପାଣ୍ଡିଆନ, ଓଡ଼ିଶା କ୍ରିକେଟ ଆସୋସିଏସନ (ଓସିଏ) ସଂପାଦକ ସଂଜୟ ବେହେରା ଓ ପୂର୍ବତନ ଅନ୍ତର୍ଜାତୀୟ କ୍ରିକେଟର ଦେବାଶିଷ ମହାନ୍ତି ଉପସ୍ଥିତ ଥିଲେ ।

## ପୁଲୱାମାରେ ଏନକାଉଣ୍ଟର : ୩ ଆତଙ୍କବାଦୀ ନିପାତ

ନୂଆଦିଲ୍ଲୀ, ୧୨/୦୬ : ପୁଲୱାମାର ଡ୍ରାବଗାମ ଅଞ୍ଚଳରେ ଘଟିଥିବା ଏନକାଉଣ୍ଟରରେ ୩ ଜଣ ଆତଙ୍କବାଦୀ ନିପାତ ହୋଇଛନ୍ତି । ସେମାନଙ୍କ ଠାରୁ ବ୍ୟାପକ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ ସମେତ ଅପରାଧିକ ସାମଗ୍ରୀ ଉଦ୍ଧାର କରାଯାଇଛି । ଏହି ସ୍ଥାନରେ ସର୍ଚ୍ଚ ଅପରେସନ୍ ଜାରି ରହିଛି । ନିହତ ଆତଙ୍କବାଦୀଙ୍କ ମଧ୍ୟରୁ ଜଣେ ଆତଙ୍କବାଦୀଙ୍କ ପରିଚୟ ଜୁନୈଦ ଶିରଗୋଜରୀ ବୋଲି ଜଣାପଡିଛି । ନିହତ ଆତଙ୍କବାଦୀମାନେ ଆତଙ୍କବାଦୀ ସଂଗଠନ ଏଲଇଟି ବୋଲି ଜଣାପଡିଛି । ପରିଚୟ ମିଳିଥିବା ଆତଙ୍କବାଦୀ ଜୁନେଦ ଶିରଗୋଜରୀ ମେ ୧୩ ରେ ପୋଲିସ କର୍ମୀ ସହିଦ ରେୟାଜ ଅହମ୍ମଦଙ୍କୁ ହତ୍ୟା କରିବାରେ ଜଡିତ ଥିଲା ବୋଲି କାଶ୍ମୀରର ପୋଲିସ ମହାନିରୀକ୍ଷକ (ଆଇଜିପି) କହିଛନ୍ତି । ଏହା ପୂର୍ବରୁ ପୁଲୱାମାର ଡ୍ରାବଗାମ ଅଞ୍ଚଳରେ ଏନକାଉଣ୍ଟରରେ ଜାମ୍ମୁ କାଶ୍ମୀର ପୋଲିସ ଜଣେ ଆତଙ୍କବାଦୀଙ୍କୁ ହତ୍ୟା କରିଥିଲା । ସନ୍ଧ୍ୟା ପ୍ରାୟ ୬.୫୫ ରେ ଏନକାଉଣ୍ଟର ଆରମ୍ଭ ହୋଇଥିଲା ।

## ଚାଲିଲା ଯୋଗୀଙ୍କ ବୁଲଡୋଜର: ଭାଙ୍ଗିଲା ହିଂସାକାରୀଙ୍କ ଘର ଓ ଦୋକାନ



ନୂଆଦିଲ୍ଲୀ, ୧୨/୦୬ : ପୁଣି ଚାଲିଲା ଯୋଗୀଙ୍କ ବୁଲଡୋଜର । ଭାଙ୍ଗିଲା ହିଂସାକାରୀ ଘର, ଦୋକାନ, ଜବତ ଦେଲା ସମ୍ପତ୍ତି । ବିଜେପି ସାଂସଦ ନୂପୁର ଶର୍ମାଙ୍କ ବୟାନକୁ ନେଇ ବିକ୍ଷୋଭ ବେଳେ ହୋଇଥିବା ହିଂସାକାଣ୍ଡରେ ସମ୍ପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କ ଘର ଉପରେ ଚାଲିଲା ବୁଲଡୋଜର । ଶୁକ୍ରବାର ନମାଜ ପାଠ ପରେ ମୁସଲିମ ସମ୍ପ୍ରଦାୟର ଲୋକେ ବିକ୍ଷୋଭ ବେଳେ ସରକାରୀ ସମ୍ପତିର ପୋଡାଜଳା କରିବା ସହ ପୋଲିସ ଉପରେ ଟେକା, ପଥର ପକାଇଥିଲେ । ଏହାପରେ ଆଇନଶୃଙ୍ଖଳା ପରିସ୍ଥିତିର ନିୟନ୍ତ୍ରଣ ପାଇଁ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ଏକ ଉଚ୍ଚସ୍ତରୀୟ ବୈଠକ ଡକାଇଥିଲେ । ପରେ ଯୋଗୀ ହିଂସାରେ ସମ୍ପୃକ୍ତ ବ୍ୟକ୍ତିଙ୍କ ଘର, ଦୋକାନ ଭାଙ୍ଗିବାକୁ ନିର୍ଦ୍ଦେଶ ଦେବା ସହ ସେମାନଙ୍କର ବେଆଇନ ଆୟ ଉପରେ ଅଧିକ ସୂଚନା ଯୋଗାଡ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଏଥିସହ କେତକ ସ୍ଥାନରେ ହିଂସାକାଣ୍ଡ ଘଟାଇଥିବା କେତକ ବ୍ୟକ୍ତିଙ୍କ ସମ୍ପତି ଜବତ ହୋଇଛି । ତେବେ ଏଥିରେ ସାମିଲ ଥିବା ଗରିବ ଲୋକଙ୍କୁ ଛାଡିଦେବାକୁ ଯୋଗୀ ଆଦିତ୍ୟନାଥ ନିର୍ଦ୍ଦେଶ ଦେଇଛନ୍ତି । ଶନିବାର ବହୁ ସ୍ଥାନରେ ଅଭିଯୁକ୍ତମାନଙ୍କ ଘର ଭଙ୍ଗାଯାଇଥିବା ବେଳେ ଆଜି ବି ଭଙ୍ଗା ଚାଲିଛି । ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପରାମର୍ଶଦାତା ମୃତ୍ୟୁଞ୍ଜୟ କୁମାର କହିଛନ୍ତି, ହିଂସାକାରୀମାନେ ସବୁବେଳେ ମନେ ରଖିବା ଉଚିତ ଯେ ଶୁକ୍ରବାର ପରେ ଶନିବାର ଆସେ ।

## ରାଜ୍ୟର ୧୩ ଜିଲ୍ଲାରେ କାଳବୈଶାଖୀ ସମ୍ଭାବନା



ଭୁବନେଶ୍ୱର, ୧୨/୦୬ (ନି.ପ୍ର): ଆଗାମୀ ୨୪ ଘଣ୍ଟା ମଧ୍ୟରେ, ଅର୍ଥାତ୍ ୧୩ ତାରିଖ ସୋମବାର ମଧ୍ୟାହ୍ନ ସୁଦ୍ଧା ଓଡ଼ିଶାର ୧୩ଟି ଜିଲ୍ଲାରେ କାଳବୈଶାଖୀର ସମ୍ଭାବନା ରହିଛି । ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଏ ନେଇ ପୂର୍ବାନୁମାନ କରାଯାଇଛି । କେନ୍ଦ୍ର ପକ୍ଷରୁ କୁହା ଯାଇଛି ଯେ ରାଜ୍ୟର କୋରାପୁଟ, ମାଲକାନଗିରି, କଳାହାଣ୍ଡି, ରାୟଗଡ଼ା, କନ୍ଧମାଳ, ନୂଆପଡ଼ା, ଗଜପତି, ଗଂଜାମ, ମୟୂରଭଂଜ, କେନ୍ଦୁଝର, ସୁନ୍ଦରଗଡ଼, ବାଲେଶ୍ୱର ଓ ନବରଙ୍ଗପୁର ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ କାଳବୈଶାଖୀ ଜନିତ ଘୂର୍ଣ୍ଣିଝଡ଼ ସହ ବଜ୍ରପାତ ଓ ବର୍ଷା ହେବାର ସମ୍ଭାବନା ରହିଛି । ଏହି ୧୩ଟି ଜିଲ୍ଲା ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି । କାଳବୈଶାଖୀ ସମୟରେ ବଜ୍ରପାତର ଆଶଙ୍କା ରହୁଥିବାରୁ ଲୋକଙ୍କୁ ଏହି ସମୟରେ ଖୋଲାସ୍ଥାନକୁ ନ ବାହାରିବାକୁ ଅନୁରୋଧ କରାଯାଇଛି । ସେହିପରି ଏହି ସମୟ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଂଜାମ, କନ୍ଧମାଳ, ନବରଙ୍ଗପୁର, କଳାହାଣ୍ଡି ଓ ନୂଆପଡ଼ା ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଥିବା ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନାରେ କୁହାଯାଇଛି ।




# ସ୍ୱେଶାଲ ସ୍କ୍ୱାର୍ଡ ଓ ଧର୍ମଶାଳା ତହସିଲ ପକ୍ଷରୁ ବାଲିଘାଟ ଉପରେ ଚଢଉ

ଧର୍ମଶାଳା,୧୨/୦୬ (ନି.ପ୍ର): ଯାଜପୁର ଜିଲା ଧର୍ମଶାଳା ତହସିଲ ଅନ୍ତର୍ଗତ ମର୍ଜିତାପୁର ସ୍ଥିତ ବ୍ରାହ୍ମଣୀ ନଦୀରେ ବେଆଇନ ବାଲି ଉତୋଳନ ନେଇ ସ୍ୱେଶାଲ ସ୍କ୍ୱାର୍ଡ ଓ ଧର୍ମଶାଳା ତହସିଲ ପକ୍ଷରୁ ଆଜି ସକାଳେ ଚଢଉ କରାଯାଇଥିଲା । ଏହି ଚଢଉ ସମୟରେ ଗୋଟିଏ ପ୍ରୋକଲିନ ମେସିନ,୮ ଗୋଟି ହାଇୱା ଓ ୨ଟି ଟ୍ରାକ୍ଟର ଜବତ ହୋଇଛି । ଗାଡି ଗୁଡିକର କାଗଜପତ୍ର ଯାଂଚ କରାଯିବା ସହିତ ସେମାନଙ୍କ ଠାରୁ ଜରିମାନା ଆଦାୟ କରାଯିବ ବୋଲି ଜଣାପଡିଛି । ଏହି ଚଢଉ ଫଳରେ ସ୍ଥାନୀୟ ଅଂଚଳରେ ବାଲି ମାଫିଆ ମହଲରେ କୋକୁଆ ଭୟ ସୃଷ୍ଟି ହୋଇଛି ।

ସୂଚନା ମୁତାବକ, ଏହି ତହସିଲ ଅନ୍ତର୍ଗତ ମର୍ଜିତାପୁର ଠାରେ ସରକାରଙ୍କ ପକ୍ଷରୁ ବାଲି ଘାଟ ଲିଜ ଦିଆଯାଇଛି । ତେବେ ଏଠାରୁ କିଛି ମାଫିଆ ବାଲି ଉତୋଳନ ନକରି ଅନ୍ୟତ୍ର ନଦୀରୁ ବେଆଇନଭାବେ ବାଲି ଉତୋଳନ କରୁଥିଲେ । ଯାହାକୁ ନେଇ ପ୍ରଶାସନ ନିକଟରେ ବାରମ୍ବାର ଅଭିଯୋଗ ହୋଇଥିଲା । ଫଳରେ ଆଜି ସକାଳେ ସ୍ୱେଶାଲ ସ୍କ୍ୱାର୍ଡ ଓ ତହସିଲ ପକ୍ଷରୁ ଏହି ଚଢଉ କରାଯାଇଥିଲା ।

## ଶାରୀରିକ ଭିନ୍ନକ୍ଷମ ବାଳିକା ଯାଜ୍ଞାସେନୀଙ୍କୁ ସହାୟତା ପାଇଁ ନିବେଦନ

ନୂଆପଡ଼ା,୧୨/୦୬ (ନି.ପ୍ର): ନୂଆପଡା ଜିଲ୍ଲା ଖଡ଼ିଆଳ ବ୍ଲକ ଅନ୍ତର୍ଗତ ଚନାବେଡା ଗ୍ରାମର ଯଜ୍ଞାସିନୀ ହାତୀ ବୟସ ମାତ୍ର ୮ ବର୍ଷ ର ହୋଇଥିବା ବେଳେ ନିଜ ଜୀବନ ବଂଚିବା ପାଇଁ ସଂଗ୍ରାମ କରୁଅଛି । ତାଙ୍କ ପିତା ଦ୍ୱିବସୁତ ଏବଂ ମାଁ ଜୟନ୍ତୀ ପରିବାର ନେଇ ଦାଦନ ରୂପେ ରାଜ୍ୟ ବାହାକୁ ଦାଦନ ଖଟି ଯାଇଛନ୍ତି । ଯାଜ୍ଞାସିନୀ ବର୍ତମାନ ନିଜ ପରିବାର ଲୋକ ଙ୍କ ପାଖରେ ରହୁଛି । ତାର ଭିନ୍ନକ୍ଷମ ଭତା ମଧ୍ୟ ହୋଇ ପାରିନି । ଭତା ପାଉନ ଥିବା ବେଳେ ସରକାରୀ ଯୋଜନା ମଧ୍ୟ ତାଙ୍କ ପାଇଁ ଅପହଂଚ ହୋଇପଡିଛି । ଆବଶ୍ୟକ ପଦକ୍ଷେପ ନେଇ ତାଙ୍କୁ ଭତା ଯୋଜନାରେ ସାମିଲ କରିବାକୁ ଗ୍ରାମବାସୀ ଦାବି କରଛନ୍ତି । ଏବିଷୟରେ ଖଡ଼ିଆଳ ବିଡ଼ିଓ ନାରାୟଣ ସାହୁ ଙ୍କୁ ଯୋଗାଯୋଗ କରାଯିବାରୁ ତଦନ୍ତ କରି ଆବଶ୍ୟକ ସହାୟତା ଯୋଗାଇଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି ।

# ଆମ ଜଙ୍ଗଲ ଯୋଜନାରେ ବନ ସୁରକ୍ଷା ସମିତି ମାନଙ୍କୁ ଆର୍ଥିକ ଆୟ ବୃଦ୍ଧି ପାଇଁ ସହଯୋଗ ପ୍ରଦାନ

ବଲାଙ୍ଗିର,୧୨/୦୬ (ନି.ପ୍ର): ଲୋଇସିଂହା ରେଞ୍ଜ ଅନ୍ତର୍ଗତ ଲୋଇସିଂହା ବନ ପରିଚାଳନା ୟୁନିଟ ସହାୟତାରେ ବନ ସୁରକ୍ଷା ବବଜା ଓ ଦୂମଦୁମୀ ଗ୍ରାମରେ ଜିଲ୍ଲା ବନ ଅଧିକାରୀ ନୀତିଶ କୁମାରଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହୋଇଯାଇଛି ବନ ସୁରକ୍ଷା ସମିତିକୁ ଆମ ଜଙ୍ଗଲ ଯୋଜନାରେ ସାହାଯ୍ୟ ପ୍ରଦାନ । ବନ ସୁରକ୍ଷା ବ୍ୟତୀତ ସଭ୍ୟ ମାନଙ୍କୁ ଅଧିକ ଆୟର ସୁଯୋଗ ପ୍ରଦାନ କରିବାକୁ ସେମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ଼ କରିବାକୁ ପ୍ରବେଶ ବିନ୍ଦୁ କାର୍ଯ୍ୟକ୍ରମରେ ଯୁଗ୍ମ ବନ ପରିଚାଳନା ପ୍ରସ୍ତାବ ୨୦୧୧ ଅନୁସାରେ ଏହି ସହଯୋଗ କରାଯାଇଛି । ରେଞ୍ଜ ଅଧିକାରୀ ପାଉଳ ହରପଲ୍ ବନ ସୁରକ୍ଷା ସମିତି ସଭ୍ୟ ମାନଙ୍କୁ ବାସନ କୁସନ୍ ଟେଣ୍ଟ ଅନ୍ୟ ଆବଶ୍ୟକୀୟ ସରଞ୍ଜାମ ବିତରଣ କରିଥଲେ । ସୁନିଲ କୁମାର ମିଶ୍ର ଫରେଷ୍ଟର ସରଗାଡ, ଶ୍ରୀ ଥନ ସୁନ୍ଦର ଧରୁଆ ଫରେଷ୍ଟର ଲୋଇସିଂହା, ଫରେଷ୍ଟ ଗାର୍ଡ ରାଜକୁମାର ଭୁଏ, ମାନସୀ ସ୍ୱାଇଁ, ଦନିଆଲ ସୁନା, ଅଶୋକ ତ୍ରିପାଠୀ, ସହଯୋଗୀ ଅଣ ସରକାରୀ ସଙ୍ଗଠନ ଦଳର ନେତା ଉପସ୍ଥିତ ରହି ବନ ସୁରକ୍ଷା ସମିତିକୁ ନୂତନ ବନ ସୃଷ୍ଟି, ଜୀବଜନ୍ତୁଙ୍କ ରକ୍ଷା, ନିଆଁ ଦାଉରୁ ବନକୁ ସୁରକ୍ଷିତ ରଖିବା ଓ ପରିବେଶ ସୁରକ୍ଷା ଦିଗରେ ସଚେତନ କରିଥଲେ ।

# ଦେଓଗାଁ ବ୍ଲକରେ ଅଧପନ୍ତରିଆ ହୋଇଥିବା ୫-ଟି ସ୍କୁଲ ଲୋକାର୍ପିତ

ବଲାଙ୍ଗିର,୧୨/୦୬ (ନି.ପ୍ର): ରାଜ୍ୟ ସରକାର ସ୍କୁଲର ସୌନ୍ଦର୍ଯ୍ୟକରଣ ପାଇଁ ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ବିଭିନ୍ନ ସ୍କୁଲକୁ ୫-ଟିରେ ସାମିଲ କରି ଲକ୍ଷାଧିକ ଟଙ୍କା ଅନୁଦାନ ଦେଇଛନ୍ତି, କିନ୍ତୁ ସବୁ ସ୍କୁଲଗୁଡିକ ଅଧପନ୍ତରିଆ ଭାବେ ରହିଛି । ତରବରିଆ ଭାବେ କାମ କରୁଛନ୍ତି ଠିକାଦାର । କେଉଁଠି ସୌନ୍ଦର୍ଯ୍ୟକରଣ ବାକି ଅଛି ତ ପୁଣି କୋଉଠି ଶୌଚାଳୟ ନିର୍ମାଣ ହୋଇନି । ହେଲେ ଏହି ପରିପ୍ରେକ୍ଷୀରେ ଭର୍ଚୁଆଲ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଧପନ୍ତରିଆ ରୂପାନ୍ତରିତ ସ୍କୁଲଗୁଡ଼ିକୁ ଉଦ୍ଘାଟନ କରିଥିବାରୁ ଲୋକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି ।

ଶୁକ୍ରବାର ସଂନ୍ଧ୍ୟା ୬ଟାରେ ବଲାଙ୍ଗିର ଜିଲାରେ ୧୦୦ଟି ସ୍କୁଲ ମଧ୍ୟରେ ଦେଓଗାଁ ବ୍ଲକର ୧୩ଟି ସ୍କୁଲକୁ ଉଦ୍ଘାଟନ କରାଯାଇଛି । ବଡ଼ବନ୍ଧ ସ୍ଥିତ ପୂର୍ଣ୍ଣଚନ୍ଦ୍ର ହାଇସ୍କୁଲରେ ନିମ୍ନମାନର କାମ ହୋଇଥିବା ବେଳେ ମଂଚ, ଶୌଚାଳୟ, ସୌନ୍ଦର୍ଯ୍ୟକରଣ କାମ ଅଧାପନ୍ତରିଆ ହୋଇ ପଡ଼ିରହିଛି । ଏପରିକି ନନବ୍ରାଣ୍ଡେଡ଼ ଇଲୋକ୍ଟ୍ରୋନିକ୍ସ ସାମଗ୍ରୀ ଆଣି ବ୍ରାଣ୍ଡେଡ଼ ନାଁରେ ଲକ୍ଷାଧିକ ଟଙ୍କାର ବିଲ କରିଥିବା ପୂର୍ବତନ ଛାତ୍ରମାନେ ଅଭିଯୋଗ କରିଛନ୍ତି । ଖାଲି ଏହି ଗୋଟିଏ ସ୍କୁଲ ନୁହେଁ ଦେଓଗାଁ ବ୍ଲକରେ ୧୩ଟି ରୂପାନ୍ତରିକରଣ ହାଇସ୍କୁଲକୁ ବ୍ଲକ ପ୍ରଶାସନ ବିନା ଟେଣ୍ଡରରେ କମିସନ କାରବାର କରି ନିମ୍ନମାନର ସାମଗ୍ରୀ ଯୋଗାଇଥିବା ବିଭିନ୍ନ ସ୍କୁଲର ଶିକ୍ଷକମାନେ ଅଭିଯୋଗ କରିଛନ୍ତି । ଧଣ୍ଡାମାଲ ଓ ବଡ଼ବନ୍ଧ ସ୍କୁଲରେ କାମ ଶେଷ ହୋଇନଥିବା ବେଳେ ରାମଚନ୍ଦ୍ରପୁର ଓ ବ୍ରାହ୍ମଣୀଯୋରରେ ବି ସମାନ ଅବସ୍ଥା । ବନ୍ଧପଡ଼ା ହାଇସ୍କୁଲରେ ହାତ ଧୋଇବା ପାଇଁ ନିର୍ମାଣ ହୋଇଥିବା ଟେପ୍ ଗୁଡ଼ିକର ଟାଇଲ୍ସ ଭାଙ୍ଗି ଯାଇଥିବା ବେଳେ ପୁରୁଣା କାନ୍ଥରେ ନୂଆ ରଙ୍ଗ ଚକ୍‌ଚକ୍ କରୁଛି । ଏହି ୫-ଟି ହାଇସ୍କୁଲକୁ ଦେଖିଲେ ବାରି ହେଉଛି କେମିତି ଭାବେ ୫-ଟିର ରୂପାନ୍ତରିତ କାମ ହୋଇଛି । କେଉଁଠି ସ୍କୁଲରେ କାନ୍ଥରେ ଫାଟ ସୃଷ୍ଟି କରିଛି ତ ଆଉ କେଉଁଠି ତରବରିଆ ଭାବେ ଗଛ ଲଗାଇ ସ୍ଥାନ ଗୁଡ଼ିକର କାମ କରାଯାଉଛି । ଏପରିକି ଶୌଚାଳୟ ନିର୍ମାଣ ଅଧପନ୍ତରିଆ ଥିବା ବେଳେ ସୌନ୍ଦର୍ଯ୍ୟକରଣ ପାଇଁ ଲଗାଯାଇଥିବା ଘାସ ଓ ଗଛ ପାଉଁଶ ହୋଇଯାଇଥିବା ଦେଖିବାକୁ ମିଳିଛି । ସ୍କୁଲଠାରୁ ଲକ୍ଷାଧିକ ଟଙ୍କା ନେଇ ବ୍ଲକ କର୍ତୁପକ୍ଷ ନିମ୍ନମାନର ପଙ୍ଖା ଓ ବିଜ୍ଞାନଗାର ସାମଗ୍ରୀ ବିନା ଟେଣ୍ଡରରେ ଯୋଗାଇ ଦେଇଥିବା ପୁରାତନ ଛାତ୍ରମାନେ ଅଭିଯୋଗ କରିଛନ୍ତି । ବିଦ୍ୟାଳୟ ଗୁଡ଼ିକରେ ଅତ୍ୟାଧୁନିକ ଶିକ୍ଷା ପରିବେଶ ସୃଷ୍ଟି ପାଇଁ ରାଜ୍ୟ ସରକାର ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରି ଆଧୁନିକରଣ କରୁଥିବା ବେଳେ ପଚାଂୟତ କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ନାଁରେ କାର୍ଯ୍ୟାଦେଶ ଆଣି ଯନ୍ତ୍ରୀମାନେ ଦଳୀୟ କର୍ମୀଙ୍କୁ ଠିକାଦାର ଭାବେ ବ୍ୟବହାର କରୁଥିବା ଦେଖାଦେଇଛି । ଫଳରେ ନିମ୍ନମାନର କାମ ହୋଇ କାନ୍ଥ ଗୁଡ଼ିକ ଭାଙ୍ଗିବାକୁ ବସିଲାଣି । ସରକାର ରୂପାନ୍ତରିକରଣ କରୁଥିବା ପ୍ରତି ସ୍କୁଲକୁ ୪୫ ଲକ୍ଷ ଟଙ୍କା ଦେଉଥିବା ବେଳେ ଏଥିରୁ ୨୬ ଲକ୍ଷ ଟଙ୍କାର ବିନା ଟେଣ୍ଡରରେ ସାମଗ୍ରୀ ଯୋଗାଉଛି ବ୍ଲକ ପ୍ରଶାସନ । ବଡ଼ବନ୍ଧ ହାଇସ୍କୁଲର ନିମ୍ନମାନର କାମ ହୋଇଥିବା ଘଟଣା ନେଇ ପୂର୍ବତନ ଛାତ୍ରମାନେ ବିରୋଧ କରିଥିବା ବେଳେ ଯନ୍ତ୍ରୀ ଗିରିସ ଚନ୍ଦ୍ର ପାତ୍ର କୌଣସି ଅନିୟମିତତା ହୋଇନାହିଁ, ସବୁକାମ ଠିକ ହୋଇଛି ବୋଲି କହିଛନ୍ତି ।

# ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କୁ ନାଗରିକ କମିଟିର ସମ୍ବର୍ଦ୍ଧନା

ବଲାଙ୍ଗିର,୧୨/୦୬ (ନି.ପ୍ର): ଆଜି ସକାଳେ ସ୍ଥାନୀୟ ସର୍କିଟ ହାଉସ ଠାରେ ବିଶିଷ୍ଟ ଆଦିବାସୀ ନେତା ତଥା ନବ ନିର୍ବାଚିତ ବିଜେଡି ରାଜ୍ୟସଭା ସାଂସଦ ନିରଞ୍ଜନ ବିଶିଙ୍କୁ ବଲାଙ୍ଗିର ନାଗରିକ କମିଟି ପକ୍ଷରୁ ଫୁଲ ତୋଡ଼ା ଓ ଉପଢୌକନ ଦେଇ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ସ୍ୱାଗତ କରାଯାଇଛି । ଏହି ଅବସରରେ ଶ୍ରୀ ବିଶିଙ୍କ ସହ କମିଟିର ଏକ ପ୍ରତିନିଧି ଦଳ ଜିଲ୍ଲାର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ । ଜଳସେଚନ, ଶିକ୍ଷା ଓ ରେଲୱେ କ୍ଷେତ୍ରରେ ବଲାଙ୍ଗିରକୁ ପ୍ରାଥମିକତା ଦେବା ଉପରେ ନାଗରିକ କମିଟିର ସଦସ୍ୟ ମାନେ ଆଲୋଚନା କରିଥିଲେ । ନାଗରିକ କମିଟିର ସାଧାରଣ ସମ୍ପାଦକ ମନୋରଞ୍ଜନ ସାହୁଙ୍କ ନେତୃତ୍ୱରେ କମିଟିର ସଭାପତି ଇଂ. ବେଲାର ସିଂହ ଭୋଇଙ୍କ ସମେତ ସହସମ୍ପାଦକ ଚକ୍ରପାଣି ଦାଶ, ବରିଷ୍ଠ ସଭ୍ଯ ଅଶୋକ ମିଶ୍ର, ଆର୍ତତ୍ରାଣ ମିଶ୍ର, ରଘୁନନ୍ଦନ ସିଂହ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ବଲାଙ୍ଗିର ଜିଲ୍ଲାର ବିଭିନ୍ନ ମୌଳିକ ସମସ୍ୟାର ସମାଧାନ ଦିଗରେ କାମ କରିବେ ବୋଲି ଶ୍ରୀ ବିଶି କମିଟି ସଭ୍ୟ ମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ସୂଚନାଯୋଗ୍ୟ ଯେ, ଆଜି ଜିଲ୍ଲା ଆଦିବାସୀ କଲ୍ୟାଣ ମହାସଂଘ ପକ୍ଷରୁ ପାଟଣାଗଡ ଠାରେ ସାଂସଦ ବିଶିଙ୍କୁ ନାଗରିକ ସମ୍ବର୍ଦ୍ଧନା ଦିଆଯିବା ସହ ଦଳୀୟ କର୍ମୀ ସମାବେଶ ଅନୁଷ୍ଠିତ ହେବ । ଏଥିରେ ବିଜେଡିର ସମସ୍ତ ନିର୍ବାଚିତ ପ୍ରତିନିଧି ଓ କର୍ମକର୍ତା ଯୋଗଦେବାର କାର୍ଯ୍ୟକ୍ରମ ରହିଛି ।

# ଯୁବକ ଓ ଯୁବତୀଙ୍କୁ ଉଲଗ୍ନ କରି ଭିଡିଓ ଉତ୍ତୋଳନ ମାମଲା: ଜଣେ ନାବାଳକ ସହ ୫ ଗିରଫ

ଜୟପୁର,୧୨/୦୬ (ନି.ପ୍ର): ଯୁବକ ଓ ଯୁବତୀଙ୍କୁ ଛୁରି ଦେଖାଇ ପାହାଡକୁ ନେଇ ଉଲଗ୍ନ କରି ଭିଡିଓ ଉତୋଳନ ମାମଲାରେ ଜୟପୁର ଟାଉନ ପୋଲିସ ଜଣେ ନାବାଳକ ସହ ୫ଜଣଙ୍କୁ ଗିରଫ କରିଛି । ଏନେଇ ଜୟପୁର ଟାଉନ ଥାନରେ ଏସଡିପିଓ ଅରୁପ ଅଭିଷେକ ବେହେରା ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ଯେ ଜୟପୁର ପାରାବେଡା ଲୋକନାଥ ମନ୍ଦିର ନିକଟରେ ୨ ଜଣ ଯୁବକ ଓ ଯୁବତୀ ୨ ସାଙ୍ଗ କଥା ହେଉଥିବା ବେଳେ ପ୍ରଥମେ ୨ ଜଣ ଦୃବୃର୍ତ ଛୁରି ଦେଖାଇ ନିକଟ ପାହାଡକୁ ନେଇଥିଲେ । ପାହାଡରେ ଅନ୍ୟ ୩ଜଣ ଦୁବୃର୍ତ୍ତ ମିଶି ଯୁବକ ମାଡ ମାରି ଯୁବତୀ ଓ ଯୁବକକୁ ଉଲଗ୍ନ କରି ଭିଡିଓ ଉତୋଳନ କରିଥିଲେ । ଏହାସହ ୫୦ ହଜାର ଟଙ୍କା ଦେବା ପାଇଁ ବ୍ଲାକମେଲ କରିଥିଲେ । ଟଙ୍କା ନଦେଲେ ସାମାଜିକ ଗଣମାଧ୍ୟମରେ ଭାଇରାଲ କରିବାରୁ ଧମକ ଦେଲେ । ଏହି କଥା ଅନ୍ୟ କାହା ଆଗରେ ପ୍ରଘଟ କଲେ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ । ଯୁବକ ଓ ଯୁବତୀ ଜଣ ବହୁ କାକୁତି ବିନତି ହେଲେ ମଧ୍ୟ ଦୁବୃର୍ତମାନେ କର୍ଣ୍ଣପାତ କଲେ ନାହିଁ । ଯୁବକ ଜଣ ଭୟଭୀତ ହୋଇ ପ୍ରଥମ କିସ୍ତିରେ ୭ ହଜାର ଟଙ୍କା ଦେଇଥିବା ବେଳେ ପରବର୍ତୀ ସମୟରେ ୧୩ ହଜାର ଟଙ୍କା ଦେବି କହିଥିଲେ । ଆଉ ୩୦ ହଜାର ଟଙ୍କା ୧ମାସ ଭିତରେ ଦେବାକୁ କହିଥିଲେ । ଏନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହେବାରୁ ଟାଉନ ଥାନା ଅଧିକାରୀ ସଞ୍ଜୟ କୁମାର ମଣ୍ଡଳଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇଥିଲା । ଯୁବକ ଜଣକ ୧୩ ହଜାର ଟଙ୍କା ଦେବା ସମୟରେ ଟାଉନ ପୋଲିସ ଦୁବୃର୍ତଙ୍କୁ ଗିରଫ କରିବାରେ ସଫଳ ହୋଇଥିଲା । ଏହି ମାମଲାରେ ଜଣେ ନାବାଳକ ସହ ୫ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଜୟପୁରର କାଉଡମ୍ଭ ସାହିର ଦିପକ ସୌଦ (୨୦) ଟୁକୁନା ଜାନି (୧୯) ରୋହିତ ଗରଡା (୨୦) କପିଳ ପରିଛା (୨୬) । ଗିରଫ ଅଭିଯୁକ୍ତ ଙ୍କ ଠାରୁ ଛୁରି ୨ଟି ମୋବାଇଲ, ୭ ହଜାର ଟଙ୍କା , ସ୍କୁଟି ଗାଡି ଜବତ କରିଛି । ୪ ଜଣ କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ନାବାଳକକୁ ଜୁଭେଲାଇନ ଜଷ୍ଟିସ ବୋର୍ଡ ଙ୍କ ନିକଟରେ ହାଜର କରାଯାଇଛି । ଏନେଇ ଆଜି ଜୟପୁର ଏସଡିପିଓ ଅରୁପ ଅଭିଷେକ ବେହରା ଏକ ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ସୂଚନା ଦେଇଛନ୍ତି ।

# ଶ୍ରୀଅଲାରନାଥଙ୍କ ଅନବସର ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା

ପୁରୀ,୧୨/୦୬ (ନି.ପ୍ର): ବ୍ରହ୍ମକ୍ଷେତ୍ର ବ୍ରହ୍ମଗିରିରେ ଚତୁର୍ଦ୍ଧାମୂର୍ତି ଶ୍ରୀଅଲାରନାଥ ଦେବ ବିଜେ କରିଛନ୍ତି । ସ୍ନାନପୂର୍ଣ୍ଣମୀ ଦିନ ସ୍ନାନ ବେଦିରେ ୧୦୮ ଅଭିମନ୍ତ୍ରିତ ଅଧିବାସ ଜଳରେ ସ୍ନାନ କରିବା ପରେ ଶ୍ରୀଜୀଉମାନେ ଜ୍ୱରରେ ପୀଡ଼ିତ ହୋଇ ୧୫ ଦିନ ଅଣସର ପିଣ୍ଡିରେ ବିଜେ କରିବେ । ଏହି ସମୟରେ ଭକ୍ତମାନେ ଶ୍ରୀଜୀଉଙ୍କ ଦର୍ଶନ ନପାଇ ବ୍ରହ୍ମଗିରି ସ୍ଥିତ ଶ୍ରୀଅଲାରନାଥଙ୍କୁ ଚତୁର୍ଦ୍ଧାମୂର୍ତି ନାରାୟଣ ହିସାବରେ ଦର୍ଶନ କରି ମହାପୂଣ୍ୟ ଅର୍ଜନ କରିବା ବିଶ୍ୱାସ ରହିଛି । ଗତ ଦୁଇବର୍ଷ ଧରି କରୋନା କଟକଣା ଯୋଗୁ ଅନବସର ସମୟରେ ଭକ୍ତମାନେ ପ୍ରଭୁଙ୍କୁ ଦର୍ଶନ କରିପାରିନଥିଲେ । ଚଳିତବର୍ଷ ଭକ୍ତ ଯୁକ୍ତ ଅନବସର ବେଶ ଦର୍ଶନ ପାଇଁ ପ୍ରବଳ ଗହଳି ହେବାର ସମ୍ଭାବନା ରହିଛି । ଏଥିପାଇଁ ପ୍ରାକ ପ୍ରସ୍ତୁତି କରାଯାଇଛି । ଶ୍ରୀଅଲାରନାଥ ମନ୍ଦିରରେ ୧୬ଟି ସିସିଟିଭି ବିଭିନ୍ନ ସ୍ଥାନରେ ଲଗାଯିବ । ମନ୍ଦିର ଭିତର ଜଗମୋହନ , ନାଟମଣ୍ଡପ , ଜୟବିଜୟ ଦ୍ୱାର,ମହାଲକ୍ଷ୍ମୀଙ୍କ ମନ୍ଦିର, ଦୋଳବେଦୀ, ଆନନ୍ଦବଜାର ଓ ସିଂହଦ୍ୱାର ସମେତ ଅନ୍ୟାନ୍ୟ ସ୍ଥାନରେ ଏହି ସିସିଟିଭି ସ୍ଥାପନ କରାଯିବ । ମନ୍ଦିର ଭିତର ଓ ବହାର ଉଜ୍ଜ୍ୱଳ ଆଲେକୀକରଣ କରାଯିବ । ଚନ୍ଦନ ଚକଡ଼ାରେ କାର ପାର୍କିଂ ବ୍ୟବସ୍ଥା କରାଯାଇଛି । ବସ ଗୁଡ଼ିକ ଢାବା ଛକ ନୂଆ ବସଷ୍ଟାଣ୍ଡରେ ରଖାଯିବ । ସମସ୍ତ କାର୍ଯ୍ୟର ମଧ୍ୟବର୍ତିକାଳୀନ ଟ୍ରଷ୍ଟି ତଥା ତହସିଲଦାର କାହ୍ନୁଚରଣ ଘଡ଼ାଇ ସମସ୍ତ ପ୍ରସ୍ତୁତି କାର୍ଯ୍ୟକୁ ତଦାରଖ କରୁଛନ୍ତି । ଚଳିତମାସ ୧୫ ତାରିଖରୁ ଅନବସର ଦର୍ଶନ ଚାଲୁ ରହିବ । ପ୍ରସ୍ତୁତି ବୈଠକରେ ବିଡ଼ିଓ ଜ୍ୟୋତିପ୍ରକାଶ ସେଠୀ, ଅତିରିକ୍ତ ତହସିଲଦାର ପ୍ରବୋଧ କୁମାର ମହାନ୍ତି,ବିଧାୟକଙ୍କ ପ୍ରତିନିଧି ଅଧିକାରୀ ନାୟକ, ଜିଲ୍ଲାପରିଷଦ ସଭ୍ୟ କୈଳାସଚନ୍ଦ୍ର ପରିଡ଼ା, ସେବାୟତ ନୀଳମଣି ସୁଆର, ନାରାୟଣ ପଣ୍ଡା, ଜଗମୋହନ ସୁଆର,ମଧୁସୂଦନ ପଣ୍ଡା ଦିବାକର ସୁଆର ଓ ଅନ୍ୟାନ୍ୟ କର୍ମକର୍ତାମାନେ ଯୋଗ ଦେଇଥିଲେ । ବୈଠକ ପରେ ଶ୍ରୀଅଲାରନାଥ ମନ୍ଦିରଙ୍କୁ ଧଳାଚୂନ ପ୍ରଲେପ ଦିଆଯାଇଛି । ଏହାସହ ପାନୀୟଜଳ,ରାସ୍ତାଘାଟ ମରାମତି, ବିଦ୍ୟୁତ ବ୍ୟବସ୍ଥାକୁ ସୁବନ୍ଦୋବସ୍ତ କରାଯାଇଛି । ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି । ଶ୍ରୀଅଲାରନାଥଙ୍କ ପୀଠ ଭକ୍ତ ଗହଳି ସମ୍ଭାବନା ଥିବାରୁ ବ୍ରହ୍ମଗିରି ଅଞ୍ଚଳର ଭକ୍ତମାନେ ପ୍ରଭୁଙ୍କ ଦର୍ଶନ ପାଇଁ ଚାହିଁ ରହିଛନ୍ତି ।

# ସିପିଆଇର ନବମ ଜିଲ୍ଲା ସମ୍ମିଳନୀ

କେନ୍ଦ୍ରାପଡା,୧୨/୦୬ (ନି.ପ୍ର): ଭାରତୀୟ କମ୍ୟୁନିଷ୍ଟ ପାର୍ଟି କେନ୍ଦ୍ରାପଡା ଜିଲ୍ଲା ଶାଖାର ୨ ଦିନିଆ ନବମ ଜିଲ୍ଲା ସମ୍ମିଳନୀ ତିନିମୁହାଣୀ ନିକଟବର୍ତୀ ଆଇନ ମହାବିଦ୍ୟାଳୟ ସରଣୀର ଜ୍ୟୋତିର୍ମୟ ଭବନରେ ଅନୁଷ୍ଠିତ ହୋଇଯାଇଛି । ଉଦ୍‌ଘାଟନୀ କାର୍ଯ୍ୟକ୍ରମ ରେ ବରିଷ୍ଠ ଆଇନଜୀବି ପ୍ରଭାତ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉତୋଳନ କରିଥିବା ବେଳେ ବରିଷ୍ଠ ସିପିଆଇ ନେତା ବାବାଜୀ ଧଳ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ । ଏହି ୨ ଦିନିଆ କାର୍ଯ୍ୟକ୍ରମ ରେ ଜିଲ୍ଲାରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଏକ ମେଡିକାଲ କଲେଜ ସ୍ଥାପନା, ଦରଦାମ ବୃଦ୍ଧି ନିୟନ୍ତ୍ରଣ ସମ୍ବନ୍ଧୀତ ପ୍ରସ୍ତାବ ଗୁଡିକ ଉପରେ ଆଲୋଚନା କରାଯାଇ ଦାବି ଉପସ୍ଥାପନ କରାଯାଇଛି । କାର୍ଯ୍ୟକ୍ରମରେ ରାଜ୍ୟ ସଂପାଦକ ମଣ୍ଡଳୀ ସଦସ୍ୟ ଅଭୟ ସାହୁ, ଜୟନ୍ତ ଦାସ, ଜିଲ୍ଲା ସଂପାଦକ ରମଣୀ ରଞ୍ଜନ ରାଉତରାୟ, ସହ ସଂପାଦକ ଆଦିକନ୍ଦ ରାଉଳ, ବିକାଶ ଚନ୍ଦ୍ର ବେହୁରା, ସୁହାନା ବେଗମ, ସୁବାସିନୀ ଭଦ୍ର, ରିହାନା ବେଗମ, ନିରଞ୍ଜନ ଦାସ, ରବିନ୍ଦ୍ର ପଣ୍ଡା ପ୍ରମୁଖ, ସିପିଆଇ ନେତାମାନେ ଅଂଶ ଗ୍ରହଣ କରିଥିଲେ । ଏହି ସମ୍ମିଳନୀରେ ନୂତନ କର୍ମକର୍ତା ନିର୍ବାଚନ କରାଯିବା ପାଇଁ ପ୍ରସ୍ତାବ ରହିଥିବା ସୂଚନା ମିଳିଛି ।

# ବିରିପାଣି ଯାତ୍ରା ଅନୁଷ୍ଠିତ

ଜୟପୁର,୧୨/୦୬ (ନି.ପ୍ର): କୋରାପୁଟ ଜିଲା ଜୟପୁର ବ୍ଲକ ଅନ୍ତର୍ଗତ ଗଡପଦର ଗ୍ରାମ ଠାରେ ଆଜି ବିରିପାଣି ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ପ୍ରତି ବର୍ଷ ପରି ଏଠାରେ ମାଁ ବିରିପାଣିଙ୍କ ଆଦେଶରେ ପରିଚାଳିତ ମାଁ ବରିପାଣି ଯାତ୍ରା ପାଳନ କରାଯାଇଥାଏ । ଗ୍ରାମର ଡିସାରିଙ୍କ ଦିନ ଗଣନା ଅନୁଯାୟୀ ଜ୍ୟେଷ୍ଠ ମାସର ଏକ ଶନିବାର ଏହି ଯାତ୍ରା କରିବାକୁ ସ୍ଥିର କରିଥାଏ । ଆଖ ପାଖରୁ ଲୋକେ ଛେଳି ,କୁକୁଡା , ମେଣ୍ଡା , ପାରା,ନଡିଆ ,ଲିଆ, ମୁଆଁ, ଫୁଲ, କଦଳୀ ଧରି ଗଡପଦର ଗ୍ରାମ ଠାରେ ରୁଣ୍ଡ ହୋଇଥିଲେ । ଦେବୀଙ୍କ ମୁଳ ପିଠ ବଣ୍ଡାମାଳି ପାହାଡକୁ ହାତରେ ମାଁଙ୍କ ପ୍ରତୀକ ଲାଠି ବାଜା, ଧରି ପାହାଡ ଉପରକୁ ଭକ୍ତ ମାନେ ଯାଇଥିଲେ । ଲାଠି ଧାରି ମାନେ ରାସ୍ତାରେ ଯିବା ସମୟରେ ନଡିଆ, କଦଳି, ବୁଦା ପକାଯାଇ ପୁଜା କରାଯାଇଥାଏ । ଏହି ଯାତ୍ରା ପାଇଁ ଗତକାଲି ଠାରୁ ଗ୍ରାମରେ ଲିପା ପୋଛା କରିବା ସହ ମାଁଙ୍କ ମନ୍ଦିରକୁ ସାଜସଜ୍ଜା କରାଯାଇଥିଲା । ଗ୍ରାମର ମଙ୍ଗଳ ପାଇଁ ଏହି ଯାତ୍ରା ବର୍ଷ କୁ ଥରେ ପାଳନ କରାଯାଇଥାଏ । ଏହି ଯାତ୍ରା ବିପୁଳ ଭକ୍ତ ଙ୍କ ସମାଗନ ହୋଇଥିଲା । ପ୍ରବଳ ଭକ୍ତଙ୍କ ସମାଗମ ଦେଖି ବଜାର ମଧ୍ୟ ବସିଥାଏ । ଯୁବତି ଓ ମହିଳା ମାନଙ୍କ ପଇଁ ଚୁଡି, ପାଉଜି, କାନ ଫୁଲ ବସିଥିବା ବଳେ ଖାଇବା ପାଇଁ ମଧ ଲଡୁ, ବୁନ୍ଦି, କାକରା, ଆଡ଼ିସା, ଆଦି ବିକ୍ରି ହୋଇଥାଏ । ଛୋଟ ଛୋଟ ପିଲାମାନଙ୍କ ପାଇଁ ବେଲୁନ, ଖୋଳନା ବସିଥିବା ବେଳେ ଗଡପଦର ଠାରେ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସଦର ପୋଲିସ ମୃତୟନ କରାଯାଇଥିବା ବେଳେ ଭକ୍ତ ସୁବିଧା ପାଇଁ ପଞ୍ଚାୟତ ତରଫରୁ ପାନୀୟ ଜଳର ବ୍ୟବସ୍ଥା କରାଯାଇଥିଲା । ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଗଡପଦର ଗ୍ରାମ ସମେତ ଆଖପାଖ ଗ୍ରାମବାସୀମାନେ କାମଧନ୍ଦାକୁ ନଯାଇ ସମସ୍ତେ ଏହି ଯାତ୍ରା ରେ ଯୋଗ ଦେଇ ଆନନ୍ଦ ଉଲ୍ଲାସ ରେ ପାଳିତ କରିଥିଲେ । ଯାତ୍ରା ରେ ଚଣା, ଖଜା, ମିଠା, ଖେଳନା, ବେଲୁନ, ଯୁବତୀ ଓ ମହିଳା ମାନଙ୍କ ବ୍ୟବହୃତ ସାମଗ୍ରୀ ପ୍ରମୁଖ ବିକ୍ରି କରାଯାଇଥିଲା ମାଙ୍କ ନିକଟରେ ମାନସିକ ଧାରି ଭକ୍ତ ମାନେ ଛେଳି, କୁକୁଡା ଆଦି ବଳି ଦେଇ ଥିବା ଲକ୍ଷ୍ୟ କରାଯାଇଥିଲା ।

# ରୋତ ଧାନ ମଣ୍ଡିକୁ ଅଚାନକ ପରିଦର୍ଶନ କଲେ ନରସିଂହ

ବଲାଙ୍ଗିର,୧୨/୦୬ (ନି.ପ୍ର): ଚାଷୀ ଚାଷ ଆରମ୍ଭ କରିବା ଦିନରୁ ବିଭିନ୍ନ ଉପାୟରେ ସରକାର ଓ ତାଙ୍କ କର୍ମଚାରୀ ଶୋଷଣ କରି ଚାଲିଛନ୍ତି । ବିଭାଗ ପକ୍ଷରୁ ବିହନର ଅଭାବ, ଠିକ୍ ସମୟରେ ଉପଯୁକ୍ତ ସାର ପ୍ରଦାନ ନ କରିବା, ସାରକୁ ନେଇ କଳା ବିଜାରି କରିବା, ଅମଳ ପରେ ଚାଷୀଙ୍କୁ ପଞ୍ଜିକୃତ କରିବାରେ ଟଂଟକତା କରିବା ଏପରି ଅନେକ ପ୍ରକାରେ ଚାଷୀକୁ ହଇରାଣ କରାଯାଉଛି । ଯେତେବେଳେ ଏତେ କଷ୍ଟ ସହି ନିଜ ଧାନକୁ ମଣ୍ଡିରେ ବିକିବାକୁ ଯାଉଛି ବିଭାଗକୁ ବାରମ୍ବାର ତାଗିଦ ସତ୍ୱେ ମଧ୍ୟ ସେମାନେ କ୍ୱିଂଟାଲ ପିଛା ୨ ରୁ ୫ କେଜି ପର୍ଯ୍ୟନ୍ତ କଟନି ଛଟନି କରି ଚାଷୀକୁ ତାର କଷ୍ଟ ଉପାର୍ଜିତ ଧାନ ପାଉଣାରୁ ବଂଚିତ କରୁଛନ୍ତି ବୋଲି ଆଜି ଆଗଲପୁର ବ୍ଲକ ରୋତ ସମବାୟ ସମିତି ଦ୍ୱାରା ଚାଲିଥିବା ଧାନକିଣା କେନ୍ଦ୍ରକୁ ଅଚାନକ ପରିଦର୍ଶନ କରି ସେଠାରେ ଚାଲିଥିବା ଅବ୍ୟବସ୍ଥାକୁ ନେଇ ବଲାଙ୍ଗିର ବିଧାୟକ ନରସିଂହ ମିଶ୍ର କ୍ଷୋଭ ର ସହ କହିଛନ୍ତି । ଆଜି ମଧ୍ୟାହ୍ନ ୧୨.୩୦ମି. ସମୟରେ ଅଚାନକ ବିଧାୟକ ଶ୍ରୀ ମିଶ୍ର ରୋତରେ ଚାଲିଥିବା ଧାନକିଣା କେନ୍ଦ୍ରକୁ ପରିଦର୍ଶନରେ ଯାଇଥିଲେ । ସେଠାରେ ସେ ଯାହା ଦେଖିଲେ ସେଥିରୁ ସ୍ୱଷ୍ଟ ଭାବେ ଦୁର୍ନିତିର ଗନ୍ଧ ବାରି ହେବାକୁ ପଡୁଥିଲା । ପଞ୍ଜିକୃତ ଚାଷୀ ତାଲିକାକୁ ନିରୀକ୍ଷଣ କଲେ ଜଣାପଡୁଥିଲା ଯେ ରୋତ ସମବାୟ ସମିତିରେ ପଞ୍ଜିକୃତ ୧୪୨ ଜଣ ଚାଷୀଙ୍କ ମଧ୍ୟରୁ ଏପରି ଅନେକ ନକଲି ଚାଷୀ ଅଛନ୍ତି ଯେଉଁମାନେ ଏ ବର୍ଷ ଧାନ ଚାଷ କରିନାହାନ୍ତି । ତେଣୁ ଏମାନଙ୍କୁ କିପରି ଭାବରେ ଦାୟିତ୍ୱରେ ଥିବା ଅଧିକାରୀମାନେ ଧାନ କିଣିବା ପାଇଁ ପଞ୍ଜିକୃତ କଲେ । ଏପରି ଅନେକ ନକଲି ଚାଷୀ ଧାନ ବିକିଥିବା ବେଳେ ପ୍ରକୃତ ଧାନ ଅମଳ କରିଥିବା ଚାଷୀ ପଞ୍ଜିକୃତ ହୋଇପାରିନାହାନ୍ତି । ଯଦି ବି ପଞ୍ଜିକୃତ ହୋଇଛନ୍ତି ସେମାନେ ଆଜି ପର୍ଯ୍ୟନ୍ତ ତାଙ୍କ ଧାନ ବିକିବା ପାଇଁ ଟୋକନ ପାଇନାହାନ୍ତି ବୋଲି ମଣ୍ଡିରେ ଉପସ୍ଥିତ ଥିବା ଚାଷୀମାନେ ଅଭିଯୋଗ କରିଥିଲେ । ଏହାକୁ ନେଇ ଜିଲ୍ଲା ଯୋଗାଣ ଅଧିକାରୀଙ୍କୁ ପ୍ରଶ୍ନ କଲେ ସେ ଚାଷୀଙ୍କୁ ଦୁର୍ବ୍ୟବହାର କରୁଛନ୍ତି ବୋଲି କିଛି ଚାଷୀ ଅଭିଯୋଗ କରିଥିଲେ । ଦରକାର ପଡିଲେ ଯୋଗାଣ ଅଧିକାରୀଙ୍କୁ ଦୁର୍ବ୍ୟବହାର ର ଫୋନ କଲ ରେକର୍ଡିଂ ପ୍ରମାଣ ସହ ପ୍ରଦାନ କରିବେ ବୋଲି ଉପସ୍ଥିତ ଥିବା କିଛି ଚାଷୀ କହିଥିଲେ । ଏଠାରେ ସୂଚନାଯୋଗ୍ୟ ଯେ ଏହି ସମବାୟ ସମିତିରେ ୧୪୨ ଜଣ ଚାଷୀ ପଞ୍ଜିକୃତ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ମାତ୍ର ୬୩ ଜଣ ଚାଷୀଙ୍କୁ ଟୋକନ ପ୍ରଦାନ କରାଯାଇଛି । ଏଥିରୁ ସ୍ୱଷ୍ଟ ଜଣାପଡୁଛି ଯେ ଏଥର ମଧ ଚାଷୀ ଅଭାବ ବିକ୍ରି ଶିକାର ନିଶ୍ଚିତ ଭାବରେ ହେବେ । ଠିକ୍ ସେହିପରି ବୁଦୁଲା ସମବାୟ ସମିତିରେ ମଧ ଶହ ଶହ କ୍ୱିଂଟାଲ ଧାନ ପଡି ରହିଛି କିନ୍ତୁ ବିଭାଗ ତରଫରୁ ସେହି ଧାନକୁ କିଣିବା କୌଣସି ପ୍ରକାର ତତ୍ପରତା ପ୍ରକାଶ କରାଯାଉନାହିଁ । ଏହାକୁ ନେଇ ଚାଷୀମାନେ ଅଭିଯୋଗ କଲା ପରେ ଚାଷୀଙ୍କ ପ୍ରତି ବିଭାଗ ଦ୍ୱାରା ଏପରି ଦାୟିତ୍ୱ ହୀନତାକୁ ବରଦାସ୍ତ କରାଯିବ ନାହିଁ । ଏହାକୁ ନେଇ ସେ ରାଜ୍ୟସ୍ତରୀୟ ଅଧିକାରୀମାନଙ୍କ ସହ ଆଲୋଚନା କରିବେ ବୋଲି ଶ୍ରୀ ମିଶ୍ର କହିଥିଲେ । ବିଧାୟକ ଶ୍ରୀ ମିଶ୍ରଙ୍କ ଅଚାନକ ମଣ୍ଡି ପରିଦର୍ଶନ ସମୟରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ମନମୋହନ ପଟେଲ, ଚିନ୍ତାମଣି ଭୋଇ, ମଧୁ ପଧାନ, କିଶୋର ପଟେଲ, ସଚିକାନ୍ତ ପଟେଲ, ସ୍ଥାନୀୟ ଚାଷୀ ଓ ସମବାୟ ସମିତିର ସଂପାଦକ ଓ ଅନ୍ୟାନ୍ୟ ଧାନକିଣା ଓ ମଣ୍ଡି କର୍ମଚାରୀ ଉପସ୍ଥିତ ଥିଲେ ।

## ଓ୍ୱାଲ ଭିଜନ ତରଫରୁ ସ୍କୁଲ ରୂପାନ୍ତରଣ କାର୍ଯ୍ୟକ୍ରମ

ଭବାନୀପାଟଣା ,୧୨/୦୬ (ନି.ପ୍ର): କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ଅନ୍ତର୍ଗତ ଘଂଟମାଲ ଗ୍ରାମରେ ଆଜି ଶିକ୍ଷାର ଉନ୍ନତି ଓ ଶିଶୁ ଜୀବନର ଲକ୍ଷ୍ୟକୁ ନେଇଁ ଓ୍ୱାଲଡ଼ ଭିଜନ ପକ୍ଷରୁ ଜୀବନ ବିଦ୍ୟାଳୟର ରୂପାନ୍ତରିତ ବିକାଶ ପ୍ରକ୍ରିୟା କାର୍ଯ୍ୟକ୍ରମ ଅନୁଷ୍ଠିତ ହଇଯାଇଛି । ନର୍ଲା ବ୍ଲକ ଅନ୍ତର୍ଗତ ଘଂଟାମାଲ ଓ ଗାଡ଼ବନ୍ଧ ପଞ୍ଚାୟତ ର ୧୭୦ ଛାତ୍ର ଛାତ୍ରୀଙ୍କୁ ନେଇ ଏହି କାର୍ଯ୍ୟକ୍ରମ ଘଣ୍ଟାମଳ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ୧୦ଗୁଟି ଦଳର ଶିଶୁ ମାନେ ବିଭିନ୍ନ ବିଭିନ୍ନ ପ୍ରକାର ନୃତ୍ୟ ଗୀତ ପରିବେଷଣ କରିଥିଲେ । ଉଦଘାଟନ ଉତ୍ସବରେ ମୁଖ୍ୟ ଅତିଥି ପୁଷ୍ପେନ୍ଦ୍ର ସିଂ ଦେଓ କଳାହାଣ୍ଡି ଜିଲ୍ଲା ପରିଷଦ ଅଧକ୍ଷ,ସମ୍ମାନିତ ଅତିଥି ତରୁଣ କୁମାର ନାଏକ, ମୁଖ୍ୟ ବକ୍ତା ସନ୍ତୋଷ କୁମାର କର,ସମ୍ମାନିତ ଅତିଥି କବିତା ବାଗ ଗାଡେବନ୍ଧ ସରପଞ୍ଚ,ମୁଖ୍ୟ ବକ୍ତା ଦେବେନ୍ଦ୍ର କୁମାର ସା,ଓ୍ୱାଲଡ ଭିଜନ ର ମେନଜର ପି ଭି କ୍ରିଷ୍ଣା, ମଞ୍ଚ ପରିଚାଳନା କରି ଥିଲେ ନରୋତମ କରୁଆଁ ସମତେ ସମସ୍ତ କର୍ମକର୍ତା ମାନେ ଉପସ୍ଥିତ ଥିଲେ ।

# ୮୦ ଲକ୍ଷ ଟଙ୍କାର ଗଞ୍ଜେଇ ଜବତ କଲା ପାଡୁଆ ପୋଲିସ

ଜୟପୁର,୧୨/୦୬ (ନି.ପ୍ର): ଗଛିତ ରଖିଥିବା ଗଞ୍ଜେଇ ଉପରେ ଚଡାଉ କରିଛି କୋରାପୁଟ ଜିଲ୍ଲା ପଡୁଆ ପୋଲିସ ।ବିଶେଷ ସୂତ୍ର ରୁ ଖବର ପାଇ ନନ୍ଦପୁର ଏସଡିପିଓ ଙ୍କ ନେତୃତ୍ୱ ରେ ପାଡୁଆ ପୋଲିସ ଖୁଡ଼ା ଜଳପ୍ରପାତ ନିକଟ ଜଙ୍ଗଲ ରେ ୩ଘଂଟା ର ଅପ୍ରେସନ କରି ଥିଲା ।ଜଳପ୍ରପାତ ନିକଟ ଜଙ୍ଗଲ ରେ ବିପୁଳ ପରିମାଣ ର ଗଞ୍ଜେଇ ଚୋରା ଚାଲାଣ ପାଇଁ ପ୍ରସ୍ତୁତ ହେଉଥିବା ଖବର ପାଇ ଚଡାଉ କରିଥିଲା ।ପୋଲିସ ଆସିବା ଦେଖି ଅନ୍ଧାର ର ସୁଯଗ ନେଇ ଘଟଣା ସ୍ଥଳରୁ ମାଫିଆ ମାନେ ଫେରାର ହୋଇ ଯାଇଥିବା ବେଳେ ଘଟଣା ସ୍ଥଳ ରୁ ୨୭ଟି ବସ୍ତା ରେ ବିପୁଳ ଗଞ୍ଜେଇ ଜବତ କରିଥିଲା ପୋଲିସ ।ଘଟଣା ସ୍ଥଳରେ ପ୍ରାୟ ୮କୁଇଂଟାଲ ଗଞ୍ଜେଇ ଥିବା ବେଳେ ଏହାର ମୂଲ୍ୟ ୮୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ସୂଚନା ଦେଇଛି । ଏହି ଗଞ୍ଜେଇ ବାହାର ରାଜ୍ୟକୁ କୁ ଚୋରା ଚାଲାଣ କରିବା କୁ ପ୍ରସ୍ତୁତ ହେଇଥିବା ପୋଲିସ ସୂଚନା ଦେଇଛି ।ଚଳିତ ବର୍ଷ ପୋଲିସ ପାଇଁ ବଡ଼ ସଫଳତା ।ପ୍ରାୟ ୮ ସହ ଏକର ଗଞ୍ଜେଇ ଚାଷ ନଷ୍ଟ କରିବାରେ ପୋଲିସ ସଫଳ ହୋଇ ଥିବା ବେଳେ ଗଞ୍ଜେଇ ଗଛିତ ଥିବା ବିଭିନ୍ନ ଜାଗାରେ ମଧ ଚଡାଉ ଜାରି ରଖିଛି ପୋଲିସ୍ ।




## ପୋଡ଼ା ବାସନ ସଫା ହୋଇଯିବ

*ରୋଷେଇ କରୁଥିବାବେଳେ ବ୍ୟସ୍ତତା ତଥା ଅନ୍ୟମନସ୍କତା ଯୋଗୁ ବେଳେବେଳେ ବାସନ ପୋଡ଼ିଯାଏ । ଏଥିରେ ଲାଗିଥିବା ପୋଡ଼ା ଖାଦ୍ୟ ସାମଗ୍ରୀ ଯୋଗୁ ଏହାକୁ ସଫା କରିବା କାଠିକର ପାଠ ହୁଏ । ହାତପାଆନ୍ତାରେ ଥିବା କେତେକ ଜିନିଷ ବ୍ୟବହାର କରି ପୋଡ଼ା ବାସନ ସହଜରେ ସଫା କରିପାରିବେ ।*

- ୨ କପ୍ ପାଣି ୧ଚାମଚ ବେକିଂ ସୋଡ଼ା, ୨ଚାମଚ ଲେମ୍ବୁରସ ପକାଇ ମମିନିଟ୍ ଫୁଟାନ୍ତୁ । ଏବେ ସ୍କ୍ରବରେ ଘଷିଦେଲେ ପୋଡ଼ାଦାଗ ଚାଲିଯିବ ।
- ପୋଡ଼ା ବାସନରେ ଲୁଣ ଏବଂ ପାଣି ପକାଇ ପ୍ରାୟ ଚାରିମିନିଟ୍ ଫୁଟାନ୍ତୁ । ଏହାପରେ ଥଣ୍ଡାକରି ବାସନ ଧୋଉଥିବା ବ୍ରସରେ ଘଷିଦେଲେ ପୋଡ଼ାଦାଗ ଚାଲିଯିବ ।
- ପୋଡ଼ା ବାସନରେ ଲୁଣ ଏବଂ ପାଣି ପକାଇ ପ୍ରାୟ ଚାରିମିନିଟ ଫୁଟାନ୍ତୁ ଏହାପରେ ଥଣ୍ଡା କରି ବାସନ ଧୋଉଥିବା ବ୍ରସରେ ଘଷିଦେଲେ ପୋଡ଼ାଦାଗ ଛାଡ଼ିଯାଏ । ।
- ରୂପା ବାସନକୁ ସଫା କରିବା ଲାଗି ବ୍ୟବହାର କରାଯାଉଥିବା ଟମାଟୋ ରସ ସାଧାରଣ ବାସନ ପୋଡ଼ିଗଲେ ବି ସଫା କରିବାକୁ ଭଲ କାମ ଦିଏ । ପୋଡା ବାସନରେ ଟମାଟୋ ରସ ଓ ପାଣି ମିଶାଇ ଗରମ କରନ୍ତୁ । ଏହାପରେ ଘଷିଦେଲେ ସଫା ହୋଇଯିବ । ଟମାଟୋ କ୍ୟାଚଅପ୍ ପକାଇବାକୁ ଚାହିଁଲେ ଏହାକୁ ପୋଡ଼ା ବାସନରେ ଲଗାଇ କିଛି ସମୟ ରଖିଦେବେ । ପରେ ସ୍କ୍ରବରେ ଘଷି ସଫା କରିଦେବେ ।
- କେଇଖଣ୍ଡ ପିଆଜ ପକାଇ ପାଣି ଦେଇ ଭଲଭାବେ ଫୁଟାଇଦେବେ । ପୋଡ଼ା ଦାଗ ଆପେ ଚାଲିଯାଇଥାଏ । ଗୋଟିଏ ଲେମ୍ବୁ ଫାଳ କରି ଏହାକୁ ବାସନର ପୋଡ଼ାଦାଗ ଉପରେ ଘଷନ୍ତୁ । ଇଚ୍ଛା କଲେ ଲେମ୍ବୁ, ଏବଂ ୩କପ୍ ପାଣି ପକାଇ ବାସନରେ ଫୁଟାନ୍ତୁ । ଏହାପରେ ସଫା କଲେ ପୋଡ଼ା ଅଂଶ ବାହାରିଯିବ ।

# ପ୍ରକୃତି ସେବାରେ କାରାଗାର

କାରାଗାର ବା ଜେଲ ନାଁ ନାଁ ଶୁଣିଲା ମାତ୍ରେ ଆଖି ଆଗରେ ଅନ୍ଧାରୁଆ ବନ୍ଦ କୋଠରିର ଚିତ୍ର ଦେଖାଯାଏ । ଏଠାରେ ରହିବା ନିଶ୍ଚିତ ଭାବେ କଷ୍ଟକର । ତେବେ ସ୍ୱିଡେନର ଏହି ଜେଲରେ ବନ୍ଦୀମାନେ ପ୍ରକୃତି ସହିତ ରହିଥିବା ପରି ଅନୁଭବ କରନ୍ତି । ଏହାର ଛାତ ଉପରେ ୧୧୦୦ ବର୍ଗମିଟର ଅଞ୍ଚଳରେ ଗଛ ଲଗାଯାଇଛି ଯାହା ଅଟ୍ଟାଳିକାକୁ ଥଣ୍ଡା ରଖିବାରେ ସହାୟକ ହୋଇଥାଏ । ଆଠଟି ବର୍ଗର ବର୍ଜ୍ୟବସ୍ତୁ ପରିଚାଳନା ପାଇଁ ସ୍ୱତନ୍ତ୍ର ଭାବେ ଏକ ଡିସପୋଜାଲ ରୁମ ନିର୍ମାଣ କରାଯାଇଛି । ତେବଲନ ୪ନାମକ ଏକ ଅଟ୍ଟାଳିକାକୁ ୨୦୧୦ ମସିହାରେ ସ୍ୱିସ୍ କମ୍ପାନୀ ବାସେ କିଣିଥିଲା । ପରେ ଏହାକୁ ଜେଲରେ ପରିଣତ କରିଦିଆଯାଇଛି । ଏହାର ନାମ ରଖାଯାଇଛି ସ୍ୱସ୍ ଜେଲ ଏବଂ ପ୍ରୋବେସନ ସର୍ଭିସ୍ । ଜେଲର ବାରାକଗୁଡ଼ିକ ଏପରି ନିର୍ମାଣ କରାଯାଇଛି ଯେ ପାଣି ଖୁବ କମ ବ୍ୟବହାର ହୁଏ । ଜେଲରେ ବ୍ୟବହାର ହେଉଥିବା ଫ୍ରିଜ ମଧ କମ ବିଦ୍ୟୁତଶକ୍ତି ଆବଶ୍ୟକ କରେ । ସମଗ୍ର ଜେଲରେ ଥିବା ଏଲଡି ଲାଇଟଗୁଡ଼ିକ ଏକ ସେଣ୍ଟ୍ରାଲ ସଭିଲାନ୍ସ ସିଷ୍ଟମ ଦ୍ୱାରା ପରିଚାଳିତ । ସମ୍ପୂର୍ଣ୍ଣ ଅଟ୍ଟାଳିକା ଏକ ସ୍ୱୟଂକ୍ରିୟ ବାୟୁ ଚଳାଚଳ ବ୍ୟବସ୍ଥା ଦ୍ୱାରା ଥଣ୍ଡା ଏବଂ ଉଷୁମ କରାଯାଏ । ଜେଲର ରୋଷେଇଘରୁ ବାହାରୁଥିବା ଆବର୍ଜନାରୁ ବାୟୋଗ୍ୟାସ ପ୍ରସ୍ତୁତ କରିଥାନ୍ତି । ଏଠାକାର ୧୨% ଖାଦ୍ୟସାମଗ୍ରୀ ଜୈବିକ ପ୍ରକ୍ରିୟାରେ ଉତ୍ପାଦନ କରାଯାଉଛି ସପ୍ତାହକୁ ଦୁଇଦିନ ଏଠାରେ କଏଦୀମାନଙ୍କୁ ନିରାମିଷ ଖାଦ୍ୟ ଦିଆଯାଏ । ପରିବେଶର ସୁରକ୍ଷା କରୁଥିବାରୁ ଏହି ଜେଲକୁ ୨୦୧୯ ବିୟମ ପବ୍ଲିକ ପ୍ରୋଜେକ୍ଟସ ଇନୟୁଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ପୁରସ୍କାର ପ୍ରଦାନକାରୀ ସଂସ୍ଥାର ଅଧକ୍ଷ ଏଲନ ୟେଟ୍ସଦଙ୍କ କହିବା ଅନୁସାରେ, ଜେଲରେ ସୁରକ୍ଷା ଅପେକ୍ଷା ସ୍ୱଚ୍ଛତାକୁ ଅଧିକ ଗୁରୁତ୍ୱ ଦିଆଯାଇଛି । ନରୱେର ବୋଷ୍ଟାୟ ଜେଲ ମଧ ସୌରଶକ୍ତି ପରିଚାଳିତ ଏବଂ ଏଠାରେ ପ୍ରତ୍ୟେକ ବ୍ୟବସ୍ଥା ନବୀକରଣ ଯୋଗ୍ୟ ।






# ଚପଲ ପିନ୍ଧିବା ମନା



ଖରା ହେଉ କି ବର୍ଷା ବିନା ଚପଲରେ ବାହାରକୁ ଯିବା ଲାଗି ମନ ହୁଏ ନାହିଁ । ଏଠାରେ କିନ୍ତୁ ଗ୍ରାମବାସୀ ଗାଁ ଭିତରେ ଆଦୌ ଚପଲ ପିନ୍ଧନ୍ତି ନାହିଁ । ଏଥିପାଇଁ ଧନୀ-ଦରିଦ୍ରର ବାଛବିଚାର ନଥାଏ । ଏପରିକି ବାହାରର କେହି ଲୋକ ତାଙ୍କ ଗାଁ ଭିତରକୁ ଚପଲ ପିନ୍ ଚାଲିଆସିଲେ ବି ସେମାନେ ବିରକ୍ତ ହୋଇଥାନ୍ତି । ତାମିଲନାଡୁର ମଦୁରାଇଠାରୁ ୨୦କିଲୋମିଟର ଦୂରରେ ଏହି ଗାଁ ରହିଛି । ଗାଁର ନାମ କଲିମାୟନ। ବର୍ଷ ବର୍ଷ ଧରି ଗାଁର ଛୋଟଠାରୁ ବୁଢ଼ା ପର୍ଯ୍ୟନ୍ତ କେହି ବି ଚପଲ ପିନ୍ଧି ଗାଁ ଭିତରେ। ଚାଲନ୍ତି ନାହିଁ । କେହି ଏହି ନିୟମର ଅବମାନନା କଲେ ତାଙ୍କୁ କଠୋର ଦଣ୍ଡ ମିଳିଥାଏ । ଗ୍ରାମବାସୀମାନେ କାହିଁ କେଉଁକାଳରୁ ଅପାଛି ନାମକ ଦେବତାଙ୍କୁ ପୂଜା କରିଆସୁଛନ୍ତି । ଏହି ଦେବତା ସମଗ୍ର ଗ୍ରାମର ସୁରକ୍ଷା କରୁଛନ୍ତି ବୋଲି ସେମାନଙ୍କର ଦୃଢ଼ ବିଶ୍ୱାସ । ଦେବ୍‌ତାଙ୍କ ପ୍ରତି ଭକ୍ତି ପ୍ରଦର୍ଶନ କରିବା ଲାଗି ଗ୍ରାମ ସୀମା ମଧରେ ଜୋତା, ଚପଲ ପିନ୍ଧିବା ବାରଣ କରାଯାଇଛି । ପିଢ଼ି ପରେ ପିଢ଼ି ସେମାନେ ଏହି ପରମ୍ପରା ପାଳନ କରିଆସୁଥିବା ବେଳେ ଯଦି ବାହାରକୁ ଯିବାକୁ ହୁଏ, ତେବେ ଗ୍ରାମର ସୀମା ବାହାରକୁ ଯିବା ପରେ ହିଁ ସେମାନେ ସାଙ୍ଗରେ ନେଇ ଥିବା ଜୋତା କି ଚପଲ ପିନ୍ଧିଥାନ୍ତି ।

# ରଜରେ ତିଆରି କରନ୍ତୁ ବଟା ଜନ୍ତା ପୋଡ଼ ପିଠା

ଆବଶ୍ୟକ ସାମଗ୍ରୀ: ଅରୁଆ ଚାଉଳ,ନଡ଼ିଆ, ଗୁଜରାତି ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଅଦା, ତେଜପତ୍ର, ଲୁଣ, କଦଳୀ ପତ୍ର, ରିଫାଇନ୍ ତେଲ,ଚେରି, ଗୁଡ଼

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅରୁଆ ଚାଉଳକୁ ୭ରୁ ୮ ଘଣ୍ଟା ପର୍ଯ୍ୟନ୍ତୁ ଭିଜାଇ ରଖନ୍ତୁ। ତାକୁ ଧୋଇ ଭଲ ଭାବରେ ଗ୍ରାଇଣ୍ଡିଂ କରି ଦିଅନ୍ତୁ। ନଡ଼ିଆକୁ କୋରି ଏକ ପାତ୍ରରେ ରଖନ୍ତୁ। ଆଉ ଏକ ନଡ଼ିଆକୁ ଛୋଟ ଛୋଟ କରି କାଟି ଅନ୍ୟ ଏକ ପାତ୍ରରେ ରଖନ୍ତୁ।

ଏହା ପରେ ଗ୍ୟାସରେ କରେଇ ବସାଇ ଗରମ କରନ୍ତୁ। କରେଇ ଗରମ ହୋଇଗଲେ ସେଥିରେ ଗୁଡ଼ ପକାନ୍ତୁ। ଗୁଡ଼ ଭଲଭାବରେ ଖୋଲି ଗଲେ କ୍ଷୀର ପକାଇ ଗୋଳାଇ ଦିଅନ୍ତୁ। ଏବେ ସେଥିରେ ଗୁଜରାତି ଗୁଣ୍ଡ, ଗୋଲ ମରିଚ ଗୁଣ୍ଡ, ଅଦା, ତେଜପତ୍ର, ଅଳ୍ପ ଲୁଣ, କୋରା ନଡ଼ିଆ ଓ କାଟି ରଖିଥିବା ନଡ଼ିଆକୁ ପକାଇ ଗୋଳାଇ ଦିଅନ୍ତୁ। ତା' ପରେ ଗ୍ରାଇଣ୍ଡିଂ କରି ରଖିଥିବା ଆଣକୁ ପକାଇ ଭଲ ଭାବରେ ଜନ୍ତନ୍ତୁ। ଏହା ଜନ୍ତି ହୋଇଗଲା ପରେ କରେଇକୁ ତଳକୁ ଓହ୍ଲାଇ ଦିଅନ୍ତୁ। ଏହାକୁ କିଛି ସମୟ ଥଣ୍ଡା ହେବା ପାଇଁ ଛାଡ଼ି ଦିଅନ୍ତୁ।

ଏବେ ଆଉ ଏକ କରେଇକୁ ଗରମ କରନ୍ତୁ। ଗରମ ହେବା ପରେ ସେଥିରେ କଦଳୀ ପତ୍ର ରଖି ଦିଅନ୍ତୁ। କଦଳୀ ପତ୍ରରେ ରିଫାଇନ୍ ତେଲ ହେଉ ବା ଘିଅ ମାରି ଦିଅନ୍ତୁ। ଏହାପରେ ଜନ୍ତି ରଖିଥିବା ପିଠାକୁ ସେଥିରେ ପକାଇ ଦିଅନ୍ତୁ। ତା' ଉପରେ ଖଣ୍ଡ ନଡ଼ିଆ ଓ ଚେରି ପକାଇ ସଜାଇ ଦିଅନ୍ତୁ। ତା' ଉପରେ କଦଳୀ ପତ୍ର କଭର କରି ଦିଅନ୍ତୁ। ଏହା ପରେ କରେଇକୁ ଢ଼ାଙ୍କି ଦିଅନ୍ତୁ। ଏହାକୁ ୫ ମିନିଟ୍ ପର୍ଯ୍ୟନ୍ତ ହାଇ ଫ୍ଲେମରେ



ବସାଇ ଦିଅନ୍ତୁ। ପରେ ଲୋ ଫ୍ଲେମରେ ଏକ ଘଣ୍ଟା ପର୍ଯ୍ୟନ୍ତ ବସାଇ ଦିଅନ୍ତୁ। ପିଠାଟି ହୋଇଗଲା ପରେ କରେଇକୁ ତଳକୁ ଓହ୍ଲାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା ବଟା ଜନ୍ତା ପୋଡ଼ ପିଠା।

## ଘରେ ବାସ୍ତୁଦୋଷ ଅଛି ବୋଲି ଜାଣିବେ କିପରି ?

ଘରେ ବାସ୍ତୁ ଦୋଷ ରହିଲେ ବିଭିନ୍ନ ସମସ୍ୟା ଉପୁଜେ। ଅନେକ ସମୟରେ ଆମେ ସେହି ସବୁ ସମସ୍ୟା ଘରର ବାସ୍ତୁଦୋଷ ହେତୁ ଘଟୁଛି ବୋଲି ଜାଣିପାରୁନାହିଁ। ସେଥିପାଇଁ ଯେତେ ଯାହା କଲେ ବି ସେଗୁଡ଼ିକର ସମାଧାନ ହୋଇପାରେ ନାହିଁ। ତା'ହେଲେ ଘରେ ବାସ୍ତୁଦୋଷ ଅଛି ବୋଲି କେମିତି ଜାଣିବେ ଏନେଇ ଜଣାଶୁଣା ବାସ୍ତବିଦ୍ ଡକ୍ଟର ମନୋଜ ଲେଙ୍କା କିଛି ଟିପ୍ସ ଦେଇଛନ୍ତି। ସେଗୁଡ଼ିକ ସଂପର୍କରେ ଜାଣି ନିଅନ୍ତୁ।

- ବିନା କାରଣରେ ଘରେ ଛୋଟ ପିଲା ବାରମ୍ବାର କାନ୍ଦିବା
- ଘରର ଛାତ ଦୁମ୍ ଦୁମ୍ ହେବା
- ରାତିରେ ଘରେ ଭୟ ଲାଗିବା
- ଘରେ ଜିନିଷ ଆପେ ଆପେ ପଡ଼ିବା ଓ ଭାଙ୍ଗିଯିବା
- କାରଣ ନଥାଇ ମାନସିକ ଅଶାନ୍ତି ଦେଖାଦେବା
- ଘରେ କଳହ ଲାଗି ରହିବା
- ସ୍ୱାସ୍ଥ୍ୟ ସମସ୍ୟା ଦେଖାଦେବା
- ପିଲାମାନେ ଅବାଧ ହେବା
- ବାରମ୍ବାର ଦୁର୍ଘଟଣାର ଶିକାର ହେବା
- ଆର୍ଥିକ ସ୍ଥିତି ଖରାପ ହେବା
- କ୍ୟାରିୟରରେ ସମସ୍ୟା ଦେଖାଦେବା
- କେସ୍ କଚେରି ମାମଲାରେ ଜଡ଼ିତ ରହିବା
- ବିବାହରେ ବିଳମ୍ବ ହେବା
- ଘରେ କୌଣସି ଶୁଭ କାମ ନ ହେବା



## ଛିଙ୍କ ଶୁଭଙ୍କର



ବିଜ୍ଞାନର ଅଗ୍ରଗତି ସତ୍ତ୍ୱେ ଏବେ ବି ଅନେକେ ଅନ୍ଧବିଶ୍ୱାସକୁ ଧରି ରଖିଛନ୍ତି । କୌଣସି କାମ ଆରମ୍ଭ କରିବା ପୂର୍ବରୁ ଶୁଭ ଏବଂ ଅଶୁଭ ସୂଚନାକୁ ଜଗି ଚଳୁଛନ୍ତି । ଏହି କ୍ରମରେ ଛିଙ୍କିବା ଏକ ଅଶୁଭ ଲକ୍ଷଣ ବୋଲି ସେମାନଙ୍କ ମନରେ ବସା ବାନ୍ଧି ରହିଛି । ତେବେ ଜ୍ୟୋତିଷ ଶାସ୍ତ୍ରରେ ଛିଙ୍କିବା ସବୁବେଳେ ଅଶୁଭ ବୋଲି କୁହାଯାଇନାହିଁ । କୌଣସି ଜରୁରୀ କାମରେ ବାହାରକୁ ଯାଉଥିବାବେଳେ କେହି ପଛରୁ ଛିଙ୍କିଦେଲେ କାମରେ ସହଜରେ ସଫଳତା ମିଳିବ ବୋଲି ଜାରିବେ । ନୂଆ ପୋଷାକ ପିନ୍ଧୁଥିବା ବେଳେ କେହି ଛିଙ୍କିଲେ ଏହା ଦ୍ୱିଗୁଣ ଖୁସି ମିଳିବାର ସଙ୍କେତ ଦେଇଥାଏ । ଅର୍ଥାତ୍ ଖୁବ ଶୀଘ୍ର ଆଉ ଏକ ନୂଆ ପୋଷାକ ମିଳିପାରେ । ଶୁଭ କାମ କରିବା ସମୟରେ ଛିଙ୍କ ଆସିଲେ କାମ ସମ୍ପୂର୍ଣ୍ଣ ହେବାରେ ବାଧା ସୃଷ୍ଟିର ଆଶଙ୍କା ଆସେ । ଯଦି ଗୋଟିଏ ଛିଙ୍କ ପରେ ଆଉ ଗୋଟିଏ ଛିଙ୍କ ଆସେ, ଏହା ଶୁଭ ବୋଲି ଧରାଯାଏ । ଚିକିତ୍ସା ପାଇଁ ଡାକ୍ତରଖାନା ଯାଉଥିଲା ବେଳେ ଛିଙ୍କ ଆସିଲେ ଏହା ଶୁଭ ଏବଂ ତୁରନ୍ତ ଆରୋଗ୍ୟ ହେବାର ସୂଚନା । ଖାଦ୍ୟ ଖାଇବାର ଠିକ୍ ପୂର୍ବରୁ ନିଜେ କିମ୍ବା ଅନ୍ୟ କେହି ଛିଙ୍କିଲେ ସ୍ୱାଦିଷ୍ଟ ଓ ମନପସନ୍ଦର ଖାଦ୍ୟ ମିଳିପାରେ ।

# ଲିଚୁର ସାଇଡ୍ ଇଫେକ୍ଟ: ହୋଇପାରେ ମାରାତ୍ମକ

**ଗରମ ଦିନ ଆସିଲେ ଲିଚୁର ଆଗମନ ମଧ ଆରମ୍ଭ ହୋଇଯାଏ। ଅଧିକାଂଶ ଲୋକ ଲିଚୁ ଖାଇବାକୁ ଭଲ ପାଆନ୍ତି। ସେ ଏହାକୁ ଭିନ୍ନ ଭିନ୍ନ ରୂପ ଦେଇ ମଧ ଖାଇଥା'ନ୍ତି। କେହି କେହି ଏଥିରୁ ଜୁସ୍ ତିଆରି କରନ୍ତି ଏବଂ କିଛି ଏଥିରୁ ସ୍ମୁଦି ତିଆରି କରି ଖାଇଥା'ନ୍ତି। କିନ୍ତୁ ପାଟିକୁ ସୁଆଦିଆ ଲାଗୁଥିବା ଏହି ଲିଚୁର ବି ରହିଛି ଅନେକ ସାଇଡ୍ ଇଫେକ୍ଟ। ଆବଶ୍ୟକତାଠାରୁ ଅଧିକ ଲିଚୁ ଖାଇବା ଦ୍ୱାରା ଆପଣ ମାରାତ୍ମକ ରୋଗରେ ପଡିପାରନ୍ତି।**

ଖାଲି ପେଟରେ ଲିଚୁ ଖାଇବା ଠାରୁ ଦୂରେଇ ରୁହନ୍ତୁ। ଏହା ବିଶେଷ ରୂପେ କ୍ଷତିକାରକ। ଏଥିରେ ମିଥାଇଲନ୍ ସାଇକ୍ଲୋପ୍ରୋପିଲ୍-ଗ୍ଲାଇସିନ୍ ଥାଏ। ଏହା ମସ୍ତିଷ୍କକୁ ପ୍ରଭାବିତ କରିଥାଏ ଏବଂ ପେଟର ଅମ୍ଳତା, ଫୁଲିବା ଏବଂ ଗ୍ୟାସ୍ ସୃଷ୍ଟି କରିଥାଏ। ଅତ୍ୟଧିକ ଲିଚୁ ଖାଇବା ଦ୍ୱାରା ବ୍ଲଡ ସୁଗାର ଲୋ' ହୋଇପାରେ। ଲିଚୁରେ ଥିବା ସାଇକ୍ଲୋପ୍ରୋପିଲ୍-ଗ୍ଲାଇସିନ୍ ବ୍ଲଡ ସୁଗାର ଲୋ' କରିବାରେ କାମ କରିଥାଏ।

ଏଭଳି ଅନେକ ଫଳ ରହିଛି ଯାହାକୁ ଖାଇବା ଦ୍ୱାରା ଆଲର୍ଜି ସମସ୍ୟା ଦେଖାଦେଇଥାଏ। ସେହି ଫଳ ମଧ୍ୟରୁ ଗୋଟିଏ ହେଉଛି ଲିଚୁ। ଲିଚୁରେ ଲୁଚି ରହିଥିବା ମାଇକ୍ରୋବସ୍ ଫୁଡ୍ ପଏଜନିଂ ଏବଂ ଆଲର୍ଜି ସୃଷ୍ଟି କରିପାରେ। ଏହାକୁ ଖାଇବା ଦ୍ୱାରା ପେଟ ସମ୍ବନ୍ଧୀୟ ସମସ୍ୟା ସୃଷ୍ଟି ହୋଇପାରେ। ଲିଚୁରେ ଥିବା ବିଷାକ୍ତ ପଦାର୍ଥ ଆକ୍ୟୁଟ୍ ଏନସେଫାଲାଇଟିସ୍ ସିଣ୍ଡ୍ରୋମ ସୃଷ୍ଟି କରେ, ଯାହା ସ୍ଥାନୀୟ ଭାବରେ ମସ୍ତିଷ୍କ ଜ୍ୱର ବା ମେନିଞ୍ଜାଇଟିସ୍ ଭାବରେ ଜଣାଶୁଣା।



# ଆଖିକୁ ଆରାମ ମିଳିବ

**ଖରାଦିନେ ଆଖି ସବୁଠାରୁ ବେଶୀ ଯତ୍ନ ଆବଶ୍ୟକ କରେ । ସୂର୍ଯ୍ୟତାପ ଅସହ୍ୟ ହେଉଥିବାରୁ ଆଖିର ଉପଯୁକ୍ତ ସୁରକ୍ଷା ନନେଲେ ଏଥିରେ ପ୍ରବଳ ଯନ୍ତ୍ରଣା ହୁଏ । ଏପରି କେତେକ ଉପାୟ କଲେ ଆଖି ଆରାମ ପାଇବ । ଦିନକୁ ଅତି କମରେ ୩-୪ ଥର ଆଖିକୁ ଧୀରେଧୀରେ ପାଣିଛିଟା ମାରି ଧୁଅନ୍ତୁ । ଧୂଳି, ମଇଳା ବାହାରିବା ସହ ସଂକ୍ରମଣରୁ ଆଖି ସୁରକ୍ଷିତ ରହିବ ଏବଂ ଥଣ୍ଡା ଲାଗିବ ।**

- ଅତିବାଇଗଣୀ ରଶ୍ମି ପ୍ରଭାବରେ ଆଖି ଉପରେ ଥିବା ସୁରକ୍ଷାଦାୟକ ଲୁହ କୋଷ କ୍ଷତିଗ୍ରସ୍ତ ହୋଇଥାଏ । ଏହା ଆଖି ପତ୍ରିକା ପ୍ରତିକ୍ଷତିକାରକ ଥିବାରୁ ସନଗ୍ଲାସ ପିନ୍ଧିବା ଉଚିତ ।
- ଆଖିରେ କିଛି ପଡ଼ିଯାଇଥିଲେ ରଗଡ଼ିବା ବଦଳରେ ସଫା ରୁମାଲ କିମ୍ବା କପଡ଼ାରେ ହାଲକା କରି ବାହାର କରନ୍ତୁ । ଏହାପରେ ଥଣ୍ଡା ପାଣିର ଧୋଇବେ ।
- ପର୍ଯ୍ୟାପ୍ତ ନିଦ ଆଖିକୁ ଆରାମ ଦିଏ ଏବଂ ସତେଜ ରଖେ । ତେଣୁ ଅତି କମରେ ୮-୯ଘଣ୍ଟା ଶୋଇବା ଉଚିତ । ଇଚ୍ଛା କଲେ ଦିନ ଓ ରାତି ଉଭୟ ବେଳାର ସମୟ ଏଥିରେ ମିଶାଇ ପାରିବେ ।
- ଗରମରୁ ରକ୍ଷା ପାଇବା ଲାଗି ଅନେକେ ସନ୍ତରଣ କରିବାକୁ ପସନ୍ଦ କରନ୍ତି । ସ୍ୱିମିଂପୁଲକୁ ଚଷମା ପିନ୍ଧି ଯିବେ, ନଚେତ ସଂକ୍ରମଣ ହୋଇପାରେ ।



- ଆଖିକୁ ଆରାମ ହେବା ଲାଗି ହାଲକା ମାଲିସ୍ କରିପାରନ୍ତି । ଗୋଲଗୋଲ କାକୁଡ଼ି କଟା କିମ୍ବା ଗୋଲାପ ଜଳରେ ତୁମଳା ଭିଜାଇ ଆଖି ଉପରେ ରଖିଲେ ଆରାମ ମିଳେ ।
- ଖରାଦିନେ କେବେ ଏସି ସାମନାରେ ବସନ୍ତୁ ନାହିଁ । ମାଂସପେଶୀ ସଙ୍କୁଚିତ କରିଦିଏ ଯାହା ଫଳରେ ଆଖି କୁଣ୍ଡେଇ ହୋଇ ଯନ୍ତ୍ରଣା ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ସ୍ୱାସ୍ଥ୍ୟ ମାନଦଣ୍ଡରେ ଶିଶୁ...

ଭାରତର ସ୍ୱାସ୍ଥ୍ୟ ମାନଦଣ୍ଡଗୁଡ଼ିକ ଉପରେ ଯେତେସବୁ ରିପୋର୍ଟ ପ୍ରକାଶ ପାଇଥାଏ, ସେସବୁ ସାଧାରଣତଃ ହତୋତ୍ସାହିତ କରିଦେବା ଭଳି ହୋଇଥାଏ । ଏହାର କାରଣ ବିଶ୍ୱର ଅନ୍ୟାନ୍ୟ ଦେଶ, ଏପରିକି ନିଜର ପଡ଼ୋଶୀ ଦେଶମାନଙ୍କ ତୁଳନାରେ ଭାରତ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହାର ଜିଡିପିର ଏକ ସ୍ୱଳ୍ପ ଅଂଶ ନିବେଶ କରିଥାଏ । ପୁଣି ଦେଶର ଦୁର୍ବଳ ଚିକିତ୍ସା ଭିତ୍ତିଭୂମି ମଧ୍ୟ ସ୍ୱାସ୍ଥ୍ୟସେବା ନିମ୍ନ ମାନର ହେବାରେ ଯଥେଷ୍ଟ ଅବଦାନ ରଖିଥାଏ । ପରିଣତିରେ ଏହି କ୍ଷେତ୍ର ସର୍ବସମ୍ମୁଖରେ ଏକ ମଳିନ ଛବି ଉପସ୍ଥାପନ କରିଥାଏ । ତେବେ ଦେଶର ଶିଶୁ ମୃତ୍ୟୁହାରର ଛବିକୁ ଦେଖିଲେ ମନରେ ଆନନ୍ଦିତ ଅନୁଭବ କରିବା ନିମନ୍ତେ କେତେକ କାରଣ ଅବଶ୍ୟ ରହିଛି । ଗତ ଦଶନ୍ଧିରେ ଦେଶର ଶିଶୁ ମୃତ୍ୟୁହାର (ଆଇଏମ୍ଆର୍) କ୍ଷେତ୍ରରେ ଉଲ୍ଲେଖନୀୟ ଉନ୍ନତି ଘଟିଥିବା ଏକ ସମ୍ପର୍କିତ ତଥ୍ୟ ଦର୍ଶାଇଛି । ତଥ୍ୟ ଅନୁସାରେ ୨୦୧୦ରେ ଶିଶୁ ମୃତ୍ୟୁହାରର ସଂଖ୍ୟା ୪୭ଥିବା ବେଳେ ୨୦୨୦ ବେଳକୁ ୨୮କୁ ଖସି ଆସିଛି, ଯାହା ଆଇଏମ୍ଆର୍‌ର ବିଶ୍ୱସ୍ତରୀୟ ମାନକ ୨୭ ପାଖାପାଖି ପହଞ୍ଚିଛି । ଅର୍ଥାତ୍ ଏହି କ୍ଷେତ୍ରରେ ନିଆ ଯାଇଥିବା ପଦକ୍ଷେପଗୁଡ଼ିକ ଉତ୍ତମ ଥିଲା, ଯାହାର ପରିଣତି ଲକ୍ଷ୍ୟ ହାସଲ କରିବା ଦିଗରେ ଆଗେଇ ନେଇଛି ବୋଲି କୁହାଯାଇପାରେ । ଏହି ସଫଳତା ହାସଲ କରିବା କ୍ଷେତ୍ରରେ ଅନେକଗୁଡ଼ିଏ ଉପାଦାନ ସେମାନଙ୍କର ଅବଦାନ ରଖିଛନ୍ତି । ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ, ଯାହା ଶିଶୁ ମୃତ୍ୟୁର ପ୍ରତିରୋଧ କରିଥାଏ ଏବଂ ମୃତ୍ୟୁର କାରକ ପାଲଟୁ ଥିବା କାରଣଗୁଡ଼ିକର ଉପଯୁକ୍ତ ସମୟରେ ଚିକିତ୍ସା ଯଥା ଜନ୍ମ ସମୟରେ ଜଟିଳତା, ନବଜାତକଙ୍କ ସେପ୍‌ସିସ୍, ନିମୋନିଆ, ଡାଇରିଆ, ଜନ୍ମ ସମୟରେ କମ୍ ଓଜନର ହେବା ଭଳି କାରଣଗୁଡ଼ିକର ସମୟୋଚିତ ନିଦାନ ଶିଶୁ ମୃତ୍ୟୁହାରକୁ ରୋକି ଜୀବିତ ଶିଶୁଙ୍କ ସଂଖ୍ୟାର ଗଣନାକୁ ବୃଦ୍ଧି କରିବାରେ ସହାୟକ ହୋଇଛି । ସେହିପରି ଅଙ୍ଗନୱାଡ଼ି କର୍ମୀ ଏବଂ ମାନ୍ୟତାପ୍ରାପ୍ତ ସାମାଜିକ ସ୍ୱାସ୍ଥ୍ୟ କର୍ମୀ (ଆଶା) ମାନଙ୍କ ଭଳି ଗୋଷ୍ଠୀ ସ୍ୱାସ୍ଥ୍ୟ ଯତ୍ନ ପ୍ରଦାନକାରୀମାନଙ୍କର ଏହି କ୍ଷେତ୍ର ପ୍ରତି ଅବଦାନକୁ ମଧ୍ୟ ହେୟ ମନେ କରାଯାଇ ପାରିବ ନାହିଁ, ଯଦିଓ ସରକାରଙ୍କ ପ୍ରୋତ୍ସାହନ ପ୍ରଦାନ ଯୋଜନା ଦ୍ୱାରା ଏମାନଙ୍କୁ ପ୍ରାୟତଃ ଅଣଦେଖା କରାଯାଇଥାଏ । ପୁନଶ୍ଚ, ଆଗରୁ ମହିଳାମାନେ ଘରୋଇ ପ୍ରସବକୁ ଆଦରି ନେଉଥିବା ବେଳେ ଏବେ ହସ୍‌ପିଟାଲଗୁଡ଼ିକରେ ସନ୍ତାନ ପ୍ରସବ କରିବା ଉପରେ ଧୀରେ ଧୀରେ ସେମାନେ ଗୁରୁତ୍ୱାରୋପ କରୁଥିବା ମନେହୁଏ । ତେଣୁ ହସ୍‌ପିଟାଲ ଯତ୍ନକୁ ଶେଷ ମାଇଲ ପର୍ଯ୍ୟନ୍ତ ପରିସରଭୁକ୍ତ କରିବା ପାଇଁ କାର୍ଯ୍ୟକ୍ରମ ହାତକୁ ନିଆଯିବା ଉଚିତ । ଗର୍ଭବତୀ ମହିଳା ଏବଂ ପିଲାମାନଙ୍କ ନିମନ୍ତେ ଶ୍ରୀଲଙ୍କାର ଘରୋଇ ଏବଂ ଆନୁଷ୍ଠାନିକ ସ୍ୱାସ୍ଥ୍ୟର ଯତ୍ନ ନିଆଯିବା ବ୍ୟବସ୍ଥା ଏକ ସଫଳ କାହାଣୀ ଲେଖିବାରେ ସମର୍ଥ ହୋଇଛି । ସେହିପରି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ବାଂଲାଦେଶ ସରକାରୀ-ଘରୋଇ ଭାଗିଦାରୀକୁ ପ୍ରୋତ୍ସାହିତ କରି ଏକ ନୂଆ ମାଇଲ ଖୁଣ୍ଟ ସ୍ଥାପନ କରି ପାରିଛି । କହିବା ବାହୁଲ୍ୟ, ଭାରତରେ ସ୍ୱାସ୍ଥ୍ୟସେବାକୁ ଅଧିକ ଉନ୍ନତ କରିବା, ବିଶେଷକରି ଶିଶୁ ମୃତ୍ୟୁହାରକୁ ଆହୁରି କମ୍ କରିବା କ୍ଷେତ୍ରରେ ଅନୁସରଣ କରିବା ନିମନ୍ତେ ଏସବୁ ଭଲ ଉଦାହରଣ ହୋଇପାରେ । ସେହିପରି ଏ ବାବଦରେ ରହିଥିବା ଉପଯୁକ୍ତ ବିନ୍ଦୁଗୁଡ଼ିକୁ ସଂଯୋଗ କରିବା ପାଇଁ ନୀତିଗୁଡ଼ିକର ଆବଶ୍ୟକତା ମଧ୍ୟ ରହିଛି । ଉତ୍ତମ ସ୍ୱାସ୍ଥ୍ୟରକ୍ଷାର ଅନ୍ୟାନ୍ୟ ମାନଦଣ୍ଡଗୁଡ଼ିକ ଯଥା ଅପପୁଷ୍ଟିକୁ ରୋକିବା, ମାତୃ ମୃତ୍ୟୁହାର ହ୍ରାସ କରିବା, ସନ୍ତୁଳିତ ଆହାରର ଆବଶ୍ୟକତା ଉପରେ ଗୁରୁତ୍ୱ ପ୍ରଦାନ କରିବା, ଶିଶୁମାନଙ୍କ ଉପଯୁକ୍ତ ସମୟରେ ଟିକାକରଣ ଉପରେ ଧ୍ୟାନ ଦେବା ଇତ୍ୟାଦିକୁ ଆଇଏମ୍ଆରଠାରୁ ଅଲଗା କରାଯାଇ ପାରିବ ନାହିଁ । ତେଣୁ ଆଇଏମ୍ଆର୍ କ୍ଷେତ୍ରରେ ଭାରତ ବର୍ତ୍ତମାନ ଯେଉଁ ସଫଳତା ହାସଲ କରିଛି, ତାକୁ ଅଧିକ ଗତିଶୀଳ ଓ ବୃଦ୍ଧି କରିବା ପାଇଁ ଭାରତ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରହିଥିବା ଅନ୍ୟାନ୍ୟ ଆହ୍ୱାନଗୁଡ଼ିକର ସଫଳ ମୁକାବିଲା କରିବା ଉପରେ ଧ୍ୟାନ ଦେବା ଉଚିତ । ଏ କ୍ଷେତ୍ରରେ ପ୍ରଗତି ମଧ୍ୟ ସାମାଜିକ, ସାଂସ୍କୃତିକ ଏବଂ ଅର୍ଥନୀତିକ ପରିସରରେ ରହିଥିବା ପ୍ରତିବନ୍ଧକଗୁଡ଼ିକ ଉପରେ ନିର୍ଭର କରିଥାଏ । ଟିକା ନେବା କ୍ଷେତ୍ରରେ କୁଣ୍ଠା ଭାବ ପ୍ରକାଶ ପାଇବା, ଆନୁଷ୍ଠାନିକ ସ୍ୱାସ୍ଥ୍ୟସେବା ହାସଲ କରିବା ପାଇଁ ସମାଜରେ ରହିଥିବା ଦୋଦୁଲ୍ୟମାନ ମାନସିକତା, ଲିଙ୍ଗ ଏବଂ ଜାତିଗତ ଭେଦଭାବ କାରଣରୁ ହସ୍‌ପିଟାଲଗୁଡ଼ିକରେ ଚିକିତ୍ସାର ଉପଲବ୍ଧତା କ୍ଷେତ୍ରରେ ରହିଥିବା ପ୍ରତିବନ୍ଧକ ଗୁଡ଼ିକୁ ଦୂର କରାଯିବା ସହିତ ମେଡିକାଲ ଚିକିତ୍ସା ଲାଭ ପାଇଁ ବହୁ ପରିମାଣର ଅର୍ଥ ବ୍ୟୟକୁ ରୋକିବା ଭଳି କେତେକ ପ୍ରସଙ୍ଗ ଉପରେ ସରକାରଙ୍କ ତରଫରୁ ତୁରନ୍ତ ଧ୍ୟାନ ଦିଆଯିବାର ଆବଶ୍ୟକତା ରହିଛି । ଏସବୁ ହୋଇ ପାରିଲେ ଶିଶୁ ମୃତ୍ୟୁହାର କ୍ଷେତ୍ରରେ ହାସଲ କରାଯାଇ ପାରିଥିବା ସାଫଲ୍ୟ ଅବଶ୍ୟ ବହୁଗୁଣିତ ହୋଇ ପାରିବ ।

## ସ୍ୱଚ୍ଛ ଓ ସୁସ୍ଥ ପରିବେଶ ରଖିଲେ, ହେବା ଆମେ ଆୟୁଷ୍ମାନ! : ଡେଙ୍ଗୁ ହେବ ନିୟନ୍ତ୍ରଣ!



ପ୍ରଦୋଷ କୁମାର ଦାସ

ଖୋଦ୍ ଆମ ରାଜ୍ୟ ରାଜଧାନୀରେ ନିକଟରେ ଡେଙ୍ଗୁରେ ଗଲାଣି ଚାକିତ୍ସାଧୀନ ଦୁଇ ଜଣଙ୍କର ମୁଣ୍ଡ! ଏମଧ୍ୟରୁ ଚିକିତ୍ସାଧୀନ ଜଣେ ଅବସରପ୍ରାପ୍ତ ପୋଲିସ ଅଧିକାରୀ ଏକ ଘରୋଇ ହସ୍ପିଟାଲରେ ମୃତ୍ୟୁ ବରଣ କରିଥିବା ପ୍ରକାଶ। ରାଜଧାନୀର ଶ୍ରୀ ବିହାର ଓ ଡମଣା ଅଂଚଳରେ ଗତ ସପ୍ତାହକ ମଧ୍ୟରେ ୨୦ରୁ ଅଧିକ ଡେଙ୍ଗୁ ଆକ୍ରାନ୍ତଙ୍କୁ ଚିହ୍ନଟ କରାଗଲାଣି। ଏମଧ୍ୟରେ ଗୋଟିଏ ପରିବାରର ୫ଜଣ ଏହି ରୋଗରେ ପୀଡିତ ରହିଥିବା ପ୍ରକାଶ। ସେହିପରି ରାଜଧାନୀର ଚନ୍ଦ୍ରଶେଖରପୁର ଅଂଚଳରେ ବିଭିନ୍ନ ଘରୋଇ ହସ୍ପିଟାଲରେ ଅନେକ ଜ୍ୱର ପୀଡିତ ରୋଗୀଙ୍କ ଦେହରେ ଡେଙ୍ଗୁର ଲକ୍ଷଣ ଚିହ୍ନଟ କରାଯାଇଥିବା ପ୍ରକାଶ। ଗତବର୍ଷ ଭୁବନେଶ୍ୱର ନିଳାଦ୍ରିବିହାର ଓ ଶୈଳଶ୍ରୀ ବିହାର ଅଂଚଳରେ ଏହି ଡେଙ୍ଗୁ ସଂକ୍ରମଣ ଅଣାୟତ୍ତ ହୋଇଯାଇଥିଲା । ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ ଭୁବନେଶ୍ୱର ମହାନଗର ନିଗମ ଅଧିନ ବିଭିନ୍ନ ଘରୋଇ ଚିକିତ୍ସାଳୟରେ ରହିଥିବା ଡାଇଗ୍ନୋଷ୍ଟିକ ପାଥୋଲୋଜି ଲ୍ୟାବରେ ନିତି ଟେଷ୍ଟ ହେଉଥିବା ବିଭିନ୍ନ ଜ୍ୱର ପୀଡିତ ରୋଗୀଙ୍କ ରକ୍ତ ନମୂନାରୁ ଏହି ଡେଙ୍ଗୁ ରିପୋର୍ଟ ପଜିଟିଭ ବୋଲି ଚିହ୍ନଟ ହେଉଛି। ତେବେ ଏହାକୁ ସ୍ୱାସ୍ଥ୍ୟ ବିଭାଗ ଆନୁଷ୍ଠାନିକ ଭାବେ ଗ୍ରହଣ ନକରି ରାଜଧାନୀର ସବୁ ଘରୋଇ ହସ୍ପିଟାଲ/ କ୍ଲିନିକ/ ଡାଏଗ୍ନୋଷ୍ଟିକ ସେଣ୍ଟରକୁ ଏମଧ୍ୟରେ ଏକ ଚିଠି ଜାରି କରି ସମ୍ଭାବ୍ୟ ଡେଙ୍ଗୁ ଆକ୍ରାନ୍ତ ଓ ଚିହ୍ନଟଙ୍କ ରକ୍ତ ନମୂନା ସରକାରୀ ପରୀକ୍ଷାଗାରକୁ ପଠାଇବାକୁ ନିର୍ଦ୍ଦେଶ ଦେଇଥିବା ପ୍ରକାଶ।

ଏବେ ବର୍ଷା ଋତୁ ଆରମ୍ଭ ହୋଇଯିବ। ଉଦବୃତ୍ତ ବର୍ଷାଜଳ ଚାରିଆଡକୁ ପ୍ରବାହିତ ହୋଇ ଖେଳାଇଯିବ। ଫଳରେ କୂଅ, ପୋଖରୀ ସମେତ ଅନ୍ୟାନ୍ୟ ଖୋଲାମେଲା ପଡିଥିବା ଜଳ ଉତ୍ସ ଗୁଡିକରେ ବର୍ଜ୍ୟ ଜଳ ମିଶି ଏଗୁଡିକୁ ପ୍ରଦୂଷିତ କରିଦେବାର ଆଶଙ୍କା ରହିଛି। କେବଳ ରାଜଧାନୀ ନୁହେଁ, ରାଜ୍ୟର ପ୍ରାୟ ସ୍ଥାନରେ ଡ୍ରେନ ଗୁଡିକ ପରିତ୍ୟକ୍ତ। ଏଗୁଡିକରେ ଜଳ ନିଷ୍କାସନ ସମସ୍ୟା ରହିଛି। ଏଯାବତ୍ ଆମ ରାଜ୍ୟର ବିଭିନ୍ନ ଗ୍ରାମରୁ ସହର ଯାଏଁ ପ୍ରତି ଗଳିକନ୍ଦି, ବିଭିନ୍ନ ଅଂଚଳରେ ଯାଇଥିବା ଡ୍ରେନ ଗୁଡିକରୁ ଅନେକ ଅସଜଡା, ପରିତ୍ୟକ୍ତ ପଡିଛି। ଏଗୁଡିକରୁ ଅନେକ ଆବର୍ଜନାମୟ ଓ ପରିତ୍ୟକ୍ତ ରହିଛି। ଜନସ୍ୱାସ୍ଥ୍ୟ ଓ ପରିମଳ ବିଭାଗ ପକ୍ଷରୁ ଏଯାଏଁ ଏହାକୁ ଅନେକ ଅଂଚଳରେ ସଫା ମଧ୍ୟ କରାଯାଇପାରି ନାହିଁ। ଅସଜଡା ଡ୍ରେନ ଗୁଡିକରେ ଜମି ରହିଥିବା ଜଳ ନିଷ୍କସନ ସମସ୍ୟାର ମଧ୍ୟ ସମାଧାନ ହୋଇପାରିନଥିବାରୁ ସବୁଠାରେ ଏକ ପ୍ରକାର ପୂତିଗନ୍ଧମୟ ଅବସ୍ଥା। ଏହି ଭଳି ପରିସ୍ଥିତିରେ ଖୋଦ ଆମ ରାଜ୍ୟ ରାଜଧାନୀ ମଧ୍ୟ ପ୍ରଭାବିତ। ଫଳରେ ସନ୍ତସନ୍ତିଆ ଡ୍ରେନ ଏବେ ମାରାତ୍ମକ ଡେଙ୍ଗୁ ଜ୍ୱର ରୋଗର କାରଣ ହୋଇଛି। ସରକାରୀ ଭାବେ ସ୍ୱୀକାର କରାନଗଲେ ମଧ୍ୟ ରାଜଧାନୀ ଭୁବନେଶ୍ୱରରେ ଡେଙ୍ଗୁ ରୋଗରେ ପଡି ଚିକିତ୍ସାଧୀନ ୩ରୁ ୪ ଜଣ ରୋଗୀ ମୃତ୍ୟୁ ବରଣ କଲେଣି। କରୋନା କାଳୀନ ଅସହାୟତା ମଧ୍ୟରେ ଗତ ବର୍ଷ ଏହି ଡେଙ୍ଗୁରେ ରାଜଧାନୀରେ ଶତାଧିକ ଆକ୍ରାନ୍ତ ହୋଇଥିବା ବେଳେ ୪୦ରୁ ଅଧିକ ରୋଗୀଙ୍କର ମୃତ୍ୟୁ ହୋଇଥିବା ବିଶ୍ୱସ୍ତ ସୂତ୍ରରୁ ପ୍ରକାଶ। ସରକାରୀ ପରିସଂଖ୍ୟାନ କିନ୍ତୁ ଏହାକୁ ଅସ୍ୱୀକାର କରିଥାଏ। ଅପରିଷ୍କାର ଅପରିଚ୍ଛନ୍ନ ପରିବେଶ ପ୍ରଭାବରେ ଡେଙ୍ଗୁ ଜ୍ୱରରେ ପୀଡିତ ଗାଁ ଗହଳି ଲୋକେ ଏବାବଦରେ ଅଜ୍ଞତା କାରଣରୁ ଏହାକୁ କେହି କେହି କରୋନା/ ମାଲେରିଆ/ ଟାଇଫଏଡ ଜ୍ୱର ବୋଲି ମାନିନେଇ ଅନେକ ଅସହାୟ ପୀଡିତ ତୁଛାରେ ମରଣକୁ ବରଣ କରିଥିବା ଏକ ଅସମର୍ଥିତ ସୂତ୍ରରୁ ପ୍ରକାଶ। ଗୋଟିଏ ପଟେ ଗ୍ରାମାଞ୍ଚଳରେ ରହିଥିବା ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଗୁଡିକରେ ଆବଶ୍ୟକ ଡାକ୍ତର ଓ ଚିକିତ୍ସା ଭିତ୍ତିଭୂମି ଅଭାବରୁ ତ୍ୱରିତ ନୈଦାନିକ ଚିକିତ୍ସାରୁ ବଞ୍ଚିତ ପୀଡିତଟି ବାଧ୍ୟବାଧକତାରେ ଔଷଧ ଦୋକାନୀକୁ ବଡ ଡାକ୍ତର ବୋଲି ଭାବି ନେଇ ତାଠାରୁ ଯେନତେନ ଔଷଧ ଖାଇ ସଠିକ ଚିକିତ୍ସା ପାଇବାରେ ସମୟ ଗଡାଇ ଆପଣାକ୍ଷତିର କାରଣ ହୋଇଥାଏ।

ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଡେଙ୍ଗୁ ଜ୍ୱରର କାରଣ ଓ ଏହାର ନିରାକରଣ ଦିଗରେ ଆବଶ୍ୟକ ସଚେତନତା ସୃଷ୍ଟି ହେବା ବିଧେୟ। ସନ୍ତସନ୍ତିଆ ପରିବେଶ ସଫା କରାଇ ଡ୍ରେନ ଓ ନାଳରେ ଉଭୟ ବ୍ଲିଚିଂ ଓ ମଶା ତେଲ ପକାଇବା ଜରୁରୀ । ଜନ ସ୍ୱାସ୍ଥ୍ୟ ତଥା ପରିମଳ ବିଭାଗ ତରଫରୁ ଜନବସତି ନିକଟ ତଥା ବୁଦା ଗହଳିଆ ସ୍ଥାନରେ ନିୟମିତ ଭାବେ ମଶା ଧୂଆଁ ଦେବା ଉଚିତ। ଏଥିରେ ଉଭୟ ସ୍ୱାସ୍ଥ୍ୟ ବିଭାଗ ଓ ସ୍ଥାନୀୟ ଅଂଚଳବାସୀଙ୍କ ପକ୍ଷରୁ ଆବଶ୍ୟକ ସଚେତନତା ଓ କର୍ମତତ୍ପରତା ରହିବା ଆବଶ୍ୟକ।

ଦୀର୍ଘଦିନ ଅସନା ପାଣି ଜମିରହିଥିବା ନାଳ ନର୍ଦ୍ଦମା ଓ ପଚାସଢା ଖାତ, ଅନିଷ୍କାସିତ ଡ୍ରେନ ପଥକୁ ସ୍ୱଚ୍ଛ ରଖିବା ଆବଶ୍ୟକ। ଆର୍ଦ୍ର, ସନ୍ତସନ୍ତିଆ ପରିବେଶରେ ବଂଶ ବିସ୍ତାର କରୁଥିବା ମାରାତ୍ମକ ଡେଙ୍ଗୁ, 'ମାଈ ଏଡିସ ମଶା(ଏଡିସ ଇଜିପ୍ଟିସ)' କାମୁଡାରୁ ସଂକ୍ରମଣ ବ୍ୟାପିଥାଏ। ସଂକ୍ରମିତ ରୋଗୀର ରକ୍ତ ଶୋଷଣ କରି ଏହି ମଶା ଅନ୍ୟ ସୁସ୍ଥ ମଣିଷ ଶରୀରକୁ ଦଂଶନ କରି ଛାଡି ଏହି ରୋଗର ବାହକ ସାଜିଥାଏ। ଏଥିରେ ଆକ୍ରାନ୍ତର ପ୍ରବଳ ଜ୍ୱର ହେବା ସହ ସାରା ଶରୀର, ଗଣ୍ଠି, ମାଂସ ପେଶୀ ଆଦିରେ ଅସହ୍ୟ ବିନ୍ଧା ଛିଟିକା ହୋଇ ରୋଗୀକୁ ଅଥୟ କରିଥାଏ। ସମୟୋଚିତ ସଠିକ ଭାବେ ରୋଗ ନିରୂପଣ ନହୋଇପାରିଲେ ତଥା ତ୍ୱରିତ ଆବଶ୍ୟକ ଚିକିତ୍ସା ସୁବିଧା ମିଳିନପାରିଲେ ରୋଗୀର ଜୀବନ ରକ୍ଷାକାରୀ ରକ୍ତରେ ପ୍ଲେଟଲେଟ ପରିମାଣ ହ୍ରାସ ହୋଇଯାଏ। କ୍ରମେ ରୋଗର ପ୍ରାଦୁର୍ଭାବ ବୃଦ୍ଧି ପାଇବାରେ ରୋଗୀ ଶେଷରେ ମୃତ୍ୟୁ ମୁଖରେ ପଡିଥାଏ।

ଏଥିପାଇଁ ଆମକୁ ସତର୍କ ରହିବାକୁ ପଡିବ। ସରକାରୀ ସ୍ତରରେ ଏଥିପ୍ରତି ପ୍ରତିଶେଧକ ମୂଳକ ପଦକ୍ଷେପ ନେବାକୁ ପଡିବ।

ପରିବେଶ ରହିପାରିଲେ ସୁସ୍ଥ ପରିବେଶ ସୃଷ୍ଟି ହେବା ସମ୍ଭବ। ଆମରି ଦାଣ୍ଡ ଓ ବାଡି ପଟେ ରହିଥିବା ସନ୍ତସନ୍ତିଆ ନଳା ଓ ପୋଚା ଖାତ, ଅନିଷ୍କାସିତ ଡ୍ରେନକୁ କିପରି ଗୋଷ୍ଠିଗତ ପ୍ରୟାସରେ ସଫା ହୋଇପାରିବ ବୋଲି ଆମେ ଆମର ସର୍ବନିମ୍ନ ଏକ ଗଠନ ମୂଳକ ଚିନ୍ତାର ଅବକାଶ ରହିଛି। ଅସ୍ୱଚ୍ଛ ପରିବେଶ ମଧ୍ୟରେ ରହିଲେ ନାନା ରୋଗ ସୃଷ୍ଟି ହୋଇଥାଏ। ଖଣ୍ଡିଆ ପରିତ୍ୟକ୍ତ ଟାୟାର, ଭଂଗା ବ୍ୟବହାର୍ଯ୍ୟ ଜିନିଷ, ବର୍ଜ୍ୟ ଟିଣ, ପ୍ଲାଷ୍ଟିକ ସାମଗ୍ରୀ, ଖୋଳପା, ନଡିଆ ଖୋଳା, ଷଢେଇ ପରିତ୍ୟକ୍ତ ପଡି ରହିଲେ କ୍ରମେ ଏଥିରେ ବର୍ଷା ଓ ଅସନା ଜଳ ଜମି ମଶା ଡାଉଁଶଙ୍କ ଅନ୍ତୁଡିଶାଳ ହୋଇ ସେମାନଙ୍କ ବଂଶ ବୃଦ୍ଧିର କାରଣ ହୋଇଥାଏ। ସବୁ ଜାଣି ଆମର ନିତିଦିନିଆ ବର୍ଜ୍ୟ ବସ୍ତୁକୁ ସଠିକ ଢଙ୍ଗରେ ପରିଚାଳନା ନକରି ଏଠିସେଠି ଫିଂଗି ଦେଉଛେ। ଫଳରେ ଆମେ ନିଜେ ନିଜର ଜୀବନ ନାଶକ ହୋଇଯାଉଛୁ ବୋଲି ଜାଣି ମଧ୍ୟ ଏବାବଦରେ ବେପରୁଆ ହୋଇଯାଉଛେ। ଆମ ଘର ପାଖ ଡ୍ରେନ ମଧ୍ୟକୁ ଅଳିଆ ଆବର୍ଜନା ଫୋପାଡି ଏହାକୁ ପୋତିପକାଉଛେ। ଫଳରେ ସ୍ଥାନୀୟ ଅଂଚଳରେ ପ୍ରବାହିତ ଆବର୍ଜନା ଜଳ ନିଷ୍କାସିତ ହୋଇନପାରି ଅନେକ ସ୍ଥାନରେ ଜମିରହି ପରିବେଶ ପ୍ରଦୂଷଣର କାରଣ ହେଉଛି। ସ୍ୱାସ୍ଥ୍ୟ ଓ ପରିମଳ ବିଭାଗ ମଧ୍ୟ ଏଦିଗରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାରେ ଉଦାସୀନ ରହିଯାଉଛନ୍ତି। ଅବ୍ୟବସ୍ଥିତ ତଥା ଅସଜଡା ଡ୍ରେନକୁ ନିୟମିତ ନବୀକରଣ ଓ ମରାମତି ନକଲେ ସ୍ୱଚ୍ଛ ପରିବେଶ ସୃଷ୍ଟି ହେବ କିପରି? ଠାଏ ଠାଏ ଜମି ରହିଥିବା ପୂତି ଗନ୍ଧମୟ ଡ୍ରେନ ପାଣିକୁ ନିଷ୍କାସନର ବ୍ୟବସ୍ଥା କରାଇ ଏଗୁଡିକୁ ନିୟମିତ ସଫା ନକରାଗଲେ ଏଥିରେ ମାରକ ମଶା ଡାଉଁଶଙ୍କ ଅନ୍ତୁଡିଶାଳ ସୃଷ୍ଟି ହେବ। ଆବଶ୍ୟକ ସଚେତନତା ଅଭାବରୁ ଜନ ବସତି ଉପକଣ୍ଠରେ ଅସ୍ଥାୟୀ ଡମ୍ପିୟାର୍ଡରେ ନିକ୍ଷେପ କରାଯାଉଥିବା କୁଢ କୁଢ ନିର୍ମାଣ ଆବର୍ଜନା, କଠିନ ବର୍ଜ୍ୟ ସାମଗ୍ରୀରେ ବର୍ଷା ଜଳ ଜମିଥାଏ। ଫଳରେ ଏଥିରେ ଡେଙ୍ଗୁ ମଶା ବଂଶ ବିସ୍ତାର କରିବାକୁ ସୁଯୋଗ ପାଇଥାଏ। ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏଦିଗରେ ଆବଶ୍ୟକ ସଚେତନତା ଓ ଚିକିତ୍ସା ସହାୟତା ଯୋଗାଇ ଦେବାକୁ ତତ୍ପରତା ଦେଖାଇ ଆବଶ୍ୟକ ପଦକ୍ଷେପ ନେବା ଉଚିତ।

ଏଣୁ ପ୍ରତିଶେଧକମୂଳକ ପଦକ୍ଷେପ ସ୍ୱରୂପ ଆମକୁ ଆମ ଜନବସତି ସମେତ ନିଜନିଜର ବାସସ୍ଥାନ ତଥା ଆଖପାଖ ଚଳାଚଳ ଅଂଚଳକୁ ସଫା ସୁତରା ତଥା ସ୍ୱଚ୍ଛ ରଖିବାକୁ ହେବ। ସ୍ୱଚ୍ଛ ପରିବେଶକୁ ଧ୍ୟାନ ଦେଲେ କେବଳ ଡେଙ୍ଗୁ ନୁହେଁ, ଅନ୍ୟ ସମସ୍ତ ପ୍ରକାର ଅସ୍ୱସ୍ଥ କାରଣକୁ ଦୂରୀକରଣ କରାଇ ଆପଣା ଜୀବନକୁ ଆପେ ଆୟୁଷ୍ମାନ କରାଇପାରିବା। ଏଣୁ ସ୍ଲୋଗାନରେ ସ୍ୱଚ୍ଛ ଭାରତ ଅଭିଯାନ ଚାଲୁ ନହୋଇ ପ୍ରତି ଅଂଚଳରେ କାର୍ଯ୍ୟତଃ ସ୍ୱଚ୍ଛତା ପ୍ରତି ସଚେତନ ହୋଇ ଧ୍ୟାନ ଦେଲେ ଆମେ ଏକ ସୁସ୍ଥ ଭାରତ ଗଠନ କରିପାରିବା।

ସା/ପୋ:-ନାଚୁଣୀ,
ଜିଲ୍ଲା:-ଖୋରଧା-
୭୫୨୦୩୪(୬୩୭୦୪୯୫୯)

## ନିଦ୍ରିତ ପ୍ରଶାସନ, ଜାଗ୍ରତ ଜନତା



ସୁବ୍ରତ କର

ଅଶାନ୍ତ ବାଲେଶ୍ୱର, ଶାନ୍ତ ପ୍ରଶାସନ । ବେଶ୍ କିଚିଦିନ ହେବ ବାଲେଶ୍ୱର ଅଶାନ୍ତ ରହିଛି, ଜନତା ମଧ୍ୟ ଅଶାନ୍ତ । କିନ୍ତୁ ପ୍ରଶାସନ ନୀରବ ଏବଂ ଜନତାଙ୍କ ମନକୁ ବୁଝିବାକୁ ସମୟ ନାହିଁ, ଭୃକ୍ଷେପ ମଧ୍ୟ ନାହିଁ । ବାଲେଶ୍ୱର ଏବେ ଏବେ ବହୁଆଡୁ ଚାପରେ ଅଛି । ଜଣଙ୍କୁ ଦୋଷ ଦେଇ ଲାଭ ନାହିଁ । ଶାସନକଳ ଢ଼ିଲା ହୋଇ ପଡ଼ିଛି । ଜିଲ୍ଲାରେ ଥିବା ପ୍ରଶାସକଙ୍କୁ ଅକ୍ତିଆରରେ ରଖନ୍ତି ସରକାରୀ ଦଳ । ସରକାର ଏବଂ ଶେଷରେ ଶାସକମାନଙ୍କ ଉପରିସ୍ଥ ଅଫିସରମାନେ । ଜିଲ୍ଲାରେ ସରକାରୀ ଦଳ ଯଦି ସଜାଗ ରହନ୍ତା ସାହସ ରହନ୍ତା ତେବେ ଏପରି ଅବସ୍ଥା ଉପୁଜି ନଥାନ୍ତା । ବାଲେଶ୍ୱରରେ ବହୁଦିନ ପରେ ବାଲେଶ୍ୱରବାସି ମାନେ ଏକଜୁଟ ହୋଇ ଆସନ୍ତା ୧୬ ତାରିଖରେ ବାଲେଶ୍ୱର ବନ୍ଦ ଡାକରାର ପ୍ରସ୍ତୁତି ପର୍ବ ଚଳାଉଛନ୍ତି । ତାଙ୍କର ଦାବି ଜଣେ ଜିଲ୍ଲା ଅଫିସରଙ୍କୁ ୭ଦିନ ମଧ୍ୟରେ ବଦଳି କରିବା । ଘଟଣାଟି ଏ ପର୍ଯ୍ୟନ୍ତ ଯିବାକୁ ଦିଆଗଲା କାହିଁକି ? ଦଳ ମତ ନିର୍ବିଶେଷରେ ଜଣେ ଅଫିସରଙ୍କ ଉପରେ ସମସ୍ତେ ଅସନ୍ତୁଷ୍ଟ କାହିଁକି ? ଏହା ଗୋଟାଏ ଦିନର ଘଟଣା ନୁହଁ । ଏହା ଗୋଟାଏ ପରେ ଘଟଣା ଯୋଡ଼ି ହୋଇ ଏହି ଅବସ୍ଥାରେ ପହଞ୍ଚିଛି । ଯଦି ସରକାର ବା ସରକାରୀ ଦଳର ଲୋକେ ବା ଜନପ୍ରତିନିଧିମାନେ ହସ୍ତକ୍ଷେପ କରନ୍ତେ ସମସ୍ୟାର ସମାଧାନ ହୋଇ ପାରନ୍ତା । ଏମାନଙ୍କ ଗୋଟାଏ କଥା ଏ ବିଷୟରେ କିଏ ନାକ ଗଳେଇବ ବା କାହିଁକି କି ନାକ ଗଳେଇବ ? ଶେଷରେ ଯଦି ନିଜ ନାକ କଟା ହୋଇହେବ ? ଏତେ ଭୟଭୀତ ହୋଇ ରହିବା ଠୁ ଜନପ୍ରତିନିଧିତ୍ୱ ପଦର ଅବ୍ୟାହିତ ଦେବା ଦରକାର । ଲୋକେ କଣ ଚାହୁଁଛନ୍ତି, ଲୋକଙ୍କୁ ଠିକ୍ ଚାହିଦାଟି ଯଦି ପୂରଣ ନ ହୋଇ ପାରିଲା ତେବେ ପଦ ପଦବିର କଣ ମିଳିବ ? ଏ ପରି ସତ୍‌ସାହସ କେତେଜଣ ନେତାଙ୍କଠାରେ ଅଛି । ସମସ୍ତେ ଭୟଭୀତ । ସମସ୍ତେ ଅନେଇ ବସିଛନ୍ତି ଥାର୍ଡ ଫ୍ଲୋରକୁ । ଥାର୍ଡ ଫ୍ଲୋର୍ ଶବ୍ଦଟି କିଏ ବାହାର କଲା ସେହି ଭଦ୍ର ବ୍ୟକ୍ତିଙ୍କୁ ଧନ୍ୟବାଦ କଥା । ସମସ୍ତଙ୍କ ମୁହଁରୁ ଗୋଟାଏ କଥା ଯାଉନୁ ଥାର୍ଡ ଫ୍ଲୋର୍‌କୁ ସମାଧାନ ହୋଇଯିବ । ଥାର୍ଡ ଫ୍ଲୋର ଯାହା ଚାହିଁବ ରାଜ୍ୟ ଏବଂ ରାଜ୍ୟବାସୀଙ୍କ ପାଇଁ କ୍ଷମତାର ପେଣ୍ଠସ୍ଥଳୀ । ଥରେ ଥରେ ମନେହୁଏ ପୁରୀର ଜଗନ୍ନାଥଙ୍କୁ ଦର୍ଶନ ନକରି ଥାର୍ଡ ଫ୍ଲୋର୍ ଥରେ ବୁଲି ଆସିଲେ ସବୁ ମନସ୍କାମନା ପୂରଣ ହୋଇଯିବ । ମୋର ଅନୁରୋଧ ଜିଲ୍ଲାର ଜନପ୍ରତିନିଧିମାନଙ୍କୁ, ସରକାରଙ୍କୁ ୧୬ ତାରିଖରେ ହେବାକୁ ଯାଉଥିବା ବନ୍ଦ ଡାକରାକୁ ବନ୍ଦ କରିବାର ବାଟ ବାହାର କରନ୍ତୁ ଶିଘ୍ର ଏବଂ ବାଲେଶ୍ୱର ଇତିହାସକୁ ଏବଂ ବାଲେଶ୍ୱରବାସିଙ୍କୁ ଉଚିତ୍ ସମ୍ମାନ ଦିଅନ୍ତୁ ।

## କବିତା କୋଣାର୍କ

### କିଛି ଶିକ୍ଷା



ବାପିନି ସିଂ

ସମାଜ ଆଗରେ କେବେ କହିବନି
ଅଭାବରେ ଅଛ ବୋଲି,
ପଡ଼ୋଶୀ ଆଗରେ କହିବନି କେବେ
ଘରର ଗୁମର ଖୋଲି ।

କେତେ ଧନ ବଳ ତୁମ ପାଖେ ଅଛି
ବନ୍ଧୁକୁ ଜଣାଅ ନାହିଁ,
ଶତ୍ରୁ ଆଗେ କହିବନି କେବେ
ଆଉ ମୋ ଘରେ ଏକତା ନାହିଁ ।

କେତେ ଋଣ ବୋଝ ଲଦା ତୁମ ମୁଣ୍ଡେ
ସେକଥା ବୁଝେନା ଝିଅ,
କେତେ ଧନ ସଞ୍ଚି ରଖିବା ଖବର
ସେ କଥା ନଜାଣୁ ପୁଅ ।

ମାଆ ଆଗେ କେବେ ଖୋଲି କହିବନି
ସ୍ତ୍ରୀର ଦୁର୍ଗୁଣ କଥା,
ବାପା ଆଗେ ଖୋଲି କହିବନି କେବେ
ନିଜ ପରାଜୟ କଥା ?

ମୋତେ ବେଶୀ ଭଲ ପାଉଛନ୍ତି ବାପା
କହିବନି ଭାଇ ଆଗେ,
ଏଇଟା କିଣିଲ ସେଇଟା କିଣିଲ
ଶୁଣିଲେ ଭଉଣୀ ମାଗେ ।

ଶ୍ୱଶୁର ଆଗରେ କେବେ କହିବନି
ଟଙ୍କାଟେ ଉଧାର ଦିଅ,
ପତ୍ନୀକୁ କେବେବି କହିବନି କ୍ରୋଧେ
ମୋ ଘରୁ ବାହାରି ଯାଅ ।

ରାଣ ରହିଲା କେବେ ଭୁଲିବନି ମୋର
ଏଇ ଦୁଇପଦ କଥା,
ଭୁଲିଲେ ପାଇବ ବହୁ ମନସ୍ତାପ
ସହିତ ମନରେ ବ୍ୟଥା ।

ସ୍ନାତକୋତ୍ତର ଅର୍ଥଶାସ୍ତ୍ର ବିଭାଗ
ଛାତ୍ର, ଫକୀରମୋହନ
ବିଶ୍ୱବିଦ୍ୟାଳୟ, ବାଲେଶ୍ୱର
(ମୋ)୯୯୩୭୮୨୦୮୩୧

### ସ୍ନାନ ପୂର୍ଣ୍ଣିମା

ସୁନୀଲ କୁମାର ପ୍ରଧାନ



ସ୍ନାନ ଯାତ୍ରା ସତେ ଆସିଛି ଭଉଣୀ
ବରଷକୁ ଥରେ ପୁଣି
ଭଉଣୀ ଭାଇଙ୍କ ସହ ଜଗା ମଣି
ସ୍ନାନ ଶହେ ଆଠ ଗରା ପାଣି ।

ଶ୍ରୀମନ୍ଦିର ଠାରୁ ଆସନ୍ତି ଠାକୁର
ଝୁଲି ଝୁଲି ବନମାଳୀ
କି ସୁନ୍ଦର ରୂପ ମୋହିତ ହୁଅଇ
କରନ୍ତି ନାନା କେଳି ।

ଟାହିଆ ଆହୁରି ସୁନ୍ଦର କରଇ
ଜଗାର ମଥାକୁ ପୁଣି
ସେବାରେ ସେବାୟତ ରହିଥାନ୍ତି ସତେ
ଭକ୍ତିର ଭାବ ଭଣୀ ।

କାଳିଆ ଠାକୁରଙ୍କୁ ସ୍ନାନ କରାନ୍ତି
ପଇଁତିରିଶି ଜଳ ଗରା
ବଡ଼ ଭାଇଙ୍କର ତେତିଶି ଗରା ଯେ
ଭଉଣୀ ବାଇଶି ପରା।

ଶୁଭାସିତ ଜଳେ ଗାଧନ୍ତି ଠାକୁର
ପନ୍ଦର ଦିନ ଲାଗଇ ଜର
କର୍ପୂର ଚନ୍ଦନ କସ୍ତୁରୀ ଲେପନ
ଉପଶମ ପାଏ କାଳିଆ ବଦନ ।

ଗଜାନନ ବେଶ ଧରନ୍ତି ଠାକୁର
ଆହା କି ସୁନ୍ଦର ରୂପ
ସେ ରୂପକୁ ଦେଖି ଆଖି ଲାଗି ଯାଏ
ପୂଜାରେ ଦିଅଇ ଦୂପ ।

ପନ୍ଦର ଦିନ ଯେ ନପାଇ ଦର୍ଶନ
ଭକ୍ତଙ୍କର ଭାବ ବେଗ
ବ୍ରହ୍ମଗିରି ଠାରେ ଅଲାରନାଥଙ୍କୁ
ଦର୍ଶନେ ଦିଅନ୍ତି ଭାଗ ।

ଆସ କୁନା କୁନି ସ୍ନାନ ଯାତରାକୁ
ହୃଦୟେ ରଖିବା ମନେ
ଏହା ତ ଅଟଇ ଆମର ଗୌରବ
ଅଧମ ଏ ଗୀତ ଭଣେ ।

ଝାଟିପଦର, ପାଲୁର, ଗଞ୍ଜାମ
ମୋ: ୭୬୦୯୯୩୪୩୬୬

### ଦେଶ

ପ୍ରଶାନ୍ତ କୁମାର ଦାଶ



ଦେଶ ମୋ ସ୍ନାୟୁରେ ଦେଶ ମୋ
ରକ୍ତରେ ଲୁହରେ ବି ମୋର ଦେଶ
ଦେଶ ମୋ ନିଃଶ୍ୱାସେ ଦେଶ ମୋ
ବିଶ୍ୱାସେ ଛାତିରେ ବି ମୋର ଦେଶ

ଦେଶର ପବନ ମୋର ଅମ୍ଳଜାନ
ଦେଶର ପାଣି ମୋ ରକ୍ତ
କେତେ ଜାତି-ଧର୍ମ-ବର୍ଣ୍ଣ-ଭାଷା ଏଠି
ତଥାପି ଶ୍ରେଷ୍ଠ ମୋ ଦେଶ

ମୋ ଦେଶର ଧର୍ମ ମାନବିକତା ଯେ ମୋ
ଦେଶର ଭାଷା ପ୍ରେମ
ଫଜେରା ଫାଟିଲେ ପୂରୁବ ଆକାଶେ ଢଳ
ଢଳ ଦିଶେ ଦେଶ

ମୋ ଦେଶର ମନ୍ତ୍ର ସତ୍ୟ-ଅହିଂସା ଶାନ୍ତି
ତାହାରି ଆୟୁଧ
ଭଗତ-କଲାମ-ବିବେକା-ମୋହନ-
ଲକ୍ଷୀବାଈର ଏ ଦେଶ

ଦେଶ ମୋର ଗର୍ବ ଦେଶ ଅଭିମାନ
ଦେଶ ହିଁ ତ ମୋର ମାନ
ଦେଶର ଅମୃତ ଆଖିରେ ଦେଖିଛି
କେତେ ସୁନ୍ଦର ମୋ ଦେଶ ।

ଯା'ର ପରମ୍ପରା-ସାହିତ୍ୟ-ସଂସ୍କୃତି
ଜାଣିଛି ସମଗ୍ର ବିଶ୍ୱ
ସେଇ ମାଟି ଅଟେ ସେଇ ମାଟି ଅଟେ
ମୋ ପ୍ରିୟ ଭାରତ ଦେଶ ।

ରେଗଡା,
ଏମ୍.ରାମପୁର, କଳାହାଣ୍ଡି
ମୋ-୭୭୩୫୪୧୯୫୭୩

### ଅତୀତ

ଜଗଦୀଶ ସାହୁ



କାହିଁ ଗଲା ମୋର ସେଇ ପିଲାଦିନ
ଫେରିବାର ନାଆଁ ଧରୁନି
ସମୟ ସୁଅରେ କେମିତି ହଜିଲା
ଖୋଜି ଖୋଜି ତାକୁ ପାଉନି !

କରି ସାତପର କାହିଁ କେତେଦୂର
ଛାଡି ଚାଲିଗଲା ସତରେ
ତାକୁ ମୁଁ ଝୁରୁଛି ପାରୁନି ମୁରୁଛି
ଆଖି ଭିଜିଯାଏ ଲୁହରେ
ଛନ୍ଦ କପଟରେ ପୂର୍ଣ୍ଣ ବର୍ତ୍ତମାନ
ଅତୀତକୁ ଭୁଲି ହଉନି
କାହିଁ ଗଲା ମୋର ସେଇ ପିଲାଦିନ
ଫେରିବାର ନାଆଁ ଧରୁନି !

ଆଜିଠାରୁ ସିଏ ବହୁଗୁଣେ ଭଲ
ଖିଆଲରେ ଦେଲି ହଜେଇ
ଆଉ ଯଦି କେବେ ଆସିବ ପାଖକୁ
ପାରିବିନି ତାକୁ ଦୁରେଇ
ଛାଇପରି ତାକୁ ରଖିବି ପାଖରେ
ଜମାରୁ ମୁଁ ମିଛ କହୁନି
କାହିଁ ଗଲା ମୋର ସେଇ ପିଲାଦିନ
ଫେରିବାର ନାଆଁ ଧରୁନି !

ସଞ୍ଜପଡା, ହିନ୍ଦୋଳ
ଢେଙ୍କାନାଳ, ୭୫୯୧୨୮
ମୋ: ୯୦୭୮୧୮୫୬୧୬

ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର,
ସୋମବାର, ୧୩ ଜୁନ୍ ୨୦୨୨


# ନୀଳ




## ବିଷ୍ଣୁ ପ୍ରସାଦ ଦାସ

ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା,
କଟକ - ୭୫୩୦୦୯
ମୋ: ୯୯୩୭୧୭୪୦୯୭


'ନୀଳ' ସେ ଆକାଶ ନୁହେଁ, 'ନୀଳ' ସେ ସାଗର ନୁହେଁ, 'ନୀଳ' ସେ' ମଣି ନୁହେଁ ଓ ତେବେ ଏ ନୀଳ କିଏ ? କ'ଣ ତା'ର ପରିଚୟ ? ନୀଳକୁ ଆମ ସାହି ସାରା ଲୋକେ ଜାଣନ୍ତି ଓ ନୀଳ ପ୍ରତିଦିନ ଆସେ ଓ ତା'ର କାର୍ଯ୍ୟ ସାରି ନିର୍ଦ୍ଦିଷ୍ଟ ସମୟରେ ଫେରିଯାଏ ଓ ମୋର ତା' ସହିତ ଦେଖା ହୁଏ କେବଳ ପ୍ରାତଃ କାଳରେ, ଯଦି କୌଣସି ବିଶେଷ କାର୍ଯ୍ୟ ଯଥା: ପର୍ବ ପର୍ବାଣି ବା ସରକାରୀ କାର୍ଯ୍ୟ ଥାଏ, ତେବେ ନୀଳର ଦେଖା ମିଳେ ଅପରାହ୍ନରେ ଓ ସେ ତା' ଦାୟିତ୍ୱ ପ୍ରତି ଖୁବ ସଚେତନ , ଠକାମୀ ତା'ର ଜାତକରେ ନାହିଁ କହିଲେ ଚଳେ, ନିଜ କାମ ବ୍ୟତୀତ ଅନ୍ୟର କାର୍ଯ୍ୟ ମଧ୍ୟ କରିଦେଇଥାଏ ଓ ହୁଏତ ଏଇଭଳି ବ୍ୟକ୍ତିଙ୍କୁ ଆଜିକାଲି ଲୋକମାନେ 'ବୋକା' ଆଖ୍ୟା ଦିଅନ୍ତି , ମୋଟାମୋଟି କହିବାକୁ ଗଲେ ନୀଳ ସମସ୍ତଙ୍କର ବିଶ୍ୱାସଭାଜନ ଓ ନୀଳ ଖୁବ ଗୋଟାଏ ପାରିଲା ବାଲା ବ୍ୟକ୍ତିତ୍ୱ ନୁହେଁ ତେବେବି ବସ୍ତିର ଲୋକଙ୍କ ପାଇଁ ତା'ର ସେବା, ତା'ର ଉପସ୍ଥିତି ଅନିବାର୍ଯ୍ୟ ଓ ନୀଳର ଅନୁପସ୍ଥିତି ସମସ୍ତଙ୍କର ଚିନ୍ତାର କାରଣ ।

ମଝିରେ ମୁଁ ଦିନେ ନୀଳର ଅନୁପସ୍ଥିତି ଅନୁଭବ କରି ଉତ୍ସୁକତା ବଶତଃ ମୋ ସହଧର୍ମିଣୀଙ୍କୁ ପଚାରିଲି ' କ'ଣ ନୀଳ ଆଉ ଆସୁନାହିଁକି ? କାହିଁ ମୁଁ ତ' ତା'କୁ ଜମା ଦେଖୁନି ?, କ'ଣ ତା'ର ଦେହ ଖରାପ ହେଲାକି ? ନା' ତା'ର ଏଠୁ ବଦଳି ହେଇଗଲା ?' ହଠାତ ଏତେ ଗୁଡ଼ାଏ ପ୍ରଶ୍ନରେ ମୋ ସହଧର୍ମିଣୀ କିଛି ଉତ୍ତର ଦେଇ ନ'ପାରି ଖାଲି ହସିଦେଲେ ...ତାଙ୍କ ହସ ମୋତେ କେମିତି କେମିତି ଲାଗିଲା ଓ ପ୍ରକୃତିସ୍ଥ ହୋଇ ସେ କହିଲେ ' ମୁଁ ବା କେମିତି ଜାଣିବି ଯେ, ନୀଳ କାହିଁକି ଆସୁନି ? ତୁମେ ତ' ଯେଉଁଠି ମୁଁ ବି ସେଇଠି ' ଓ ସହଧର୍ମିଣୀଙ୍କ ଉତ୍ତର ଶୁଣି ମୁଁ ମନକୁ ମନ ଗୁଣୁ ଗୁଣୁ ହୋଇ କହିଲି ' ହଉ ସେ ଆସୁ ପଚାରିବା ତା'ର କ'ଣ ହୋଇଥିଲା ? ପ୍ରତିଦିନ ସଖାଳେ ବାଲକୋନୀରେ ବସି ମୋ' ଆଖି ଦୁଇଟି ନୀଳକୁ ଖୋଜୁଥାଏ କିନ୍ତୁ ନୀଳର ଦେଖା ମିଳେନାହିଁ , ତା'ର ବଦଳିଆ ଭାବେ ଯେଉଁ ଲୋକଟି କାର୍ଯ୍ୟ କରିବାକୁ ଆସେ ନୀଳ ପରି କାମ କରି ପାରେନାହିଁ ଆମ ନଜରରେ ସେ 'ଠକ' ଓ ଖାଲି ଦାୟିତ୍ୱ ସାରି ଚାଲିଯାଉଥିବା ବଦଳିଆ ଲୋକଟାକୁ ମୁଁ କ'ଣ, କେହି ବି ପସନ୍ଦ କରୁନଥିଲେ ଓ ସମସ୍ତେ ତା'କୁ ନୀଳର କାର୍ଯ୍ୟ ଓ ବ୍ୟବହାର ସହିତ ତୁଳନା କରୁଥିଲେ ଓ ନୀଳ ନିଜ କାର୍ଯ୍ୟ ସାରି ଅନ୍ୟର କାର୍ଯ୍ୟ ମଧ୍ୟ କରିବାରେ କେବେବି କୁଣ୍ଠାବୋଧ କରେନି , ସତେ ଯେପରି 'କର୍ମ ହିଁ ତା'ର ଜୀବନର ମାନଦଣ୍ଡ' ଓ ନୀଳର ଅନୁପସ୍ଥିତିରେ ଆଗରୁ ମଧ୍ୟ ଦୁଇ ତିନିଥର ବଦଳିଆ ଆସି ଗଲେଣି କିନ୍ତୁ ନୀଳ ଆସୁନି ଓ 'ନୀଳ' ସେ ଆକାଶ ନୁହେଁ, କିନ୍ତୁ ଆକାଶ ପରି ବିଶାଳ ହୃଦୟ ତା'ର, 'ନୀଳ' ସେ ସାଗର ନୁହେଁ, କିନ୍ତୁ ସାଗର ପରି ନିର୍ବିକାର, 'ନୀଳ' ସେ ମଣି ନୁହେଁ, କିନ୍ତୁ ମଣିଠାରୁ ବି ଉଜ୍ଜଳ, ତେବେ ଏହି ଗଳ୍ପର ନାୟକ ନୀଳ କିଏ ? 'ନୀଳ' ଖୁବ୍ ବିବେକୀ ମଣିଷଟିଏ।

କଟକ ମହାନଗର ନିଗମର ଏକ ସଫେଇ କର୍ମଚାରୀ ଏଇ ଗଳ୍ପର ନାୟକ 'ନୀଳ' ଓ ତା'ର ପ୍ରତିଦିନର କାର୍ଯ୍ୟ ରାସ୍ତା ଓଳାଇବା ଓ ଆବର୍ଜନା ସଫାକରି ସ୍ଥାନାନ୍ତରିତ କରିବା , ନିଗମ ତରଫରୁ ଦିଆଯାଇଥିବା ଏକ ଠେଲା ଗାଡିରେ ଆବର୍ଜନା ସଂଗ୍ରହ କରି ଖତଗଦାରେ ପକାଇଥାଏ ଓ ବାସ ! ଏତିକି କାର୍ଯ୍ୟ ? ପ୍ରକୃତରେ ଏତିକି କାର୍ଯ୍ୟ ନୁହେଁ, ଏଥିପାଇଁ କଠିନ ପରିଶ୍ରମ ଆଉ ନିଷ୍ଠାର ଆବଶ୍ୟକତା ଅଛି , ନାନାପ୍ରକାର ବର୍ଜ୍ୟବସ୍ତୁ ଓ ଦୁର୍ଗନ୍ଧ ଯୁକ୍ତ ମଇଳା ଉଠାଇନେବା ରାସ୍ତା ସଫାକରିବା, ଓଳାଇବା ଇତ୍ୟାଦି ସହଜସାଧ୍ୟ କାର୍ଯ୍ୟ ନୁହେଁ ଓ ଆମେ 'ଅସ୍ପୃଶ୍ୟ' କହି ସେମାନଙ୍କୁ ଘୃଣା କରୁ କିନ୍ତୁ ସେମାନଙ୍କ ସେବା ବିନା ଆମେ ସାଧାରଣ ଜୀବନ ଯାପନ କରିବା ସହଜ ନୁହେଁ , ତେଣୁ ଜାତିରପିତା ମହାତ୍ମା ଗାନ୍ଧୀ ଯଥାର୍ଥରେ ସେମାନଙ୍କୁ 'ହରିଜନ' ବୋଲି ସମ୍ମାନ ଦେଇଛନ୍ତି ଓ ଆମେ ସମସ୍ତେ ମାନବ ଆଉ ଆମର ମାନବିକତା ରହିବା ଦରକାର, କାର୍ଯ୍ୟ ବା ଜୀବିକାକୁ ନେଇ ବଡ ଛୋଟ ଭାବିବା ଉଚିତ ନୁହେଁ ଓ ନୀଳ ତା'ର କାର୍ଯ୍ୟ ପାଇଁ ବହୁ ପ୍ରସଂଶିତ, ଦିନେ ଦିନେ ମୁଁ ବସି ଭାବେ ମୁଁ ଯଦି ତା'ର ଉପରିସ୍ଥ ଅଧିକାରୀ ହୋଇ ଥା'ନ୍ତି ହୁଏତ ତା'ର ଦରମା ବଢ଼ାଇ ଦିଅନ୍ତି; ଯେଉଁଥିରେକି ସେ ଆହୁରି ଭଲ କାମ କରିବାକୁ ଆଗ୍ରହୀ ହୁଅନ୍ତା ତଥା ତା'ର ପାରିବାରିକ ସ୍ଥିତିରେ ମଧ୍ୟ ସୁଧାର ଆସନ୍ତା ଓ ଏଇ ମହରଗ ଯୁଗରେ କେତେଟା ଟଙ୍କା ଅବା ସେ ପାଉଥିବ ? ସେ' ବି କେତେ ସ୍ୱପ୍ନ ଦେଖୁଥିବ ତା'ର ପିଲାମାନେ ବି ଦିନେ ବଡ ହେବେ ବଡ ଚାକିରୀ କରିବେ , ଗାଡି ମଟର କିଣିବେ ଘର କରିବେ ଆଉ ସୁଖରେ ରହିବେ....ତା' ପରି ତ' ଆଉ ତା' ପିଲାଏ ରାସ୍ତା ଝାଡୁ କରିବେନି ଓ ହେ, ଭଗବାନ , ହେ, ମା ' ମଙ୍ଗଳା ତୁମକୁ ପ୍ରାଥନା କରୁଛି ତୁମେ ତା'ର ଆଶା ପୁରଣକର।

ଦିନେ ଦିନେ ମୁଁ ନୀଳକୁ ଚା' ଖାଇବାକୁ କିଛି ପଇସା ଦେଉଥିଲି , ସେ ବି ତା'ର ବିବେକ ଅନୁସାରେ କିଛି କାମ କରି ମୋର ଋଣ ପରିଶୋଧ କରିଦେଉଥିଲା ଅଭାବୀ ମଣିଷଟିଏ କିନ୍ତୁ ସ୍ୱାଭିମାନୀ , ସରଳ ଆଉ କର୍ମଠ ସବୁ କଥାରେ ହସିଦିଏ ଓ ସକାଳ ୬ଟାରୁ ନୀଳ ତା'ର ପୁରୁଣା ଠେଲାଗାଡି ଧରି ସାହି ମୁଣ୍ଡରେ ପହଞ୍ଚିଯାଏ, ତା' ଠେଲଓଗାଡି ଚକରୁ ବାହାରୁଥିବା କର୍କଶ ଶବ୍ଦ ଜଣାଇ ଦିଏ 'ନୀଳ'ର ଉପସ୍ଥିତି ଓ କେତେଥର ମୁଁ ମୋ'ର ମଟର ସାଇକେଲରୁ ବାହାରିଥିବା ପୁରୁଣା ମୋବିଲ ତେଲ ନୀଳକୁ ଦେଇଛି ଓ ଠେଲଓଗାଡି ଚକରେ ଦେବାକୁ କହିଛି , ତେଲ ଦେବାଦ୍ୱାରା କର୍କଶ ଶବ୍ଦ ତଥା ଘର୍ଷଣ ଜନିତ କଷ୍ଟରୁ ନୀଳକୁ କିଛିଟା ଆଶ୍ୱସ୍ତି ମିଳେ।

ଦିନକର କଥା , ମୁଁ ବାଲକୋନୀରେ ବସିଥାଏ ନୀଳ ତା'ର ଅଳିଆ ବୋଝେଇ ଗାଡି ଧରି ଖତଗଦା ଆଡକୁ ଯିବା ସମୟରେ ହଠାତ ଗାଡିର ଡାହାଣ ପଟ ଚକଟି ବାହାରିଗଲା ଓ ଅଳିଆ ବୋଝେଇ ଗାଡିଟି ଭାରସାମ୍ୟ ହରାଇ ଡାହାଣ ପଟକୁ ନଇଁ ଗଲା ଅଖରେ ଥିବା 'କିଳା' ବା 'ଲକପିନ' ବାହାରି ଯିବାରୁ ଚକ ବାହାରିଗଲା, ସେ ବିଚାରା କ'ଣ ବା କରିବ ? କେହି ତାକୁ ସାହାଯ୍ୟ କରିବାକୁ ଆସିଲେ ନାହିଁ ଓ ଏକା ଲୋକ ଗାଡି ଟେକିବ ନା' ଚକ ଲଗେଇବ ? ମୁଁ ଆଉ ରହି ପାରିଲି ନାହିଁ , ତୁରନ୍ତ ସେଠାକୁ ଯାଇ ତା'କୁ କହିଲି ଯେ, ସେ ଡାହାଣପଟ ଟେକି ରଖୁ ଓ ମୁଁ ଚକକୁ ଠେଲଓଗାଡି ଅଖ ବା ଏକ୍ସଲରେ ପୁରାଇଦେବି ଓ ସମସ୍ତେ ଦେଖୁଥାନ୍ତି କିନ୍ତୁ କେହି ଅଳିଆ ଗାଡି ଛୁଇଁବାକୁ ଇଚ୍ଛା କରୁନଥା'ନ୍ତି ଓ ମୋର କିଛିଟା ଯାନ୍ତ୍ରିକ ଜ୍ଞାନ ଅଛି ଏବଂ ଏହାକୁ ପାଥେୟ କରି ନୀଳ ଗାଡିର ଚକ ଲଗାଇଦେଲି ଓ ଆଉ ବାହାରି ନ' ଯିବା ପାଇଁ ମୋଟା କଣ୍ଟା ଲଗାଇଦେଲି ଓ ଜାଣେନା ସେଦିନ ମୋ କାର୍ଯ୍ୟରେ ସେ' କେତେ ଖୁଶି ହୋଇଥିଲା କି ନାହିଁ ? କିନ୍ତୁ , ନୀଳକୁ କିଛିମାତ୍ରାରେ ସାହାଯ୍ୟ କରିଥିବାରୁ ମୁଁ ଅନେକ ଆନନ୍ଦିତ ଥିଲି ଓ ଛୋଟ ଛୋଟ କଥା ହେଲେବି ହୃଦୟ ଭିତରେ ସ୍ମୃତି ହୋଇ ରହିଯାଏ ଓ ଅସମୟରେ ବିପଦରେ ପଡିଥିବା ବ୍ୟକ୍ତିଙ୍କୁ ସାହାଯ୍ୟ କଲେ ଭଗବାନ ନିଶ୍ଚୟ ଖୁଶି ହେବେ, ଏହି କଥା ବଡ଼ ମାନଙ୍କ ଠାରୁ ଶୁଣିଛି ଓ କୌଣସି ଆଶା ରଖି ସାହାଯ୍ୟ କରିବା ଆଉ ନିସ୍ୱାର୍ଥପର ସାହାଯ୍ୟ କରିବା ଭିତରେ ଅନେକ ଅନ୍ତର ଥାଏ।

ନୀଳ ପ୍ରତି ଘର ଆଗରେ ଥିବା କୁଡ଼ କୁଡ଼ ଅଳିଆ ଆବର୍ଜନା ସବୁ ନେଇ ଗାଡ଼ିରେ



ରଖେ। ରାସ୍ତା ଓଳାଏ , ଆମେ ସଭ୍ୟ ବୋଲାଉଥିବା ବାବୁ , ମା' ମାନେ ବେଳେ ବେଳେ ତା'ର କାର୍ଯ୍ୟକୁ ବଢ଼ାଇ ଦୁଇଗୁଣ କରିଦେଇଥାଉ ଓ କାରଣ ଆମେ ସଭ୍ୟ , ଆମେ କରିତକର୍ମା , ଆମେ ବସ୍ତିବାଲା , ଆମେ ସରକାରୀ ମୋହର ଲଗା ବଡବାବୁ ଓ ଅଳିଆ ଆବର୍ଜନା ପକାଇବାକୁ ଆମର କୌଣସି ନିର୍ଦ୍ଦିଷ୍ଟ ସମୟ ନାହିଁ , ଆମ ଇଚ୍ଛା, ଆମେ ଯେତେବେଳେ ଚାହିଁବୁ ରାସ୍ତାରେ ଅଳିଆ ଆବର୍ଜନା ପକାଇ ଆମ ଘରକୁ ଚିକ୍କଣ ରଖିବୁ ଓ ନୀଳ ଆସିବା ପୂର୍ବରୁ ବା ନୀଳ ଗଲା ପରେ.... ଆମ ପାଇଁ ଏହା ସାମାନ୍ୟ କଥା ଓଃ କି ଯୁକ୍ତି ବାବୁ ମାନଙ୍କର ? ଜଣେ ପରିଷ୍କାର କରି ଗଲାପରେ ଆମର ବିବେକ କିପରି ବାଧା ଦିଏନି' ଏପରି କାର୍ଯ୍ୟ କରିବାକୁ ? ଆମେ କ'ଣ ଚାହିଁଲେ ସଫେଇ କର୍ମଚାରୀ ଆସିବା ପୂର୍ବରୁ ଆମର ବର୍ଜ୍ୟ ବସ୍ତୁ ବାହାରେ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ରଖି ପାରିବଓ ନାହିଁ ? ଅଧିକାଂଶ ଲୋକଙ୍କ ବିଚିତ୍ର ଯୁକ୍ତି "ଆମେ କ'ଣ ଝାଡୁଦାର କଥାରେ ଚାଲିବା ? ଆମେ କ'ଣ ମ୍ୟୁନିସିପାଲଟିକୁ ଟିକସ ଦେଉନାହୁଁ ? ସେ' କ'ଣ ଦରମା ନେଉନାହିଁ ?" ଅନେକ ଥର ମୁଁ ଦେଖିବାରେ ନୀଳ ପରିଷ୍କାର କରି ଗଲାପରେ ମଧ୍ୟ ଲୋକମାନେ କୁଡ଼ କୁଡ଼ ଆବର୍ଜନା ଆଣି ରାସ୍ତାରେ ଗଦେଇଛନ୍ତି ଓ ନୀଳ ତା'ର ଉପରିସ୍ଥ କର୍ମଚାରୀଙ୍କ ଠାରୁ ଗାଳି ମଧ୍ୟ ଶୁଣିଛି ଓ ମ୍ୟୁନିସିପାଲିଟିର ଅବୁଝା ସୁପରଭାଇଜର ଟୋକାଟା କିଛି ନ'ବୁଝି ନୀଳ ଉପରେ ହାକିମାତି ଦେଖାଏ ଓ ଏହା ତ' ସବୁ ଗରୀବର ଭାଗ୍ୟରେ ଆମେମାନେ ଲେଖିଦେଇଛୁ , ସମସ୍ତେ ଭାଗ୍ୟ ପାଇଁ ଭଗବାନଙ୍କୁ ଦୋଷ ଦିଅନ୍ତି କିନ୍ତୁ ମୋର ମତରେ ଏହି ନୀଳ ପରି କିଛି ଚରିତ୍ରଙ୍କ ଭାଗ୍ୟ ତ' ଆମପରି କିଛି ଅମଣିଷ ମାନଙ୍କ ହାତରେ ବନ୍ଧା ଓ ମାନବିକତା ଶୂନ୍ୟ ବ୍ୟବହାର ଓ ଘୃଣା ମନୋଭାବ ଦ୍ୱାରା ଆମେ ମଣିଷକୁ ମଣିଷ ପରି ଦେଖୁନାହୁଁ , ଏଇଠି ତ' ମାନବିକତାର ବ୍ୟତିକ୍ରମ ଦେଖିବାକୁ ମିଳେ ଓ କୌଣସି କର୍ମ୍ମ ଛୋଟ ନୁହେଁ, କୌଣସି ମନୁଷ୍ୟର ମାନବିକ ଅଧିକାରକୁ କ୍ଷୁର୍ଣ୍ଣ କରିବାକୁ ଆମକୁ କିଏ ଅଧିକାର ଦେଲା ?

ହଁ, ଓଡ଼ିଶାର ସର୍ବ ପୁରାତନ ସହର ତ' କୌଣସି ପାଶ୍ଚାତ୍ୟ ରାଷ୍ଟ୍ରର ସହର ନୁହେଁ, କି' ସିଙ୍ଗାପୁର ନୁହେଁ ଯେ, ଆଇନକୁ ଡରି ଆମେ କାମ କରିବା ? ଏଇ ତ' ଭାଇଚାରାର ସହର, ହଜାରେ କୋଡିଏ ବର୍ଷର ସହର, ଏଠାରେ ସମସ୍ତେ ଭାଇ ଭାଇ, ତେଣୁ କେହି କାହାକୁ ଦୋଷ ଦିଅନ୍ତି ନାହିଁ ଓ ଚଳେଇନେଲେ ସବୁ ଚଳିଯାଏ, ଆଉ 'କାଣୀ ବିଲେଇର କୁଜି ଅସରପା ଉପରେ ନାଲିଆଖି' , ବିଚିତ୍ର ନୀତି ଏଇ ସହରର 'ଝୀଂଟିକା ମାରି ବଣି ପୋଷିବା' କାମ ଏଠି ସର୍ବତ୍ର ଦେଖିବାକୁ ମିଳେ ଓ ଏଠି 'ନୀଳ କୁଜି ଅସରପା ଠୁ ବି ନ୍ୟୁନ, ଜୀବନ ଆଉ ଜୀବିକା ପାଇଁ ସବୁ ସହିବାକୁ ପଡେ, ପେଟ ଚାଖଣ୍ଡକ ପାଇଁ ଓ କୁନି ଛୁଆ ଦୁଇଟିଙ୍କ ପାଇଁ ସେ ସବୁ ସହିଯାଏ , ଦିନେ ସାହସ ବାନ୍ଧି ନୀଳ ରହୁଥିବା ବସ୍ତିରେ ପହଂଚିଗଲି ।

ପିଲାବେଳେ ଅନେକ ଥର ଏହି ବସ୍ତିକୁ ଆସିଛି କେତେ ଆମ୍ବ, ଜାମୁ କୋଳି , ବରକୋଳି , ଜାମୁ ରୋଲ, ପିଜୁଳି ଗଛରେ ଭର୍ତ୍ତି ଥିଲା ଏହି ବସ୍ତି ପାଖ 'ମାରୱାଡି ବଗିଚା' ଓ ବଗିଚାର ମଧ୍ୟ ସ୍ଥଳରେ ଏକ ବଡ଼ ମହାଦେବଙ୍କ ମନ୍ଦିର, ଷାଠିଏ ଦଶକର କଥା ସେତେବେଳେ ଆମ ସହିତ ସମବୟସ୍କ ହରିଜନ ବସ୍ତିର ପିଲା ମାନେ ବି ଆମର ସାଙ୍ଗ ଥିଲେ ଓ ସମୟ ବଦଳିଯାଇଛି ବୟସ ବି ବଢି ଯାଇଛି , କର୍ମମୟ ଜୀବନ କାଳରେ ସମୟ ଅସମୟରେ ସେମାନଙ୍କ ସହିତ ଦେଖା ବି ହୁଏ ଆଉ 'ଭାଇ ସବୁ ଭଲତ' ? ଉତ୍ତର ଆସେ ହଁ ଭାଇ ଏକପ୍ରକର ଚାଲିଛି ବାସ ! ଯିଏ ଯାହା କାମରେ ଚାଲିଯାଉ ଓ ଅବସର ନେବାପରେ ପ୍ରଥମ ଥର ସେହି ବସ୍ତିକୁ ଆସି କିଛି ପୁରୁଣା ଚିହ୍ନଓ ମୁହଁ କୁ ଦେଖି ଅଜାଣତରେ ସ୍ମିତ ହସ ଟିକେ ବାହାରି ଗଲା ଓ ହଠାତ ମୁଁ ପଚାରିଲି କିରେ କାର୍ତ୍ତିକ କେମିତି ଅଛୁ ? ମୋତେ ଚିନ୍ହି ପାରୁଚୁ ? କାର୍ତ୍ତିକ ଟିକେ ହସି ଉତ୍ତର ଦେଲା ହଁ, ରବି ବାବୁ ପିଲାଦିନରୁ ତୁମକୁ ଦେଖି ଆସୁଛି ଆଉ ଚିନ୍ହି ପାରିବି ନାହିଁ ? ଆରେ ମୋତେ ଖାଲି ରବି ଡାକିବୁ ସେ ବାବୁ ଫାବୁ ଲଗାଇବୁ ନାହିଁ' ଟିକେ ହସିଦେଇ କାର୍ତ୍ତିକ ପଚାରିଲା ' ହଉ କୁହ ତୁମେ ଆଜି କ'ଣ ବାଟ ଭୁଲି ଏପଟେ ଚାଲି ଆସିଲା ନଓ' ଆଉ କ'ଣ କିଛି ଖାସ କାମ ଅଛି ? 'ନା ସେମିତି କିଛି ଖାସ କାମ ନୁହେଁ, ତେବେ କିଛି ଜାଣିବାକୁ ଆସିଛି ତୁମ ପାଖରୁ 'କାର୍ତ୍ତିକ ଉତ୍ସାହର ସହିତ' କହିଲା କ'ଣ ପଚାରୁନ ? 'ମୋର ପ୍ରଶ୍ନ ଥିଲା' କହି ପାରିବକି ଏହି ବସ୍ତିରେ 'ନୀଳ' ନାମରେ ଜଣେ ରହୁଥିଲା ଆଉ ଆମ ସାହିରେ ତା'ର ଡ୍ୟୁଟି ପଡୁଥିଲା , କିନ୍ତୁ ସେ ଅନେକ ଦିନ ହେଲା କାହିଁକି ଅନୁପସ୍ଥିତ ଅଛି ? ତା'ର ଖବର କଣ ? 'କାର୍ତ୍ତିକ ପଚାରିଲା' କୋଉ ନୀଳ କଥା ପଚାରୁଚ ? ସେଇ ନୟାଗଡିଆ ନୀଳ ?' ମୁଁ ତ' ଠିକ ଜାଣେନାହିଁ, ତେବେ ଏହି ବସ୍ତିରେ ଥାଏ ବୋଲି ଶୁଣିଚି'ଓ 'ନୀଳ ଭଲ ଲୋକଟିଏ ଥିଲା' , ହଠାତ ଏଇ 'ଥିଲା' ଶୁଣି ମୋତେ କେମିତି ଲାଗିଲା ମୁଁ ଉତ୍ସୁକତା ବଶତଃ ପଚାରିଲି ଥିଲା ? ମାନେ ? କାର୍ତ୍ତିକାର ଉତ୍ତରର ସାରାଂଶ ଏହିପରି ଥିଲା -- ନୀଳର ପରିବାର କହିଲେ ନୀଳ ଆଉ ତା'ର କୁନି କୁନି ଛୁଆ ଯୋଡିଏ , ଅନେକ ଦିନ ଆଗରୁ ତା'ର ସ୍ତ୍ରୀ କେଉଁ ଏକ ଅଜଣା ରୋଗରେ ଆରପାରିକୁ ଚାଲିଯାଇଛି , ଯେଉଁଠାରୁ କି କେହି କେବେ ଫେରିନାହାନ୍ତି, ଛୋଟ ପିଲାଙ୍କ ପାଇଁ ସେ ହିଁ ବାପା, ଆଉ ସେ ହିଁ ମା', ଦୁଇଟି ଚରିତ୍ରକୁ ଏକ କରି ସେ ତା'ର ପାରୁପର୍ଯ୍ୟନ୍ତ ପିଲାଙ୍କ ଯତ୍ନ ନିଏ ଓ ଡ୍ୟୁଟିକୁ ଗଲାବେଳେ ପିଲା ଦୁଇଟିଙ୍କୁ ପାଖ ପଡିଶା ଘର ଜିମା ଦେଇଯାଏ , ଏହିପରି ଭାବେ କାର୍ଯ୍ୟ କ୍ଷେତ୍ରରୁ ଫେରିଲା ପରେ ରୋଷେଇବାସ କରି ପିଲାଙ୍କ ଖାଇବା ପିଇବା ବନ୍ଦୋବସ୍ତ କରି ନିଜେ ବାପା ଆଉ ମା'ଙ୍କ ସ୍ନେହ ଦେଇଥାଏ।

ବସ୍ତି ବାସିନ୍ଦା ମାନେ ନୀଳର ସରଳ ବ୍ୟବହାରରେ ଖୁବ ଖୁସି ଥିଲେ ସମସ୍ତେ ନୀଳ ପାଇଁ କିଛି କରିବାକୁ ଚାହୁଁଥିଲେ ଏବଂ ଶେଷରେ ନୀଳକୁ ପୁନର୍ବିବାହ ପାଇଁ ରାଜି କରାଇ ପାରିଥଲେ ଓ ପିଲାଙ୍କ ଭବିଷ୍ୟତ ଓ ଲାଳନ ପାଳନ ପାଇଁ ଅଗତ୍ୟା ନୀଳ ରାଜି ହୋଇଯାଇଥିଲା ଓ ଏପରି ଏକ ପରିସ୍ଥିତିରେ ନୀଳ ଦ୍ୱିତୀୟ ବିବାହ କରେ, ଛୋଟ ପିଲାଙ୍କ ଭବିଷ୍ୟତ ପାଇଁ ବା ନିଜର ଜୀବନ ସାଥି ପାଇଁ ଯେ କି ସବୁଦିନ ତା'ର ଦୁଃଖ ସୁଖର ସାଥି ହୋଇ ରହିବ ଓ ଭଲ କଥା ନୀଳର ଜୀବନରେ କିଛିଟା ପରିବର୍ତ୍ତନ ଆସିଲା , ସଂସାର ସୁଖ ତାକୁ ମିଳିଲା ଓ ହସ ଖୁସିରେ ଦିନ ପରେ ଦିନ ବିତି ଯାଉଥିଲା ନୀଳର ଜୀବନରେ ଓ ସବୁଦିନ ତ' ଆଉ ଚାନ୍ଦିନୀ ରାତି ନଥାଏ ? ଦୁଃଖ ପରେ ସୁଖ ଆଉ ସୁଖ ପରେ ଦୁଃଖ ଏଇ ତ' ଦୁନିଆର ନୀତି , ଦିନେ ପିଲାମାନେ ମେଳା ଦେଖିବାକୁ ନୀଳକୁ କହିଲେ ଆଉ ନୀଳ ବି ନିଜ କାର୍ଯ୍ୟ ସାରି ଅପରାହ୍ନରେ ପିଲା ମାନଙ୍କୁ ନେଇ କଟକ ସହରର ଗଣ୍ଡରପୁର ଯାଇଥିଲା ଓ ବାପା ମା'ଙ୍କ ସହିତ ମେଳା ଦେଖି ଖୁବ ଖୁସିଥିଲେ ପିଲାମାନେ, ମନ ମୁତାବକ ଜିନିଷ କିଣି , ଚକୋଲେଟ ମିଠାଇ ଖାଇ ଖୁସିରେ ଫେରିବାକୁ ଲାଗିଲେ...ସନ୍ଧ୍ୟା ଉପନୀତ ଆଉ ଭଗବାନଙ୍କ ଇଚ୍ଛା ଆଗରେ ଆମେ ତୁଚ୍ଛ ଓ ଗଣ୍ଡରପୁର ରାସ୍ତା ପାରି ହେଲା ବେଳେ ଏକ ବିରାଟ ଟ୍ରକ ଆସି ଧକ୍କା ଦେଲା ନୀଳକୁ ....ଓଃ କି ମର୍ମସ୍ପର୍ଶୀ , ହୃଦୟବିଦାରକ ଦୃଶ୍ୟ ଖଣ୍ଡ ବିଖଣ୍ଡିତ ଶରୀରରେ ବି ସେ ବଂଚିବା ପାଇଁ ସଂଗ୍ରାମ କରୁଥିଲା କିନ୍ତୁ ସେଦିନ ଭଗବାନଙ୍କ ଇଚ୍ଛା ଶକ୍ତି ପାଖରେ ହାରିଯାଇଥିଲା ନୀଳ....ସମସ୍ତଙ୍କୁ ଛାଡ଼ି ଆରପାରିକୁ ଚାଲିଗଲା ଏଇ ଗଳ୍ପର ନାୟକ 'ନୀଳ' ।

'ବିଧିର ବିଧାନ କେକରିବ ଆନ' ଭଗବାନ ହୁଏତ ସେଇଥିପାଇଁ ତା'ର ଦ୍ୱିତୀୟ ବିବାହ କରାଇଥିଲେ.....ସେ ତ' ସ୍ରଷ୍ଟା, ସେ' ଜାଣିଥିଲେ ନୀଳର ଜୀବନ ଅଳ୍ପଦିନ ପାଇଁ, ତା'ର ଦୁଇଟି ଛୋଟ ପିଲାଙ୍କୁ କିଏ ସମ୍ଭାଳିବ ? ଏଇ ଲୀଳା ନିଶ୍ଚିତ ଭାବେ ଭଗବାନଙ୍କର, ତେଣୁ କଥାରେ ଅଛି 'ଦଇବ ଦଉଡି ମଣିଷ ଗାଈ ଯେଣିକି ଟାଣଇ ତେଣିକି ଯାଇ' ଓ ନୀଳ ବିଷୟରେ ଶୁଣି ମୋର ଦୁଇ ଚକ୍ଷୁରୁ ସ୍ୱତ୍ୱ ପ୍ରବୃତ୍ତ କେଇବୁନ୍ଦା ଲୋତକ ଝରିଗଲା , ଜାଣେନା କାହିଁକି ? ମୋ ଅବସ୍ଥା ଦେଖି କାର୍ତ୍ତିକ ବି ଟିକେ ଭାବ ବିହ୍ୱଳ ହୋଇଗଲା ଓ ଏଇ ଦୁନିଆର ଏହା କିପରି ମାୟା ? ଆଉ ଜୀବନ ଖାଲି ଗୋଟିଏ ପାଣି ଫୋଟକା ପରି କେତେବେଳେ ଚାଲିଯିବ କେହି କହି ପାରିବେ ନାହିଁ ଓ ମୁଁ କାହିଁକି ନୀଳ ବିୟୋଗରେ ଏତେ କଷ୍ଟ ପାଉଛି ? ମୋ ହୃଦୟ ଭିତରେ କ'ଣ ନୀଳ ଆଜିବି ଏକ ସ୍ଥାନ ଅଧିକାର କରିନେଇଛି ? ହଁ, ହୁଏତ ତାହା ହେବ, ମଣିଷ ମଣିଷକୁ ଅନ୍ତରରୁ ଭଲପାଇଲେ ଏହିପରି ବନ୍ଧନରେ ବାନ୍ଧି ହୋଇଯାଏ ସେ ନିଜର ହେଉ ବା' ଅଜଣା ଅଶୁଣା ବ୍ୟକ୍ତିଟିଏ ହେଉ , ଭଲ ପାଇବା ଯଦି ଶାଶ୍ୱତ ଆଉ କାମନା ବିହୀନ ହୋଇଥାଏ ତେବେ ଏହା ଚିରସ୍ଥାୟୀ ହୁଏ ଓ ସେ ମୋର କିଏ ? ତଥାପି ମୁଁ ଜଣେ ମଣିଷ ଆଉ ମୋର ଭଲପାଇବା, ସ୍ନେହ ମମତା ପରୋକ୍ଷରେ ନୀଳ ପ୍ରତି ଥିଲା ଆଉ ରହିବ ମଧ୍ୟ ଓ ନୀଳ ଏବେବି ବଂଚିଛି ମୋ ହୃଦୟରେ....ତା'ର ଆତ୍ମାର ସଦଗତି ହେଉ ଏହା ଭଗବାନଙ୍କ ନିକଟରେ ପ୍ରାଥନା ଓ ଏହା ଭିତରେ ଦଶ ବାର ବର୍ଷ ବିତିଗଲାଣି , ନୀଳର ପିଲାମାନେ ବି ନିଶ୍ଚୟ ବଡ ହୋଇ ଯାଇଥିବେ, ସେମାନେ ଯେଉଁଠି ବି ଥା'ନ୍ତୁ ସୁଖ ଶାନ୍ତିରେ ଥା'ନ୍ତୁ ।

ଆମ ଜୀବନ କାଳରେ 'ନୀଳ' ପରି ଅନେକ ଚରିତ୍ର ଆସିଛନ୍ତି ବା ଆଗକୁ ଆସିବେ, ଆମେ କିଛି ମନେ ରଖିବା ଆଉ କିଛି ଭୁଲିଯିବା।

# ପରିଶୋଧ


## ସୁଦର୍ଶନ ମହାପାତ୍ର




ରୂପା ଆଜି ନିଠେଇ ନିଠେଇ ଚିକ୍କଣ କରି ଚଟାଣକୁ ପୋଛୁଥିଲା। ଅନ୍ଦି କନ୍ଦି ସବୁଆଡେ ତା' ପୋଛା ଖଣ୍ଡିକ ଘୁରି ବୁଲୁଥିଲା। ସବୁଦିନ ଏଇ ପୋଛା ପାଇଁ ମାଲିକାଣୀ ଦି'କଥା ତାକୁ ଶୁଣାନ୍ତି। କାଳେ ଆଜି ତାଙ୍କ ସୁନଜରରେ ପଡିଯିବ ତା'ର କାମ । କିଛି ପଇସା ଉଧାର ଆକାରରେ ମାଗିବ ବୋଲି ସେ ଆଜି ବଡ଼ ଆଶା ନେଇ ଆସିଛି। ଯାହାହେଉ ଏତିକି ବେଳକୁ ଆସିଲେ ମାଲିକାଣୀ। ରୂପା ଘର ପୋଛୁ ପୋଛୁ ଟିକେ କଣେଇ ଚାହିଁଲା। ମାଲିକାଣୀଙ୍କ ନଜର ତା ଉପରେ ପଡିଲା ବୋଲି ଅନୁଭବ କଲା ସେ।

-' ମା' ଗୋଟିଏ କଥା କହିବି। ମୁଁ ବଡ ବିପଦରେ ପଡିଛି ।' ତଳକୁ ମୁହଁ ପୋତି କହିଲା ରୂପା।

-' ମୁଁ କ'ଣ କରିବି ଏବେ.... ?' ଏମିତି କଥା ଶୁଣି ରୂପା ଚମକି ଚାହିଁଲା ମାଲିକାଣୀଙ୍କ ଆଡେ। ସେ ଯେ ଅନ୍ୟ କାହା ସହିତ ଫୋନରେ କଥା ହେଉଛନ୍ତି ଜାଣି ଆଶ୍ୱସ୍ତ ହେଲା। ହେଲେ ଟିକିଏ ପରେ ମାଲିକାଣୀ କାନ୍ଦୁଛନ୍ତି ବୋଲି ଜାଣିଲା। ତାଙ୍କ ପୁଅ କାର ଚଲାଇବା ବେଳେ କେଉଁଠି ପିଟି ଦେଇଛି ଜାଣି ତୁନି ପଡିଲା ରୂପା। ଏକ୍ଷଣି ତାଙ୍କ ଦୁଃଖ ତାଙ୍କୁ ବୁକେଇ ପଡୁଛି। କେତେ ଆଶା ନେଇ ସେ ଆସିଥିଲା ଏଠିକି। କାଲିଠାରୁ ଚାରି ପାଞ୍ଚ ଜଣଙ୍କ ଘରୁ ଖାଲି 'ନା' ଶବ୍ଦ ଶୁଣି ଆସିଥିଲା। ତା'ର କାମ ସରିଲା ମାତ୍ରେ ସେମାନଙ୍କର ଦାଣ୍ଡ ଦୁଆର ଯେମିତି ଅପେକ୍ଷା କରିଥିଲେ ବନ୍ଦ ହୋଇଯିବା ପାଇଁ। ସେମାନଙ୍କ ଘରର କବାଟ ପରି ସେମାନଙ୍କ ହୃଦୟ ବି ଭାରି ଟାଣ !

କ'ଣ କରିବ ଏବେ ସେ କିଛି କୂଳ କିନାରା ପାଉନଥିଲା। ଅସୀମ ସମୁଦ୍ର ଭିତରେ ଯେମିତି ସେ ଦଦରା ଗୋଟିଏ ନାଆରେ ଏକା ବସିଛି। ଅଚାନକ ଆସିଥିବା ଝଡର ତାଣ୍ଡବ ଭିତରେ ସେ କବଳିତ। କାଲି ସଞ୍ଜରେ ସାଙ୍ଗଙ୍କ ସହିତ ଦେଶୀ ମଦ ପିଇଦେଇ କେଉଁଠି ଶୋଇ ପଡ଼ିଥିଲା ତା ସ୍ୱାମୀ। ଭଡାରେ ଆଣି ଚଲଉଥିବା ରିକ୍ସା ଖଣ୍ଡିକୁ କିଏ ଚୋରେଇ ନେଇଛି। ଭୟରେ ଆଉ ମାଲିକଙ୍କୁ ଦେଖା ନକରି ଘରେ ଲୁଚି ବସିଥିଲା ସେ। ରିକ୍ସା କିମ୍ବା ଭଡା କିଛି ଜମା ଦେଇ ନଥିବାରୁ, ମାଲିକ ଆଜି ସକାଳୁ ଆସିଥିଲେ। ସବୁ କଥା ଶୁଣି ଆଗ ଦୁଇ ଚାପୁଡା ଲଗେଇଦେଲେ ତା ସ୍ୱାମୀ ଗାଲରେ।

-' କହ ମାଧ ! କଉଠି ବିକିଛୁ ମୋ ରିକ୍ସାକୁ ?' ମାଲିକ ମୁହଁକୁ କେବଳ ବିକଳ ହୋଇ ଚାହିଁଥିଲା ମାଧ । ପୁଣି ଦି' ଥାପଡ ବସିଲା ତା ଗାଲରେ। ପାଟିଗୋଳରେ ନିଦ ଭାଙ୍ଗିଯାଇଥିବା ପିଲା ଦୁହେଁ ଏସବୁ ଦେଖି ରଡ଼ି ଛାଡି କାନ୍ଦୁଥିଲେ। ରୂପା ଆଉ ସମ୍ଭାଳି ପାରିଲାନି ନିଜକୁ। ଏଥର ମୁହଁ ଖୋଲିଲା ମାଲିକଙ୍କ ଆଗରେ। -'ଏମିତି ମାର ନାଇଁ ବାବୁ। ତମ ରିକ୍ସା ଦାମ ତମେ ପାଇଯିବ।' ଏତିକି କଥାରେ ଯେମିତି ଚିହିଁକି ଉଠିଲେ ମାଲିକ। -' ବଜ୍ଜାତ୍ ମାଇକିନିଆ.. ତୋ ବୋପା.... ଓଃ ...' କି ଅସଭ୍ୟ ଗାଳି ! ଶିକ୍ଷିତ ଲୋକଙ୍କ ପାଟିରୁ ଏମିତି କଥା ପୁଣି ବାହାରେ ! ରୂପା ନିରୁପାୟ ହୋଇ ମାଲିକଙ୍କ ଗୋଡ ଧରି ପକେଇଲା। ଶେଷକୁ ପୁରୁଣା ରିକ୍ସା ବୋଲି ପାଞ୍ଚ ହଜାର ଟଙ୍କା ଦେବାକୁ କହିଲେ ସେ।

ଦୁଇଟା ଛୁଆ ଆଉ ରୋଗିଣା ଶାଶୁଙ୍କୁ ନେଇ ପାଞ୍ଚପ୍ରାଣୀଙ୍କ ଖର୍ଚ୍ଚ ଉଠେଇବା କ'ଣ ଏତେ ସହଜ ? ରୂପାର କାକୁତି ମିନତି ସବୁ ବ୍ୟର୍ଥ ହେଲା। ଆଉ କମ୍ ପଇସାରେ ହେବନାହିଁ ବୋଲି ରୋକ ଠୋକ ଶୁଣାଇଲେ ମାଲିକ। -'ଯେମିତି ମୋ ଗୋଡ଼ ଧରୁଛୁ ସେମିତି ତୁ କାମ କରୁଥିବା ଲୋକଙ୍କ ଗୋଡ଼ ଧରି ଟଙ୍କା ମାଗି ଆଣୁନୁ ! ସଞ୍ଜ ସୁଦ୍ଧା ମୋର ଟଙ୍କା ଦରକାର। ନହେଲେ ଲୋକ ପଠେଇ ମାଧକୁ ଦି'ଗଡ କରିଦେବି ।' ଧମକ ଦେଇ ଫେରିଗଲେ ସେ।

ଏସବୁ କଥା ଭାବୁ ଭାବୁ ଘରେ ପହଞ୍ଚି ଯାଇଥିଲା ରୂପା। ତା ହାତ ଶୂନ୍ୟ। ମାଧ ସବୁ କଥା ଶୁଣି ଘର ଛାଡି କେଉଁଆଡେ ପଳେଇବ ବୋଲି କହିଲା। ହେଲେ ଦୁଇଟା କଅଁଳା ଛୁଆ ଆଉ ରୋଗିଣା ଶାଶୁଙ୍କୁ ନେଇ ସଂସାରରେ ତିଷ୍ଠି ପାରିବ କି ରୂପା ! ମାଧକୁ ଆଶ୍ୱାସନା ଦେଲା ରୂପା। ସେ ନିଶ୍ଚୟ କିଛି ବ୍ୟବସ୍ଥା କରିବ ବୋଲି ସ୍ୱାମୀକୁ ଦମ୍ଭ ଦେଲା।

ସଞ୍ଜକୁ ମାଲିକଙ୍କ ଦୁଆରେ ଠକ୍ ଠକ୍ କଲା ରୂପା। କବାଟ ଖୋଲୁ ଖୋଲୁ ଟଙ୍କା ପାଇଁ ହାତ ବଢ଼େଇ ଦେଲେ ମାଲିକ। -'ଟଙ୍କା ଯୋଗାଡ ହୋଇ ପାରିଲାନି । କେହି ଦେଲେ ନାହିଁ ବାବୁ। ଆମକୁ ଆଉ କିଛି ଦିନ ସମୟ ଦିଅ। ସେ ଆଉ କୋଉଠି ମୂଲ ଲାଗି ପଇସା ଶୁଝିଦେବେ ।' ରୂପା ଆଖିରେ ଲୁହ ଟଳମଳ କରୁଥିଲା।

-' ଆଲୋ କାନ୍ଦୁଛୁ କାହିଁକି ? ଦେଖିଲୁ ତ ! ଏ ଦୁନିଆରେ କେହି କାହାର ନୁହନ୍ତି। ହେଲେ ମୁଁ ସେମିତି ନୁହେଁ। ଆ ଭିତରକୁ ଆ । ତୁ ତ ଅଛୁ । ଟଙ୍କା ପରିଶୋଧ ହୋଇ ଯିବନି କି ?' ଦୁଇ ଶକ୍ତ ହାତର ଜୋରରେ ଜାଲଜାଲୁଆ ଅନ୍ଧକାର ଭିତରେ ହଜି ଯାଉଥିଲା ରୂପା।

-' ତୁ ଆଉ ବ୍ୟସ୍ତ ହୁଅନା। ତୋ ମାଲିକର ଟଙ୍କା ମୁଁ ଶୁଝି ଦେଇ ଆସିଛି।' ଡେରି ରାତି ଯାଏଁ ଅପେକ୍ଷା କରିଥିବା ମାଧକୁ ଥରଥର କଣ୍ଠରେ କହିଲା ରୂପା। ହେଲେ ମାଲିକ ତାକୁ ଘରର ପଛପଟ ବାଟ ଦେଇ ବାହାରକୁ ଛାଡିଲା ବେଳେ କେତେ ସବୁ ରିକ୍ସା ଭିତରୁ ମାଧ ଚଲଉଥିବା ରିକ୍ସାଟିକୁ ଛାଇ ଅନ୍ଧାର ଭିତରେ ବି ରୂପା ଠିକ୍ ଚିହ୍ନି ପାରିଥିଲା।-' ମାଧକୁ କହିବୁ ଯଦି ଚାହିଁବ ମୋ ଠାରୁ ଆଉ ଗୋଟିଏ ରିକ୍ସା ନେଇ ଚଲେଇବ,ହେଲା।' ପଛରୁ ଶୁଭିଥିଲା ମାଲିକଙ୍କ ଧୀର ସ୍ୱର। ଏଇ ଦୁଇଟି ଯାକ କଥା ରୂପା କିନ୍ତୁ ମାଧକୁ ଆଉ କହିବାକୁ ଇଚ୍ଛା କରିନଥିଲା।

ମାଧ ଯେମିତି ଗୋଟାପଣେ ଭାଙ୍ଗିରୁଜି ଯାଉଥିଲା ନିଜ ଭିତରେ। ପ୍ରଥମ ଥର ପାଇଁ ମାଧ ଆଖିରେ ଲୁହ ଦେଖିଲା ରୂପା। -' ମୋତେ କ୍ଷମା କରିଦେ ରୂପା..! ଏଇ ଶେଷ ଥର ପାଇଁ...!' ଆଉ କିଛି କହିପାରିଲା ନାହିଁ ମାଧ। ରୂପା ଈଶ୍ୱରୀ ପାଲଟି ଯାଇଥିଲା ମାଧ ଆଖିରେ। ସତେକି କୁନ୍ତୀ, ଦ୍ରୌପଦୀ, ତାରା , ମନ୍ଦୋଦରୀ ଆଦି ସତୀ ମାନଙ୍କ ମଧ୍ୟରେ ରୂପା ଶୋଭା ପାଉଥିଲା ସରଗରେ..! ରୂପା ଆଖିରେ ଲୁହର ଶ୍ରାବଣ । ମାଧ ଗୋଟାପଣେ ଛାତି ଉପରକୁ ଆଉଜେଇ ନେଇ ପ୍ରବୋଧନା ଦେଉଥିଲା ରୂପାକୁ...!!!


+କୁଞ୍ଜବିହାରୀ ଲେନ, କଟକ

# ଓଡ଼ିଶୀ ନୃତ୍ୟକୁ ବିଶ୍ୱବିଦିତ କରିବାରେ ଗୁରୁ ପଙ୍କଜ ଚରଣଙ୍କ ଅବଦାନ ଅତୁଳନୀୟ

ଭୁବନେଶ୍ୱର,୧୨/୦୬ (ନି.ପ୍ର): ପାରମ୍ପରିକ ଧାରାରୁ ଓଡ଼ିଶୀ ନୃତ୍ୟକୁ ନୂତନ ଶୈଳୀରେ ପରିବେଷଣ କରି ଓ ନିଜର ତ୍ୟାଗ ଓ ସମର୍ପଣ ଭାବ ନେଇ ସହସ୍ରାଧିକ ଛାତ୍ରଛାତ୍ରୀଙ୍କୁ ଓଡ଼ିଶୀ ନୃତ୍ୟ ଶିକ୍ଷା ପ୍ରଦାନ କରି ଏହି ନୃତ୍ୟକୁ ରାଜ୍ୟ, ଦେଶ ଓ ବିଦେଶରେ ପ୍ରଚାର ଓ ପ୍ରସାର କରି ବିଶ୍ୱବିଦିତ କରିବାରେ ଆଦି ନୃତ୍ୟଗୁରୁ ପଙ୍କଜ ଚରଣ ଦାସଙ୍କ ଅବଦାନ ଅତୁଳନୀୟ। ଆଜି ଗୁରୁଙ୍କ ୧୯ତମ ଶ୍ରାଦ୍ଧ ଦିବସରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଉତ୍କଳ ସଂଗୀତ ମହାବିଦ୍ୟାଳୟ ପରିସରରେ ଥିବା ତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦୀପଦାନ କରି ବକ୍ତାମାନେ ଏହା ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳସିଂହ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ପୂର୍ବତନ ପ୍ରଶାସକ ଦେବରାଜ ସେନାପତି, ପୂର୍ବତନ କର୍ପୋରେଟର ନରେନ୍ ସାହୁ, ଉମାନାଥ ମିଶ୍ର, ରମାନାଥ ସାମନ୍ତରାୟ, ମାନସ ରଂଜନ ମହାନ୍ତି, ଗୁରୁଚରଣ ସାହୁ, ସତ୍ୟବ୍ରତ ଜେନା ଓ ସ୍ୱର୍ଗତ ଦାସଙ୍କ ପରିବାର ସଦସ୍ୟ ପ୍ରମୁଖ ଯୋଗଦାନ କରିଥିଲେ।

ବରପୁତ୍ରମାନେ ଆମର ଚିର ନମସ୍ୟ । ସେମାନଙ୍କର ଜୟନ୍ତୀ ଓ ଶ୍ରାଦ୍ଧ ଉତ୍ସବରେ ସେମାନଙ୍କୁ ସ୍ମରଣ କରି ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ଆମ ପ୍ରତ୍ୟେକଙ୍କର ନୈତିକ ଦାୟିତ୍ୱ ଓ କର୍ତ୍ତବ୍ୟ ହେବା ଉଚିତ୍ ବୋଲି ବିଧାୟକ ଶ୍ରୀ ସାମଲ୍ ନିଜର ମତ ଦେଇ ଏ ଦିଗରେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଏହି ଅବସରରେ ପୂର୍ବତନ କର୍ପୋରେଟର ଉମାନାଥ ମିଶ୍ରଙ୍କୁ ଗୁରୁ ପଙ୍କଜ ଚରଣ ଦାସ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା ।

# ବୋରୱେଲ୍ ପାଣି ରୋଗଣା କରୁଛି : ରାଜଧାନୀ ବୋରୱେଲ୍ ପାଣି ପିଇବା ଯୋଗ୍ୟ ନୁହେଁ

ଭୁବନେଶ୍ୱର ,୧୨/୦୬ (ନି.ପ୍ର): ସରକାରଙ୍କର ସବୁ ଘରକୁ ପିଇବା ପାଣି ଯୋଗାଣ ଲକ୍ଷ୍ୟ ପୂରଣ ହୋଇପାରୁନି। ଏପଟେ ଯେତିକି ଘରକୁ ପିଇବା ପାଣି ସଂଯୋଗ ଦିଆଯାଇଛି ସେତିକି ପାଣି ପର୍ଯ୍ୟାପ୍ତ ହେଉନି। ଯେଉଁଥିପାଇଁ ସହରାଞ୍ଚଳରେ ଘରେଘରେ ବୋରୱେଲ୍ ଉପରେ ଲୋକ ନିର୍ଭର କରୁଛନ୍ତି। ହେଲେ ୩୦ଟି ଯାକ ଜିଲ୍ଲାର ଅଧିକାଂଶ ସ୍ଥାନରେ ବୋରୱେଲ୍ ପାଣି ଆଉ ପିଇବା ଯୋଗ୍ୟ ନାହିଁ। ଲୋକ ବୋରୱେଲ୍ ପାଣି ପିଇବା ଦ୍ୱାରା ବହୁ ପେଟ, କିଡ଼୍ ?ନି, ଚର୍ମ ରୋଗରୁ ଆରମ୍ଭ କରି ବିଭିନ୍ନ ରୋଗର ଶିକାର ହେଉଛନ୍ତି। ହେଲେ ରାଜଧାନୀରେ ଖଣ୍ଡଗିରି, ୟୁନିଟ-୬ସ୍ଥିତ କ୍ୟାପିଟାଲ ହସ୍ପିଟାଲ ଅଞ୍ଚଳ, ଚନ୍ଦ୍ରଶେଖରପୁର, ପୁରୁଣା ଭୁବନେଶ୍ୱର, କଳ୍ପନା-ଲକ୍ଷ୍ମୀସାଗର ଅଞ୍ଚଳରେ ପାଣି ସବୁଠୁ ଅଧିକ ପ୍ରଦୂଷିତ। ପାଣିର ପ୍ରଦୂଷଣ ମାତ୍ରା ବଢ଼ାଇବାକୁ ଯେଉଁ ଯେଉଁ ଉପାଦାନ ଦରକାର ତାହା ଏହି ସବୁ ଅଞ୍ଚଳର ବୋରୱେଲ୍ ପାଣିରେ ଭରି ହୋଇ ଅଛି। ଏହିଭଳି ଏକ ରିପୋର୍ଟ ରାଜ୍ୟ ପ୍ରଦୂଷଣ ବୋର୍ଡ ନଗର ଉନ୍ନୟନ ବିଭାଗ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ, ଜଳସମ୍ପଦ ବିଭାଗକୁ ଦେଇଛି। ରାଜ୍ୟର ଅଧିକାଂଶ ସ୍ଥାନରେ ଲୋକମାନେ ବୋରୱେଲ୍ ମାଧ୍ୟମରେ ବିଷାକ୍ତ ପାଣି ପିଉଛନ୍ତି ବୋଲି ଏହି ରିପୋର୍ଟରୁ ଜଣାପଡ଼ିଛି। ରାଜ୍ୟ ପ୍ରଦୂଷଣ ବୋର୍ଡ ପକ୍ଷରୁ ୨୦୨୧ ଏପ୍ରିଲରୁ ଅକ୍ଟୋବର ମଧ୍ୟରେ ସର୍ଭେ ହୋଇଥିବାବେଳେ ପାଣିରେ ପିଏଚ୍, ନାଇଟ୍ରେଟ୍, ଫ୍ଲୋରାଇଡ୍, ଆଇରନ୍, ଟୋଟାଲ କଲିଫର୍ମ, ଫେସାଲ କଲିଫର୍ମ, କ୍ଲୋରାଇଡ୍, ଟର୍ବିଡିଟି ସମେତ କେଉଁ ଉପାଦାନ କେତେ ମାତ୍ରାରେ ଅଛି ତା'ର ରିପୋର୍ଟ ଦିଆଯାଇଛି। ଏହି ସର୍ଭେ ରିପୋର୍ଟ ଦର୍ଶାଇ ଦେଇଛି ଯେ, ବର୍ଜ୍ୟଜଳ ବିଶୋଧନ ପାଇଁ ବ୍ୟାପକ ବ୍ୟବସ୍ଥା ନଥିବାରୁ ବର୍ଜ୍ୟ ଜଳ ଜମି ଜମି ଏହା ଭୂତଳ ଜଳକୁ ପ୍ରଦୂଷିତ କରିଦେଲାଣି। ଏପରିକି ୧୫୦ରୁ ୨୦୦ଫୁଟ ସ୍ତରରେ ଅଧିକାଂଶ ସ୍ଥାନରେ ବୋରୱେଲ୍ ପାଣି ଉଠାଉଥିବାବେଳେ ଏହା ପ୍ରଦୂଷିତ ହୋଇଯାଇଛି।

# ପ୍ରଦେଶ ଛାତ୍ର କଂଗ୍ରେସର କାର୍ଯ୍ୟକାରିଣୀ ବୈଠକ

ଭୁବନେଶ୍ୱର,୧୨/୦୬ (ନି.ପ୍ର): ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ସୟଦ ୟାସିର୍ ନୱାଜ୍‌ଙ୍କ ଅଧ୍ୟକ୍ଷତାରେ ପ୍ରଦେଶ ଛାତ୍ର କଂଗ୍ରେସର ସଂକଳ୍ପ ଶିବିର ଓ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଜିଲ୍ଲା ଏବଂ ରାଜ୍ୟ ସ୍ତରରେ ଗତ ତିନିମାସରେ ସମ୍ପାଦିତ ହୋଇଥିବା କାର୍ଯ୍ୟକ୍ରମର ସମୀକ୍ଷା ହେବା ସହ ଛାତ୍ର କଂଗ୍ରେସର ଆଗାମୀ ତିନିମାସର କାର୍ଯ୍ୟଧାରା ପ୍ରସ୍ତୁତ ହୋଇଥିଲା । ଏହି ଅବସରରେ ଶ୍ରୀ ନୱାଜ୍ କହିଥିଲେ ଯେ, ଓଡ଼ିଶାର ପ୍ରତ୍ୟେକ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟମାନଙ୍କରେ କ୍ୟାମ୍ପସ୍ କମିଟି ଏକ ମାସ ଭିତରେ ଗଠନ କରାଯିବ । ତୃଣମୂଳ ସ୍ତରରେ ଛାତ୍ର କଂଗ୍ରେସର ସଂଗଠନ ଅଧିକ ଶକ୍ତିଶାଳୀ କରାଯିବ । ସେଲ୍ଫ 'ଇନାନ୍ସ କୋର୍ସର ସିଟ୍ ଉପରେ ଅଙ୍କୁଶ, ଦରଦାମ୍ ବୃଦ୍ଧି, ବେକାରୀ ସମସ୍ୟା, ଅଧ୍ୟାପକ ଅଭାବ, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିପର୍ଯ୍ୟସ୍ତ ଆଇନ୍‌ସେବା ପରିସ୍ଥିତି, ନାରୀ ନିର୍ଯ୍ୟାତନା ପ୍ରସଙ୍ଗରେ ଦୁର୍ବାର ଆନ୍ଦୋଳନ କରାଯିବ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜଣେ ଛାତ୍ର ବିରୋଧି ଏବଂ ଗଣତନ୍ତ୍ରର ହତ୍ୟାକାରୀ, ଶିକ୍ଷାନୁଷ୍ଠାନ ମାନଙ୍କରେ ପୁଣି ଛାତ୍ର ସଂସଦ ନିର୍ବାଚନ ହେବାପାଇଁ ଛାତ୍ର କଂଗ୍ରେସ ଆନ୍ଦୋଳନ କରିବ । ଏହି ଅବସରରେ ରାଜ୍ୟ ଛାତ୍ରକଂଗ୍ରେସର ପ୍ରଭାରୀ ତଥା ରାଷ୍ଟ୍ରୀୟ ସମ୍ପାଦିକା ସୁଶ୍ରୀ ଅନୁଲେଖା ବୋସା ତାଙ୍କ ଉଦ୍‌ବୋଧନରେ କହିଥିଲେ ଯେ, ଖୁବ୍ ନିକଟରେ ଛାତ୍ର କଂଗ୍ରେସର ରାଜ୍ୟସ୍ତରୀୟ ମହିଳା ସମାବେଶ ଆୟୋଜିତ ହେଉଅଛି । ଯେଉଁଥିରେ ରାଜ୍ୟରେ ମହିଳାମାନଙ୍କ ଉପରେ ହେଉଥିବା ଅନ୍ୟାୟ, ଅତ୍ୟାଚାର ଓ ଦୁଷ୍କର୍ମ ପ୍ରତିବାଦର ସ୍ୱର ପ୍ରକଟିତ ହେବ । ବିଧାନସଭା କ୍ଷେତ୍ରରୁ ରାଜ୍ୟସ୍ତର ପର୍ଯ୍ୟନ୍ତ ଛାତ୍ର କଂଗ୍ରେସର ସଂଗଠନରେ ମହିଳା ସଭ୍ୟାଙ୍କ ସଂଖ୍ୟା ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମରେ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ ଯୋଗଦେଇ କହିଥିଲେ ଯେ, ଛାତ୍ର କଂଗ୍ରେସ ହେଉଛି କଂଗ୍ରେସ ସଂଗଠନର ମେରୁଦଣ୍ଡ । ଛାତ୍ର କଂଗ୍ରେସ ସଂଗଠିତ ହୋଇ କାର୍ଯ୍ୟକଲେ ରାଜ୍ୟରେ ରାଜନୈତିକ ପରିବର୍ତ୍ତନ ସହ ୯ ରୁ ୯୦ ବିଧାୟକ ଖୁବ୍‌ଶୀଘ୍ର ହୋଇପାରିବ । ଏହି କାର୍ଯ୍ୟକ୍ରମରେ ବିଧାୟକ ତାରା ପ୍ରସାଦ ବାହିନୀପତି, ଦେବାଶିଷ ପଟ୍ଟନାୟକ, ରଜତ୍ ଚୌଧୁରୀ, ଗଣେଶ୍ୱ ବେହେରା ପ୍ରମୁଖ ଯୋଗଦେଇ ଛାତ୍ରଙ୍କ ହକ୍ ପାଇଁ ଲଢେଇକର ବୋଲି ଉତ୍ସାହିତ କରିଥିଲେ । ସେହିପରି ସ'ଳ ଭାବେ ଦାୟିତ୍ୱ ନିର୍ବାହ କରିଥିବାରୁ ବିଶ୍ୱଭୂଷଣ ମହାପାତ୍ର, ବିଭୂତି ଭୂଷଣ ମହାପାତ୍ର ଓ ବିଭିନ୍ନ ଜିଲ୍ଲା ଛାତ୍ର କଂଗ୍ରେସର ସଭାପତି ଆଶୁତୋଷ ମିଶ୍ର, ବିକାଶ ପଶୁପାଳ, ଶୁଭମ୍ ଦାସ, ଗୌରବପତି ଆଜାଦ୍, ମୁନା ପରିଡ଼ା ଆଦିଙ୍କୁ ସମ୍ବର୍ଦ୍ଧିତ କରାଗଲା। ପରିଶେଷରେ ଉଭୟ ଶାସକ ଦଳର ଛାତ୍ରସଂଗଠନ, ଛାତ୍ର ସମାଜ ଉପରେ ହେଉଥିବା ଅନ୍ୟାୟ, ଅନୀତି, ବ୍ୟଭିଚାରକୁ ଚୁପ୍‌ହୋଇ ଦେଖି ଚାହିଁ ଶୋଇଛି କେବଳ ଛାତ୍ର ସମାଜ ପାଇଁ ଛାତ୍ର କଂଗ୍ରେସ ହିଁ ଲଢେଇ କରୁଛି ବୋଲି ମୁଖ୍ୟ ମୁଖପାତ୍ର ଶ୍ରୀ ବିଶ୍ୱଭୂଷଣ ମହାପାତ୍ର କହି ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ସାଗର ପଟ୍ଟନାୟକ, କାର୍ତି କାଣ୍ଡି, ରଣଜିତ୍ ସେନାପତି, ଜଗ୍‌ଦିଶ ଗଜେନ୍ଦ୍ର, ଶାହାରୁଖ ଖାନ୍, ନିତେଶ ବେହେରା, ରିୟାଜୁଲ୍ ଇସ୍‌ଲାମ୍, ନବୀଉଲ୍ ଅହମ୍ମଦ, ନିରଞ୍ଜନ ଦାସ, ଆଦିତ୍ୟ ପ୍ରୀତମ ଦାସ, ଉଦିତ୍ ପ୍ରଧାନ, ଆର୍ଯ୍ୟନ୍ ଶାସମଲ, ଅଭିଷେକ ନନ୍ଦ, ଶାନ୍ତିଲତା ବେହେରା, ଉତ୍କଳ କେଶରୀ ପରିଡ଼ା ଆଦି ଯୋଗ ଦେଇଥିଲେ ।

# ଚତୁର୍ଥ ଲହର ଭୟ : ୧୫ହଜାରକୁ ବଢ଼ିବ ଦୈନିକ କୋଭିଡ୍ ଟେଷ୍ଟିଂ

ଭୁବନେଶ୍ୱର ,୧୨/୦୬ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣ ଉପର ତଳ ହେଉଛି। କେଉଁଦିନ ବଢୁଛି ତ ଆଉ କେଉଁଦିନ ସାମାନ୍ୟ କମୁଛି। ମାତ୍ର କିଛି ରାଜ୍ୟରେ କରୋନାର ଚତୁର୍ଥ ଲହର ଆରମ୍ଭ ହୋଇଥିବା ଚର୍ଚ୍ଚା ହେଉଛି। ଓଡ଼ିଶାରେ ମଧ୍ୟ ଆଗକୁ ସଂକ୍ରମଣ ବଢ଼ିବାର ଆଶଙ୍କା ଦେଖା ଦେଇଛି। ଏହି ପରିପ୍ରେକ୍ଷୀରେ ଗତକାଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ସଂକ୍ରମଣ ଉପରେ କଡ଼ା ନଜର ରଖିବା ଲାଗି ରାଜ୍ୟମାନଙ୍କୁ ଚିଠି ଲେଖିଛନ୍ତି।

ସେହିପରି ଆଗକୁ ରଜ ଆସୁଛି। ଭୋଜିଭାତ ଓ ଉତ୍ସବ ପାଇଁ ଲୋକମାନେ ଏକାଠି ହେବେ। ଏହାସହ ଦୁଇଦିନ ପରେ ବାରବାଟୀରେ ଭାରତ-ଦକ୍ଷିଣ ଆଫ୍ରିକା ମ୍ୟାଚ୍ ଖେଳାଯିବ। ହଜାର ହଜାର ଦର୍ଶକ ଷ୍ଟାଡିୟମ୍‌ରେ ଏକାଠି ହେବେ। ତେଣୁ ଆଗକୁ ରାଜ୍ୟରେ ସଂକ୍ରମଣ ବଢ଼ିବାର ବିପଦ ରହିଛି। ତେଣୁ ମ୍ୟାଚ୍ ଦେଖିବା ସମୟରେ ଦର୍ଶକମାନେ ମାସ୍କ ପରିଧାନ କରିବା ଲାଗି ସରକାର ପରାମର୍ଶ ଦେଇଛନ୍ତି। ଏହାସହ ଗତକାଲି ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଦୈନିକ କୋଭିଡ ଟେଷ୍ଟିଂ ବଢ଼ାଇବାକୁ ନିଆଯାଇଛି। ରାଜ୍ୟରେ ଏବେ ଦୈନିକ ୧୦ହଜାର କୋଭିଡ ନମୁନା ପରୀକ୍ଷା କରାଯାଉଛି। ତେଣୁ ଏହି ନମୁନା ସଂଖ୍ୟା ଦୈନିକ ୧୫ହଜାରକୁ ବୃଦ୍ଧି ହୋଇପାରେ ବୋଲି ସୂଚନା ମିଳିଛି। ରାଜ୍ୟ ସ୍ୱାସ୍ଥ୍ୟସେବା ନିର୍ଦ୍ଦେଶକ ଡା.ବିଜୟ ମହାପାତ୍ର କହିଛନ୍ତି, ବୈଠକରେ ସବୁ ଜିଲ୍ଲା ସିଡିଏମ୍‌ଓଙ୍କ ସହିତ କୋଭିଡ ସଂକ୍ରମଣ ରୋକିବା ଲାଗି ପଦକ୍ଷେପ ଗ୍ରହଣ କରିବା ଉପରେ ଆଲୋଚନା ହୋଇଛି। ପଜିଟିଭ୍ ନମୁନାର ଜିନୋମ ସିକ୍ୱେନ୍ସିଂ କରାଯିବ। ଏହାସହ ଯେଉଁମାନେ କରୋନା ଟିକା ନେଇ ନାହାନ୍ତି ସେମାନେ ତୁରନ୍ତ ଟିକା ନେବା ଜରୁରୀ। ଲକ୍ଷଣ ପ୍ରକାଶ ପାଇଲେ ତୁରନ୍ତ ଟେଷ୍ଟ କରିବା ସହିତ ଭିଡ଼କୁ ନ ଯିବାକୁ ଡା.ମହାପାତ୍ର ପରାମର୍ଶ ଦେଇଛନ୍ତି।

# ପିସିସି ସଭାପତିଙ୍କୁ କଂଗ୍ରେସ ଗଣମାଧ୍ୟମ ପ୍ରକୋଷ୍ଠର ସମ୍ବର୍ଦ୍ଧନା

ଭୁବନେଶ୍ୱର, ୧୧ ଜୁନ – ପ୍ରଦେଶ କଂଗ୍ରେସ ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଗଣେଶ୍ୱର ବେହେରା, ବିଧାୟକ ତାରାପ୍ରସାଦ ବାହିନୀପତି ଏବଂ ମୁଖପାତ୍ର ତଥା ସେବାଦଳର ଅଧ୍ୟକ୍ଷ ଡ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ଓ ଅନ୍ୟମୁଖପାତ୍ର ମାନେ ଆଜି ନୂତନ ପ୍ରଦେଶ କଂଗ୍ରେସ ସଭାପତି ଶରତ ପଟ୍ଟନାୟକଙ୍କୁ ଉତରୀୟ ଓ ପୁଷ୍ପଗୁଚ୍ଛ ଦେଇ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଥିଲେ। ଶରତ ପଟ୍ଟନାୟକ ଗଣମାଧ୍ୟମର ସମସ୍ତ ମୁଖପାତ୍ର ମାନଙ୍କ ସହିତ ଦୀର୍ଘ ସମୟଧରି ଆଲୋଚନା କରିଥିଲେ । ଏହି ଅବସରରେ ସେ ସ୍ପଷ୍ଟ ଭାବରେ କହିଥିଲେ ଗଣମାଧ୍ୟମ ବିଭାଗର ମୁଖପାତ୍ର ମାନେ ବିର୍ତକରେ ଭାଗନେଲା ବେଳେ କଂଗ୍ରେସର ଚିନ୍ତାଧାରା ଓ ପାର୍ଟିର ନିଷ୍ପତିକୁ ବଳିଷ୍ଠ ଭାବରେ ଉପସ୍ଥାପିତ କରିବା ଉଚିତ। ତତ୍‌ସହିତ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କର ସମସ୍ତ ଜନବିରୋଧି ନିଷ୍ପତିକୁ ତଥ୍ୟ ସମ୍ବଳିତ ଆକାରରେ ଜନସାଧାରଣଙ୍କ ଉଦ୍ଦେଶ୍ୟରେ ଉପସ୍ଥାପନ କରିବା ଉଚିତ। ଆସନ୍ତା ଦିନରେ କଂଗ୍ରେସ ସାମାଜିକ ଗଣମାଧ୍ୟକୁ ଅଧିକ କ୍ରିୟାଶୀଳ କରିବାପାଇଁ ସେ ସାମାଜିକ ଗଣମାଧ୍ୟମର ଚେୟାରମ୍ୟାନ ଅଭିଶେଷ ମହାନନ୍ଦଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ମରଣମୁହଁରେ ୩ହଜାରରୁ ଅଧିକ ଏଚ୍ଆଇଭି ଆକ୍ରାନ୍ତ ପିଲା

ଭୁବନେଶ୍ୱର ,୧୨/୦୬ (ନି.ପ୍ର): ମରଣମୁହଁରେ ରାଜ୍ୟରେ ହଜାର ହଜାର ଏଚ୍ଆଇଭି ଆକ୍ରାନ୍ତ ପିଲା। ଗତ କିଛି ମାସ ହେବ ସେମାନଙ୍କୁ ଠିକ୍‌ରେ ଔଷଧ ମିଳିପାରୁନି। କେଉଁ କେଉଁ ଜିଲ୍ଲାରେ ପିଲାମାନେ ବାଧ୍ୟରେ ଔଷଧ ଖାଇବା ଛାଡ଼ି ଦେଇଛନ୍ତି। ଜାତୀୟ ଏଡ୍‌ସ ନିୟନ୍ତ୍ରଣ ସଂସ୍ଥା(ନାକୋ) ଓ ଓଡ଼ିଶା ରାଜ୍ୟ ଏଡ୍‌ସ ନିୟନ୍ତ୍ରଣ ସମିତି(ଓସାକ୍ସ) ପିଲାଙ୍କୁ ଔଷଧ ଯୋଗାଇବାରେ ବିଫଳ ହୋଇଛନ୍ତି। ସ୍ଥିତି ଏପରି ହୋଇଛି ଯେ ବୟସ୍କଙ୍କ ଲାଗି ଉଦ୍ଦିଷ୍ଟ ଔଷଧକୁ ଭାଙ୍ଗି ଅଧାକୁ ପିଲାମାନଙ୍କୁ ଖାଇବାକୁ ଦିଆଯାଉଥିବା ଅଭିଯୋଗ ହେଉଛି। ଏଭଳି ପରିସ୍ଥିତିରେ ପିଲାମାନଙ୍କୁ ସେମାନଙ୍କ ଔଷଧ ତୁରନ୍ତ ଯୋଗାଇବାକୁ ଦାବି ହୋଇଛି। ରାଜ୍ୟରେ ବର୍ତମାନ ୧୮ବର୍ଷରୁ କମ୍ ୩ହଜାରରୁ ଅଧିକ ଏଚ୍ଆଇଭିରେ ଆକ୍ରାନ୍ତ ପିଲା ଅଛନ୍ତି। ଏଆରଟି କେନ୍ଦ୍ରରୁ ସେମାନଙ୍କୁ ଲାଗି ଉଦ୍ଦିଷ୍ଟ ସ୍ୱତନ୍ତ୍ର ଔଷଧ ଦିଆଯାଉଛି। ପିଲାଙ୍କ ପାଇଁ ଉପଲବ୍ଧ ଫାଷ୍ଟ ଲାଇନ୍ ଡ୍ରଗ୍ ଏଆରଟି କେନ୍ଦ୍ରରେ ମିଳୁନାହିଁ। ସେକେଣ୍ଡ ଲାଇନ୍ ଡ୍ରଗ୍‌ର ୩ଟି କମ୍ବିନେସନରୁ କିଛି ମିଳୁଛି ତ ଆଉ କିଛି ନାହିଁ। ଭୁବନେଶ୍ୱରଠାରୁ ଆରମ୍ଭ କରି ଅନୁଗୁଳ, ରାଉରକେଲା ଓ ଅନ୍ୟ କେନ୍ଦ୍ରରେ ଏଭଳି ଅବ୍ୟବସ୍ଥା ସାମ୍ନାକୁ ଆସିଲାଣି। କେତେଦିନ ପର୍ଯ୍ୟନ୍ତ ଏଭଳି ଅବ୍ୟବସ୍ଥା ଲାଗି ରହିବ ତାହା ସଂପର୍କରେ କିଛି ସ୍ପଷ୍ଟ ସୂଚନା ମିଳୁନାହିଁ। ମାସ ମାସ ଧରି ଔଷଧ ମିଳୁ ନ ଥିବାରୁ ଅନେକ ଶିଶୁ ଏଆରଟି କେନ୍ଦ୍ରକୁ ଯିବା ଛାଡ଼ି ଦେଇଛନ୍ତି। ବିଶେଷଜ୍ଞଙ୍କ ମତରେ ଏଚ୍ଆଇଭି ଆକ୍ରାନ୍ତ (ପି ଏ ଲ ଏ ଚ୍ ଆ ।ଇ ଭି )ଙ୍କୁ ଦିଆଯାଉଥିବା ଔଷଧ ମୁଖ୍ୟତଃ ୩ ପ୍ରକାରର ସୁରକ୍ଷା ଦେଇଥାଏ। ନିୟମିତ ଔଷଧ ଖାଇଲେ ଏହା ଶରୀରରେ ଭୂତାଣୁ ମଲ୍‌ଟିପ୍ଲିକେସନ୍ ବା ବହୁଗୁଣିତ ହେବାକୁ ରୋକିଥାଏ। ଏହାସହ ଅନ୍ୟକୁ ବ୍ୟାପିବାରୁ ରୋକିବା ଓ ଆକ୍ରାନ୍ତ ବ୍ୟକ୍ତିଙ୍କୁ ଅନ୍ୟ ରୋଗରୁ ରକ୍ଷା କରିଥାଏ। କିନ୍ତୁ ଏହି ଔଷଧର କ୍ଷମତା ୨୪ଘଣ୍ଟା ପର୍ଯ୍ୟନ୍ତ ରହୁଥିବାରୁ ପ୍ରତ୍ୟେକ ଦିନ ଔଷଧ ଖାଇବାକୁ ପଡ଼ିଥାଏ। ଔଷଧ ବନ୍ଦ କଲେ ଶରୀରରେ ଭାଇରାଲ ଲୋଡ ବଢ଼ିଯାଏ। ତେଣୁ ପିଲାମାନେ ନିୟମିତ ଔଷଧ ନ ଖାଇବା, ସେମାନଙ୍କୁ ମରଣମୁହଁକୁ ଠେଲି ଦେବା ସହିତ ସମାନ। ଏହାସହ ବୟସ୍କଙ୍କ ପାଇଁ ଉପଲବ୍ଧ ଔଷଧକୁ ଭାଙ୍ଗି ପିଲାଙ୍କୁ ଦିଆଯିବାରେ ମଧ୍ୟ ସମସ୍ୟା ହୋଇପାରେ। ପିଲାମାନେ ଅଧିକ ସମ୍ବେଦନଶୀଳ ହୋଇଥିବାରୁ ଯଦି କମ୍ବିନେସନ ଭୁଲ୍ ହେବ ତାହାଲେ ଶରୀରରେ ଡ୍ରଗ୍ ରେଜିଷ୍ଟାନ୍ସ ସହିତ ଅନ୍ୟ ରୋଗ ଆକ୍ରମଣ କରିବାର ମଧ୍ୟ ଭୟ ରହିଛି। ଓସାକ୍ସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ନାକୋ ପକ୍ଷରୁ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ ଔଷଧର ଯୋଗାଣ ହୋଇଥାଏ।

# ପ୍ରଶିକ୍ଷକଙ୍କ ତାଲିମ ଶିବିର ଉଦ୍‌ଯାପିତ

ଭୁବନେଶ୍ୱର,୧୨/୦୬ (ନି.ପ୍ର): ହସ୍ତଶିଳ୍ପ ପ୍ରଶିକ୍ଷକମାନଙ୍କ ଦକ୍ଷତା ବିକାଶ ନିମନ୍ତେ ଏକ ତାଲିମ କାର୍ଯ୍ୟକ୍ରମ ଜୁନ ୬ ତାରିଖରୁ ରାଜ୍ୟ କଳା ଓ ହସ୍ତଶିଳ୍ପ ବିକାଶ ଅନୁଷ୍ଠାନ (ସିଡାକ୍), ଭୁବନେଶ୍ୱର ପରିସରରେ ଆରମ୍ଭ ହୋଇ ଆଜି ଉଦ୍‌ଯାପିତ ହୋଇଯାଇଛି । ଏହି ତାଲିମ କାର୍ଯ୍ୟକ୍ରମରେ ୨୮ ଜଣ ନିପୁଣ ଶିଳ୍ପୀ ଭାଗନେଇ ବିଭିନ୍ନ ବିଷୟବସ୍ତୁ ଉପରେ ବିଶେଷଜ୍ଞମାନଙ୍କଠାରୁ ତାଲିମ ଗ୍ରହଣ କରିଥିଲେ। ଏହି ଉଦ୍‌ଯାପନୀ ଉତ୍ସବରେ ହସ୍ତଶିଳ୍ପ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ସୁଧାଂଶୁ ରଞ୍ଜନ ପ୍ରଧାନ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରିଥିଲେ ଏବଂ ସିଡାକ୍ ର ସଭ୍ୟ ସଚିବ ଶିଶିର କୁମାର ରଥ, ସହକାରୀ ନିର୍ଦ୍ଦେଶକ ସନ୍ତୋଷ କୁମାର ମହାନ୍ତି ଉପସ୍ଥିତ ରହି ପ୍ରଶିକ୍ଷାର୍ଥୀମାନଙ୍କୁ ତାଲିମ ପ୍ରମାଣପତ୍ର ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମର ଶେଷରେ ହସ୍ତଶିଳ୍ପ ବିକାଶ ଅଧିକାରୀ ଶ୍ରୀମତୀ ଶାନ୍ତା ନିବେଦିତା ସାହୁ ଅତିଥିମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବିଶ୍ୱଜିତ ପାତ୍ର, ପ୍ରକଳ୍ପ ସଂଯୋଜକ ପରିଚାଳନା କରିଥିଲେ।

# ଜ୍ୟୋତିଷ ବିଦ୍ୟା ଗବେଷଣାରେ ପଠାଣି ସାମନ୍ତଙ୍କ ସିଦ୍ଧାନ୍ତ ଦର୍ପଣ ଯୁଗେଯୁଗେ ମାର୍ଗ ଦର୍ଶନ କରିବ : ସୌମ୍ୟରଂଜନ ପଟ୍ଟନାୟକ

ଭୁବନେଶ୍ୱର,୧୨/୦୬ (ନି.ପ୍ର): ଗ୍ରହ, ନକ୍ଷତ୍ରର ସ୍ଥିତିକୁ ଖାଲି ଆଖିରେ ପର୍ଯ୍ୟବେକ୍ଷଣ କରି ତାହାକୁ ଆଧାର କରି ଜ୍ୟୋତିଷ ଶାସ୍ତ୍ର ଉପରେ ଏକ ପୂର୍ଣ୍ଣାଙ୍ଗ ଗବେଷଣାତ୍ମକ ପୁସ୍ତକ ସିଦ୍ଧାନ୍ତ ଦର୍ପଣ ରଚନା କରିବା ସହ ଦୁଇଖଣ୍ଡ କାଠି ସହ ବାଉଁଶନଳୀ ମାଧ୍ୟମରେ ଦୂର ପର୍ବତକୁ ସଠିକ୍ ମାପକ କରି ବିଶ୍ୱକୁ ଚମତ୍କୃତ କରିଥିବା ପ୍ରସିଦ୍ଧ ଜ୍ୟୋର୍ତିବିଜ୍ଞାନୀ ମହାମହୋପାଧ୍ୟାୟ ସାମନ୍ତ ଚନ୍ଦ୍ରଶେଖର ସିଂହ ମର୍ଦ୍ଦରାଜ (ପଠାଣି ସାମନ୍ତ) ଓଡ଼ିଆ ଜାତିକୁ ବିଶ୍ୱବିଦିତ କରିପାରିଛନ୍ତି । ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରାଙ୍କ ସଂଯୋଜନାରେ ଭୁବନେଶ୍ୱର ପଠାଣି ସାମନ୍ତ ପ୍ଲାନେଟୋରିୟମ୍‌ସ୍ଥ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ୧୧୮ତମ ଶ୍ରାଦ୍ଧବାର୍ଷିକୀରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଓ ଦୀପଦାନ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ବକ୍ତାମାନେ ମତପ୍ରକାଶ କରିଛନ୍ତି । ଆଜିର କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ସମ୍ବାଦର ସମ୍ପାଦକ ତଥା ଖଣ୍ଡପଡ଼ା ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ ଯୋଗଦେଇ ନିଜ ବକ୍ତବ୍ୟରେ ଓଡ଼ିଆ ଜାତି ପ୍ରତ୍ୟେକ କ୍ଷେତ୍ରରେ ନିଜର ଶ୍ରେଷ୍ଠତା ପ୍ରତିପାଦନ କରିଛି । ଆମର ପୂର୍ବପୁରୁଷମାନେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ପ୍ରଣୟନ ହେବା ପୂର୍ବରୁ ନିଜ ଅନ୍ତର୍ନିହିତ ପ୍ରତିଭା ବଳରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶୀତା ହାସଲ କରି ତାହାକୁ ପ୍ରୟୋଗ କରି ସମାଜର ହିତ ସାଧନ କରିଛନ୍ତି । ପଠାଣି ସାଆନ୍ତେ ପ୍ରତିକୂଳ ପରିବେଶରେ ରୁଗ୍‌ଣ ଶରୀରରେ ବର୍ଷବର୍ଷ ଧରି ସାଧନା କରି ଗଣିତ ଓ ଜ୍ୟୋତିଷ ବିଦ୍ୟାରେ ପାରଦର୍ଶୀତା ହାସଲ କରିବା ସହ ସେହି ବିଦ୍ୟାକୁ ପୁସ୍ତକ ଭାବରେ ପ୍ରଣୟନ କରି ଉତ୍ତରପିଢୀଙ୍କୁ ଶିକ୍ଷା ନିମନ୍ତେ ଯେଉଁ ବ୍ୟବସ୍ଥା କରିଛନ୍ତି, ସେଥିପାଇଁ ଖଣ୍ଡପଡ଼ା ମାଟି ଧନ୍ୟ ହୋଇଛି ଓ ଏହି ମାଟିର ସେବକ ଭାବରେ ଲୋକଙ୍କ ଆଶୀର୍ବାଦ ନେଇ ମୁଁ ବିଧାୟକ ହୋଇଥିବାରୁ ନିଜକୁ ଧନ୍ୟ ମନେକରୁଛି । ଅନ୍ୟତମ ଅତିଥି ଭାବରେ ବିଧାୟକ ପ୍ରଫୁଲ୍ଲ ସାମଲ୍, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ବିଜେଡ଼ି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ଅଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂହ, ପୂର୍ବତନ ପ୍ରଶାସକ ଦେବରାଜ ସେନାପତି, ପୂର୍ବତନ କର୍ପୋରେଟର ରମାନାଥ ସାମନ୍ତରାୟ, ନରେନ୍ ସାହୁ, ଉମାନାଥ ମିଶ୍ର, ଗୁରୁଚରଣ ସାହୁ, ମାନସ ରଂଜନ ମହାନ୍ତି, ସତ୍ୟବ୍ରତ ଜେନା ପ୍ରମୁଖ ଯୋଗଦେଇଥିଲେ । ଏହି ଅବସରରେ ବିଧାୟକ ସୌମ୍ୟରଂଜନ ପଟ୍ଟନାୟକ, ପ୍ରଫୁଲ୍ଲ ସାମଲ ଓ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟଙ୍କୁ ପଠାଣି ସାମନ୍ତ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଗତକାଲି ରାଜ୍ୟ ଗ୍ରନ୍ଥାଗାରରେ ପଠାଣି ସାମନ୍ତଙ୍କ ଶ୍ରାଦ୍ଧୋତ୍ସବ ଅବସରରେ ଏକ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଭାରପ୍ରାପ୍ତ ଅଧିକାରୀ ଓ କର୍ମଚାରୀ ପାଠକମାନଙ୍କୁ ନେଇ ଆୟୋଜିତ ହୋଇ ସାମନ୍ତଙ୍କ ଉପରେ ପ୍ରକାଶିତ ପୁସ୍ତକ ଉପରେ ଆଲୋଚନା ହୋଇଥିଲା ।

# ଶିବାଜୀ ପଟ୍ଟନାୟକଙ୍କ ତ୍ୟାଗ ଏବଂ ସଂଘର୍ଷ ଅବିସ୍ମରଣୀୟ

ଭୁବନେଶ୍ୱର,୧୨/୦୬ (ନି.ପ୍ର): ଓଡିଶାର ସାମ୍ୟବାଦୀ ଆନ୍ଦୋଳନର ବର୍ଷିୟାନ୍ ନେତା, ତ୍ୟାଗ, ସଂଘର୍ଷ ଏବଂ ସଂକଳ୍ପର ମହାନ୍ ଯୋଦ୍ଧା, ସି.ପି.ଆଇ.(ଏମ୍)ର ପୂର୍ବତନ ରାଜ୍ୟ ସମ୍ପାଦକ, ଭୁବନେଶ୍ୱର ଲୋକସଭା ଆସନର ପୂର୍ବତନ ସାଂସଦ ଶିବାଜୀ ପଟ୍ଟନାୟକଙ୍କ ସ୍ମୃତିରେ ଏକ ରାଜ୍ୟ ସ୍ତରୀୟ ସ୍ମରଣ ସଭା ସ୍ଥାନୀୟ ଇନ୍‌ଷ୍ଟିଚ୍ୟୁସନ୍ ଅଫ୍ ଇଞ୍ଜିନିୟର୍ସ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ବରିଷ୍ଠ ସି.ପି.ଆଇ.(ଏମ୍) ନେତା ଜନାର୍ଦ୍ଦନ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସ୍ମୃତି ସଭାରେ ସି.ପି.ଆଇ.(ଏମ୍) ସାଧାରଣ ସମ୍ପାଦକ ସୀତାରାମ ୟେଚୁରୀ, ପଲିଟ୍‌ବ୍ୟୁରୋ ସଦସ୍ୟ ସୂର୍ଯ୍ୟକାନ୍ତ ମିଶ୍ର, ରାଜ୍ୟ ସମ୍ପାଦକ ଅଲି କିଶୋର ପଟ୍ଟନାୟକ, ସି.ପି.ଆଇ. ରାଜ୍ୟ ସମ୍ପାଦକ ଆଶିଷ୍ କାନୁନ୍‌ଗୋ , ସି.ପି.ଆଇ.ଏମ୍-ଏଲ୍(ଲିବରେସନ୍) ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତି ରଞ୍ଜନ ମହାପାତ୍ର, କଂଗ୍ରେସ ଦଳର ବରିଷ୍ଠ ନେତା ନିରଞ୍ଜନ ପଟ୍ଟନାୟକ, ବିଜୁ ଜନତା ଦଳର ବରିଷ୍ଠ ନେତା ଦେବୀ ପ୍ରସାଦ ମିଶ୍ର, ଏସ୍.ୟୁ.ସି.ଆଇ. (କମ୍ୟୁନିଷ୍ଟ) ରାଜ୍ୟ ସମ୍ପାଦକ ଶଙ୍କର ଦାସଗୁପ୍ତ, ସମାଜବାଦୀ ପାର୍ଟି ରାଜ୍ୟ ସଭାପତି ରବି ବେହେରା, ସମତାକ୍ରାନ୍ତି ଦଳର ରାଜ୍ୟ ନେତା ବ୍ରଜ ତ୍ରିପାଠୀ, ସି.ପି.ଆଇ.ଏମ୍-ଏଲ୍(ରେଡ୍‌ଷ୍ଟାର) ରାଜ୍ୟ ସମ୍ପାଦିକା ପ୍ରମିଳା ବେହେରା, ସି.ପି.ଆଇ.(ଏମ୍-ଏଲ୍ ) ରାଜ୍ୟ ନେତା ଶ୍ରୀକାନ୍ତ ମହାନ୍ତି, ଏଚ୍.ଏମ୍.ଏସ୍. ରରାଜ୍ୟ ନେତା କୃଷ୍ଣଚନ୍ଦ୍ର ପାତ୍ର, ସି.ଆଇ.ଟି.ୟୁ. ରାଜ୍ୟ ସାଧାରଣ ସମ୍ପାଦକ ବିଷ୍ଣୁ ମହାନ୍ତି, ଓଡିଶା କୃଷକ ସଭା ରାଜ୍ୟ ସାଧାରଣ ସମ୍ପାଦକ ସୁରେଶ ପାଣିଗ୍ରାହୀ, ଗଣତାନ୍ତ୍ରିକ ମହିଳା ସମିତି ରାଜ୍ୟ ନେତ୍ରୀ ତାପସୀ ପ୍ରହରାଜ, ଡି.ୱାଇ.ଏଫ୍.ଆଇ. ରାଜ୍ୟ ସମ୍ପାଦକ ଯତିନ୍ ମହାନ୍ତି, ଓଡିଶା କ୍ଷେତ୍‌ମଜଦୂର ୟୁନିୟନ୍ ରାଜ୍ୟ ଉପସଭାପତି ନିର୍ମଳ ନାୟକ, ଏ.ଆଇ.ଟି.ୟୁ.ସି ରାଜ୍ୟ ନେତା ରାମକୃଷ୍ଣ ପଣ୍ଡା, ଏ.ଆଇ.ସି.ସି.ଟି.ୟୁ ରାଜ୍ୟ ନେତା ମହେନ୍ଦ୍ର ପରିଡା, ବିଧାୟକ ଲକ୍ଷ୍ମଣ ମୁଣ୍ଡା, ପ୍ରଫେସର ମନୋରଞ୍ଜନ ମହାନ୍ତି, ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ, ବରିଷ୍ଠ ସାମ୍ବାଦିକ ରବି ଦାସ, ସାମାଜିକ କର୍ମୀ ଅରୁଣ ଜେନା ଏବଂ ଅଭୟ ବଡଜେନା ପ୍ରମୁଖ ଏହି ମହାନ ନେତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ । ସ୍ମୃତି ସଭାରେ ବକ୍ତବ୍ୟ ରଖି ନେତୃବୃନ୍ଦ କହିଥିଲେ ଯେ ଶିବାଜୀ ପଟ୍ଟନାୟକଙ୍କ ତ୍ୟାଗ, ସଂଘର୍ଷ ଏବଂ ସଂକଳ୍ପ ଅବିସ୍ମରଣୀୟ । ଶ୍ରମଜିବୀ ମଣିଷଙ୍କ ସ୍ୱାର୍ଥ ରକ୍ଷା ପାଇଁ ଜୀବନ ତମାମ ସେ ସଂଘର୍ଷ କରିଥିଲେ। ଏକ ଶୋଷଣମୁକ୍ତ ସମାଜ ଗଠନ ଲକ୍ଷ୍ୟ ନେଇ ସେ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରିଥିଲେ ଓ ଶେଷ ପର୍ଯ୍ୟନ୍ତ ତାଙ୍କ ଲକ୍ଷ୍ୟରେ ସଂଗ୍ରାମକୁ ଜାରି ରଖିଥିଲେ ।

# ଗତ ୨୪ ଘଣ୍ଟା ମଧ୍ୟରେ ୧୯ କରୋନା ପଜିଟିଭ ଚିହ୍ନଟ

ଭୁବନେଶ୍ୱର,୧୨/୦୬ (ନି.ପ୍ର): ଗତକାଲି ୨୪ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ୮ ଜଣ ପଜିଟିଭ ସ୍ଥାନୀୟ ସଂକ୍ରମଣରୁ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରେ ୧ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ରାଜ୍ୟର ୬ଟି ଜିଲ୍ଲାରୁ ୧୯ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଥିବା ବେଳେ ଅବଶିଷ୍ଟ ୨୪ଟି ଜିଲ୍ଲାରେ କରୋନା ସଂକ୍ରମଣର ସୂଚନା ନାହିଁ। ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୯ ଜଣ ଚିହ୍ନଟ ହୋଛନ୍ତି। ଏନେଇ ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି।

ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳ ଜିଲ୍ଲାରୁ ୧ ଜଣ, କଟକ ଜିଲ୍ଲାରୁ ୨ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୫ ଜଣ, ଝାରସୁଗୁଡ଼ା ଜିଲ୍ଲାରୁ ୧ ଜଣ, ଖୋର୍ଦ୍ଧା ଜିଲ୍ଲାରୁ ୯ ଜଣ, ସମ୍ବଲପୁର ଜିଲ୍ଲାରୁ ୧ ଜଣ ସୁନ୍ଦରଗଡ଼ ଜିଲ୍ଲାରୁ ୩ ଜଣ ଓ ଷ୍ଟେଟପୁଲରୁ ୨ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏପର୍ଯ୍ୟନ୍ତ ରାଜ୍ୟରେ ୧୨, ୮୮, ୬୩୯ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨,୭୯, ୩୦୭ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧୫୩ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ମାମଲାର ଶୁଣାଣି ଚାଲିଥିବା ବେଳେ ବ୍ରାଉନସୁଗାର ନଷ୍ଟ କରାଗଲା

ଭୁବନେଶ୍ୱର ,୧୨/୦୬ (ନି.ପ୍ର): ରାଜ୍ୟରେ ପ୍ରଥମ ଥର ପାଇଁ ନିଶାଜନିତ ଏକ ମାମଲାର ଶୁଣାଣି (ପ୍ରି-ଟ୍ରାଏଲ୍) ଚାଲିଥିବା ବେଳେ ଓଡ଼ିଶା ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ତାକୁ ନଷ୍ଟ କରାଯାଇଛି। ଗତକାଲି ଖୋର୍ଦ୍ଧା ଟାଙ୍ଗିଆପଡ଼ାରେ ମେଡିକାଲ ବର୍ଜ୍ୟବସ୍ତୁ ନଷ୍ଟ ହେଉଥିବା ସଂସ୍ଥା ସାନିକ୍ଲିନ୍ ପ୍ରାଇଭେଟ୍ ଲିମିଟେଡ୍‌ରେ ପ୍ରାୟ ୧କେଜି ୩୨୦ଗ୍ରାମ୍ ବ୍ରାଉନସୁଗାର ନଷ୍ଟ କରାଯାଇଛି। ଅପରପଟେ ଏସ୍‌ଟିଏଫ୍ ମଧ୍ୟ ବ୍ରାଉନସୁଗାର ନଷ୍ଟ କରିବାରେ ପ୍ରଥମ ଥର ପାଇଁ ନିଜେ ଏହି ପଦକ୍ଷେପ ନେଇଥିଲା। କେବଳ ସେତିକି ନୁହେଁ, ଏହା ପୂର୍ବରୁ ରାଜ୍ୟର କୌଣସି ଜିଲ୍ଲା ବା କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଥରେ ହେଲେ ବି ବ୍ରାଉନସୁଗାର ନଷ୍ଟ କରାଯାଇନଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ୨୦୨୦ ଅଗଷ୍ଟ ୮ରେ ଏସ୍‌ଟିଏଫ୍ ବାଲେଶ୍ୱର ବସ୍‌ଷ୍ଟାଣ୍ଡ ନିକଟରୁ କୁଖ୍ୟାତ ନିଶା ବେପାରୀ ସେକ୍ ରିୟାଜୁଦ୍ଦିନ୍ ପାଖରୁ ୧କେଜି ୩୨୦ଗ୍ରାମ୍ ବ୍ରାଉନସୁଗାର ଜବତ କରିଥିଲା। ଏନ୍‌ଡିପିଏସ୍ ମାମଲା ରୁଜୁ କରି ଅଭିଯୁକ୍ତ ରିୟାଜୁଦ୍ଦିନ୍‌କୁ ଏସ୍‌ଟିଏଫ୍ କୋର୍ଟ ଚାଲାଣ କରିଥିଲା। ଏହା ପରେ ମାମଲାର ଶୁଣାଣି ଚାଲିଥିବା ବେଳେ ଉଭୟ କୋର୍ଟ ଓ ଥାନାର ମାଲ୍‌ଖାନାରେ ନିଶା ସାମଗ୍ରୀ ଭର୍ତ୍ତି ହୋଇ ରହିଥିବାରୁ ସେଗୁଡ଼ିକୁ ନଷ୍ଟ କରିବା ପାଇଁ ଆବେଦନ କରାଯାଇଥିଲା। ଏସ୍‌ଟିଏଫ୍‌ର ଆବେଦନ କ୍ରମେ ସେଗୁଡ଼ିକୁ ନଷ୍ଟ କରିବା ପାଇଁ ହାଇକୋର୍ଟ ଗତ ୩୧ଜାନୁଆରିରେ ସ୍ୱୀକୃତି ପ୍ରଦାନ କରିଥିଲେ। ଏହାପରେ ନିୟମ ଅନୁଯାୟୀ, ଏକ ଡ୍ରଗ୍ସ ଡିସପୋଜାଲ୍ କମିଟି ଗଠନ ହୋଇଥିଲା। ଏସ୍‌ଟିଏଫ୍ ଏସ୍‌ପିଙ୍କ ନେତୃତ୍ୱରେ ଏହି କମିଟିରେ ଖୋର୍ଦ୍ଧାର ଡେପୁଟି କଲେକ୍ଟର, ଖୋର୍ଦ୍ଧା ଜିଲ୍ଲାର ଅବକାରୀ ଅଧୀକ୍ଷକ, ଏସ୍‌ଟିଏଫ୍‌ର ଡିଏସ୍‌ପି, ରାଜ୍ୟ ଫରେନ୍ସିକ ଲାବରେଟୋରିର ସାଇଣ୍ଟିଫିକ୍ ଅଫିସର୍ ଏବଂ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଜଣେ ସଦସ୍ୟ ରହିଥିଲେ। ଜବତ ହୋଇଥିବା ବ୍ରାଉନସୁଗାରର ନମୁନାକୁ ନଷ୍ଟ କରାଯିବାକୁ ଥିବା ବ୍ରାଉନସୁଗାର ସହ ମେଳ କରାଯାଇଥିଲା। ପରେ ଏସ୍‌ଓପି ଅନୁଯାୟୀ, ନଷ୍ଟ କରାଯାଇଥିଲା।

# ମୟୂରଭଂଜ ଛଉନୃତ୍ୟର ବିକାଶ ପାଇଁ ବୈଠକ



ବାରିପଦା, ୧୨/୦୬ (ନି.ପ୍ର): ମୟୂରଭଂଜର ବିଶ୍ୱ ପ୍ରସିଦ୍ଧ ଛଉନୃତ୍ୟ ପାଇଁ ରାଜା ରାଜୁଡା ଅମଳରୁ ମୟୂରଭଂଜ ନିଜର ସ୍ୱତନ୍ତ୍ରତା ପ୍ରତିପାଦିତ କରି ଆସିଛି । ସ୍ୱାଧୀନତା ପୂର୍ବରୁ ରାଜା ମହାରାଜା ମାନେ ଛଉନୃତ୍ୟକୁ ପୃଷ୍ଟପୋଷକତା ଦେଇ ଆସୁଥିଲେ । ସ୍ୱାଧୀନତା ପରବର୍ତୀ ସମୟରେ ମୟୂରଭଂଜ ଛଉନୃତ୍ୟ ପ୍ରତିଷ୍ଠାନ ନାମରେ ଏକ ସଂଗଠନ କରାଯାଇ ତାରି ମାଧମରେ ଛଉର ବିକାଶ ଏବଂ ଅନ୍ୟାନ୍ୟ କାର୍ଯ୍ୟ ସମ୍ପାଦନ କରାଯାଇ ଆସୁଥିଲା । ଅତୀତରେ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ପକ୍ଷରୁ ବାରିପଦା ଠାରେ ଛଉ ପ୍ରଶିକ୍ଷଣ କେନ୍ଦ୍ର ଖୋଲା ଯାଇ ଛଉରଗବେଷଣା ଓ ପ୍ରଶିକ୍ଷଣ ପାଇଁ କାର୍ଯ୍ୟ କରା ଯାଉଥିଲା ମାତ୍ର କାଳକ୍ରମେ ପ୍ରଜେକ୍ଟ ବନ୍ଦ ହୋଇଯିବାରୁ ଏବଂ ପୃଷ୍ଟପୋଷକତା ଅଭାବରୁ ଛଉ କ୍ରମଶଃ ଅବହେଳିତ ହୋଇ ପଡିଥିଲା । ତେବେ କେନ୍ଦ୍ରମନ୍ତ୍ରୀ ବିଶେଶ୍ୱର ଟୁଡୁଙ୍କ ହସ୍ତକ୍ଷେପ ପରେ ପୁଣିଥରେ ଛଉର ବିକାଶ ପାଇଁ କେନ୍ଦ୍ର ସଂଗୀତ ନାଟକ ଏକାଡେମୀ ଏବଂ ଓଡିଶା ସଂଗୀତ ନାଟକ ଏକାଡେମୀ ମିଳିତ ଆନୁକୁଲ୍ୟରେ ଜିଲ୍ଲାପାଳଙ୍କ ପ୍ରତକ୍ଷ୍ୟ ତତ୍ୱାବଧାନ କ୍ରମେ କାର୍ଯ୍ୟକ୍ରମ ମାନ ହାତକୁ ନିଆଯାଉଥିବାରୁ ଛଉପ୍ରେମୀ ମୟୂରଭଂଜ ବାସୀ ଙ୍କ ମନରେ ନୂତନ ଆଶା ସଂଚାର ହୋଇଛି । ପୂର୍ବରୁ ରାଜ୍ୟ ସଂଗୀତ ନାଟକ ଏକାଡେମୀ ଓ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ୨ଥର ବୈଠକ କରାଯାଇଥିବା ବେଳେ, ଆଜି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଠାରେ ଏକ ସମନ୍ୱୟ ବୈଠକ ରେ କେନ୍ଦ୍ର ଜଳଶକ୍ତି ଓ ଆଦିବାସୀ କଲ୍ୟାଣ ମନ୍ତ୍ରୀ ବିଶେଶ୍ୱର ଟୁଡୁ, କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର ଉପଦେଷ୍ଟା ଏସ.ସି. ବର୍ମା, କେନ୍ଦ୍ର ସଂଗୀତ ନାଟକ ଏକାଡେମୀର ଡେପୁଟି ଡାଇରେକଟର ରାଜୁ ଦାସ, ଓଡିଶା ସଂଗୀତ ନାଟକ ଏକାଡେମୀର ସଂପାଦକ ପ୍ରବୋଧ ରଥ, ମୟୂରଭଂଜ ଜିଲ୍ଲାପାଳ ବିନୀତ ଭରଦ୍ୱାଜ, ଅତିରିକ୍ତ ଜିଲ୍ଲାପାଳ ରୁଦ୍ରନାରାୟଣ ମହାନ୍ତି, କେନ୍ଦ୍ରମନ୍ତ୍ରୀଙ୍କ ବ୍ୟକ୍ତିଗତ ସଚିବ ଏସ.କେ. ଜେନା ପ୍ରମୁଖ ଯୋଗଦେଇ ମୟୂରଭଂଜ ଛଉର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ର ମିଳିତ ଆନୁକୁଲ୍ୟରେ ବାରିପଦା ଠାରେ ଆଂଚଳିକ ଛଉ ଗବେଷଣା କେନ୍ଦ୍ର ଖୋଲାଯିବା ସହ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟକ୍ରମ ବାବଦରେ ଜିଲ୍ଲାର ଛଉନୃତ୍ୟ ସଂଗଠକ, କଳାକାର ଏବଂ ବୁଦ୍ଧିଜିବୀଙ୍କ ସହ ଆଲୋଚନା କରି ଏକ ରୋଡମ୍ୟାପ ପ୍ରସ୍ତୁତ କରିଥିବାର ଜଣାଯାଇଛି ।

## ମାଗଣା କର୍କଟ ନିରୂପଣ ଓ ସଚେତନତା ଶିବିର

ଜଳେଶ୍ୱର, ୧୨/୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ବ୍ଲକ ଅଧିନ ଡେମୁରିଆଠାରେ ଗଣେଶ ଫାଉଣ୍ଡେସନ ଓ ପଣ୍ଡା କର୍କଟ ଡାକ୍ତରଖାନାର ମିଳିତ ସହଯୋଗରେ ଏକ କର୍କଟ ରୋଗୀ ନିରୂପଣ ତଥା ସଚେତନତା ଶିବିର ଅନୁଷ୍ଠିତ ହୋଇ ଯାଇଛି । ଡେମୁରିଆ ହାଟପଦାସ୍ଥିତ ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ ଏହି ଶିବିରକୁ ଆଇନଜିବୀ ପତିତ ପାବନ ପ୍ରଧାନ ଉଦ୍‌ଘାଟନ କରିଥିଲେ । ଗଣେଶ ଫାଉଣ୍ଡେସନର ସଭାପତି ରାଧାକୃଷ୍ଣ ପ୍ରଧାନ ମୁଖ୍ୟବକ୍ତା ଓ ମୁଖ୍ୟ ଅତିଥିଭାବେ ବରିଷ୍ଠ କର୍କଟ ବିଶେଷଜ୍ଞ ଡା. ରଣଜିତ୍ କର ଯୋଗ ଦେଇ ୪୧ଜଣ ରୋଗୀଙ୍କର ପରୀକ୍ଷା ନିରୀକ୍ଷା ସହିତ ସଚେତନତାର ବାର୍ତ୍ତା ଦେଇଥିଲେ । ଫାଉଣ୍ଡେସନର ଉପଦେଷ୍ଟା ଝରଣାରାଣୀ ପ୍ରଧାନ, ରଶ୍ମିତା ପ୍ରଧାନ, ତପନ ସେନାପତି, ରଜନୀକାନ୍ତ ଦଳାଇ, ଦିଲ୍ଲିପ ପ୍ରମାଣିକ, ବାପୁନ ମହାନ୍ତି, ସବିତା କୁମାରୀ ପମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

## ବାଲିଆରେ ନିଃଶୁଳ୍କ ଆୟୁର୍ବେଦିକ ସ୍ୱାସ୍ଥ୍ୟ ଶିବିର

ବାଲେଶ୍ୱର,୧୨/୦୬ (ନି.ପ୍ର): ବାଲେଶ୍ୱର ଆୟୁର୍ବେଦିକ ଚିକିତ୍ସକ ସଂଘ 'ବୈଦ୍ୟାୟନ'ଓ ବାଲିଆ ଶ୍ରୀଜଗନ୍ନାଥ ମନ୍ଦିର କମିଟିର ମିଳିତ ସହଯୋଗରେ ଏକ ନିଃଶୁଳ୍କ ଆୟୁର୍ବେଦିକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଅବସରପ୍ରାପ୍ତ ଆୟୁର୍ବେଦିକ ଚିକିତ୍ସକ ଡାକ୍ତର ପ୍ରଭାକର ରଥ ଏହି ଶିବିରକୁ ଉଦଘାଟନ କରିବା ସହିତ ସ୍ଥାନୀୟ ବାସିନ୍ଦାଙ୍କ ନିମନ୍ତେ ଏହି ଭଳି ସ୍ୱାସ୍ଥ୍ୟ ଶିବିର ଆୟୋଜନ ନିଷ୍ପତି ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କହିଥିଲେ । ଶ୍ରୀ ଜଗନ୍ନାଥ ମନ୍ଦିର ପରିଚାଳନା କମିଟିର ବରିଷ୍ଠ ଉପଦେଷ୍ଟା ମଦନ ମୋହନ ପଣ୍ଡା ଏଥିରେ ଉପସ୍ଥିତ ରହି ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏଥି ସହିତ ବାଲେଶ୍ୱରରେ ବେଶ ପ୍ରସିଦ୍ଧି ଲାଭ କରିଥିବା ବାଲିଆ ଶ୍ରୀ ଜଗନ୍ନାଥ ମନ୍ଦିରରେ ରଥଯାତ୍ରାକୁ ୨୫ବର୍ଷ ପୂରୁଥିବା ବେଳେ ଚଳିତ ବର୍ଷ ରୌପ୍ୟ ଜୟନ୍ତୀ ଉତ୍ସବ ପାଳିତ ହେବ ବୋଲି ଶ୍ରୀ ପଣ୍ଡା ସୂଚନା ଦେଇଥିଲେ । 'ବୈଦ୍ୟାୟନ'ର ସଦସ୍ୟ ଡାକ୍ତର ପ୍ରଭାତ ରଞ୍ଜନ ପ୍ରଧାନ, ଡାକ୍ତର ସାଇମାଧବ ସେଠୀ, ଡାକ୍ତର ସୁଭଦ୍ରା ବେହେରା, ଡାକ୍ତର ଶାଶ୍ୱତୀ ଦାସ, ଡାକ୍ତର ସମ୍ପାକୀ ପରିଡ଼ା, ଡାକ୍ତର ପ୍ରମୋଦ କୁମାର ରାଉତ, ଡାକ୍ତର ସମ୍ବିତ ଦାସ, ଡାକ୍ତର ହିମାଦ୍ରୀ ଭଞ୍ଜ, ଡାକ୍ତର ଦେବବ୍ରତ ପାତ୍ର ପ୍ରମୁଖ ଏହି ଶିବିରରେ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ଉପାଦେୟ ପରାମର୍ଶ ଓ ଔଷଧ ପ୍ରଦାନ କରିଥିଲେ ।

## ଆସନ୍ତା ଜୁନ୧୬ରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ବନ୍ଦ




ବାରିପଦା, ୧୨/୦୬ (ନି.ପ୍ର): ଆସନ୍ତା ଜୁନ ୧୬ ତାରିଖରୁ ପର୍ଯ୍ୟଟକଙ୍କ ପାଇଁ ଶିମିଳିପାଳ ଅଭୟାରଣ୍ୟ ବନ୍ଦ ରହିବ ବୋଲି ଜଣା ଯାଇଛି । ପ୍ରତିବର୍ଷ ପର୍ଯ୍ୟଟକଙ୍କ ପାଇଁ ନଭେମ୍ବର ୧ ତାରିଖରେ ଶିମିଳିପାଳ ଖୋଲା ଯାଉଥିବାରୁ ପୁନଶ୍ଚ ବିଜ୍ଞପ୍ତି ପ୍ରକାଶ ନଚେତ ଅକ୍ଟୋବର ୩୧ ତାରିଖ ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ପାଇଁ ବନ୍ଦ ରହିବ ମୟୂରଭଞ୍ଜ ଜିଲ୍ଲା ର ବିଶ୍ୱ ପ୍ରସିଦ୍ଧ ଶିମିଳିପାଳ ଅଭୟାରଣ୍ୟ । ଶିମିଳିପାଳକୁ ପ୍ରବେଶ କରାଯାଉଥିବା ଶ୍ୟାମାଖୁଣ୍ଟା ବ୍ଲକ ପୀଠାବଟା ଫାଟକ ସମେତ ଯଶୀପୁର ବ୍ଲକ କାଳିଆଣି ଫାଟକରେ ପର୍ଯ୍ୟଟକମାନଙ୍କ ପାଇଁ ସାଢେ ଚାରି ମାସ ପର୍ଯ୍ୟନ୍ତ ଫାଟକ ବନ୍ଦ ରହିବ । ତେବେ ପ୍ରତିବର୍ଷ ବର୍ଷା ଋତୁ ପାଇଁ ଜୁନ ୧୬ରୁ ଅକ୍ଟୋବର ୩୧ ପର୍ଯ୍ୟନ୍ତ ପର୍ଯ୍ୟଟକମାନଙ୍କ ପାଇଁ ଶିମିଳିପାଳ ବନ୍ଦ କରାଯାଇଥାଏ । ସାଧାରଣତଃ ବର୍ଷା ଋତୁରେ ଅଭୟାରଣ୍ୟର ରାସ୍ତାଘାଟ ଧୋଇଯାଇ ବିପଦ ଶଙ୍କୁଳ ଅବସ୍ଥାରେ ରହିଥାଏ । ତେଣୁ ପର୍ଯ୍ୟଟକମାନଙ୍କ ସୁରକ୍ଷା ଦୃଷ୍ଟିରୁ ଅଭୟାରଣ୍ୟକୁ ସାମୟିକ ବନ୍ଦ କରାଯାଇଥାଏ । ଏହି ସାଢେ ଚାରି ମାସ ମଧ୍ୟରେ ଅଭୟାରଣ୍ୟ ଭିତରେ ରାସ୍ତା ସମେତ ଭିନ୍ନ ଭିତିଭୂମିର ମରାମତି ମଧ କରାଯାଇଥାଏ । ସେପଟେ ନଭେମ୍ବର ମାସ ୧ ତାରିଖରୁ ଶିମିଳିପାଳକୁ ପ୍ରବେଶ ନିମନ୍ତେ ପର୍ଯ୍ୟଟକମାନଙ୍କୁ ଅନୁମତି ମିଳିବ ବୋଲି ଶିମିଳିପାଳ କର୍ତୃପକ୍ଷଙ୍କ ଠାରୁ ସୂଚନା ମିଳିଛି ।

## ଚିନ୍ମୟ ମିଶନ ପକ୍ଷରୁ ବ୍ୟକ୍ତିତ୍ୱ ବିକାଶ ଶିବିର

ବାଲେଶ୍ୱର, ୧୨/୦୬ (ନି.ପ୍ର): ଚିନ୍ମୟ ମିଶନ ବାଲେଶ୍ୱର ଶାଖା ପକ୍ଷରୁ ସ୍ଥାନୀୟ ସିଦ୍ଧି ବିନାୟକ ପବ୍ଲିକ ସ୍କୁଲ ପରିସରରେ ଗତ ୧୦ ତାରିଖରୁ ଚାଲିଥିବା ଆଧାତ୍ମିକ କାର୍ଯ୍ୟକ୍ରମ 'ବ୍ୟକ୍ତିତ୍ୱ ବିକାଶ ଶିବିର' ରବିବାର ଉଦଯାପିତ ହୋଇଯାଇଛି । ଏହି ୩ଦିନିଆ ଶିବିରରେ ବାଲେଶ୍ୱରର ବିଭିନ୍ନ ସ୍କୁଲରୁ ୫୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଭାଗ ନେଇଥିଲେ । ପ୍ରତ୍ୟେହ ସକାଳ ୬ଟାରୁ ୧୦.୩୦ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲୁ ରହିଥିଲା । ସ୍କୁଲ୍‌ର ସହକାରୀ ଶିକ୍ଷକ ସନତ କୁମାର ନାୟକ ମୁଖ୍ୟଅତିଥି ରୂପେ ଯୋଗଦେଇ ଉକ୍ତ କାର୍ଯ୍ୟକ୍ରମକୁ ପ୍ରଦୀପ ଜାଳି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ବାଲେଶ୍ୱର ଚିନ୍ମୟ ମିଶନର ସଭାପତି ଡ. କ୍ଷିତୀଶ୍ୱର ଦାଶ ଏଥିରେ ଅଧକ୍ଷତା କରିଥିବାବେଳେ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ଅତିଥିମାନଙ୍କୁ ମଞ୍ଚ ଆମନ୍ତ୍ରଣ ସହ ବିବରଣୀ ଉପସ୍ଥାପନ କରିଥିଲେ । ଚିନ୍ମୟ ମିଶନର ଆଚାର୍ଯ୍ୟ ବ୍ରହ୍ମଚାରୀ ଅଗସ୍ତ୍ୟଚୈତନ୍ୟ ଓ ସ୍ୱାମିନୀ ତନିଷ୍ଠା ନନ୍ଦ ସରସ୍ୱତୀ ଶିବିରରେ ପିଲାମାନଙ୍କୁ ଆଧାତ୍ମିକ, ବ୍ୟକ୍ତିତ୍ୱ ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା, ପ୍ରବଚନ ଓ ଉପଦେଶ ଦେଇଥିଲେ । ମିଶନର କୋଷାଧକ୍ଷ ଗଙ୍ଗାଧର ପୃଷ୍ଟି, ପ୍ରଫୁଲ୍ଲ କୁମାର ଦାସ ପ୍ରମୁଖ ଉପସ୍ଥିତ ରହି ଶିବିର ପରିଚାଳନାରେ ସହଯୋଗ କରିଥିଲେ ।

## ବିଶ୍ୱ ଶିଶୁ ଶ୍ରମିକ ବିରୋଧ ଦିବସ




ବସ୍ତା, ୧୨/୦୬ (ନି.ପ୍ର): ବସ୍ତା ଥାନା ବାହାର୍ଦ୍ଦା ସ୍ଥିତ ବାହାର୍ଦ୍ଦା ଡାକ ବଙ୍ଗଳା ପରିସରରେ ତାଲୁକ ଆଇନ ୨୧ଧାରା ଏ ଅନୁଯାଇ ୬ବର୍ଷରୁ ୧୪ବର୍ଷ ପର୍ଯ୍ୟନ୍ତ ପୁଅ ଝିଅ ମାନଙ୍କ ପାଇଁ ସରକାର ପାଠ ପଢାର ସମସ୍ତ ସୁବିଧା ସୁଯୋଗ ଓ ଖର୍ଚ୍ଚ ଯୋଗାଇ ଚାଲିଛନ୍ତି । ଏ ନେଇ ବସ୍ତା ବାଲିଆପାଳ ରେ ଥିବା ପାରାଲି ଗାଲ ସ୍ୱେଚ୍ଛାସେବି ସଙ୍ଗଠନର ମେମ୍ବର ମାନଙ୍କୁନେଇ ବିଶ୍ୱ ଶିଶୁ ଶ୍ରମିକ ବିରୋଧ ସଚେତନ ତା କର୍ମଶାଳା ଅନୁଷ୍ଠିତ ହୋଇ ଯାଇ ଅଛି । ଏହିକର୍ମଶାଳାରେ ଜେ ଏମ ଏଫ ସି ଜର୍ଜ ଗାୟତ୍ରୀମିଶ୍ର ଯୋଗ ଦେଇ ଶିଶୁ ମାନଙ୍କର ଭବିଷ୍ୟତ ବିଷୟରେ ବର୍ଣ୍ଣନା କରିଥିଲେ । ବସ୍ତାରେଥିବା ବିଭିନ୍ନ ସ୍ୱେଚ୍ଛା ସେବି ସଂଗଠନର କର୍ମକର୍ତ୍ତା ମାନେଯୋଗ ଦେଇଥିଲେ । ସମାଜସେବୀ କୁମୁଦରଞ୍ଜନ ଗିରି, ଗୀତାଞ୍ଜଳି ପ୍ରହରାଜ, ପୁଷ୍ପଲତା ଗାଣ, ପ୍ରଶାନ୍ତ ପରିଡା, ସମେତ ବହୁ ସ୍ୱେଚ୍ଛାସେବୀ ସଗଠନର କର୍ମକର୍ତ୍ତା ସମେତ ନିରଞ୍ଜନ ଜେନା ବରିଷ୍ଠ ସାମ୍ବାଦିକ ବିଜୟକୁମାରଭୂୟାଁ, ଜନତାଦର୍ପଣର ଏଡିଟର ଜାଗିରୁଦ୍ଦିନ ଉପସ୍ଥିତ ଥିଲେ ।

## ଜଗନ୍ନାଥ ଡିଗ୍ରୀ କଲେଜର କୃତି ଅଧ୍ୟାପକଙ୍କୁ ବିଦାୟ କାଳୀନ ସମ୍ବର୍ଦ୍ଧନା

ଜଳେଶ୍ୱର, ୧୨/୬ (ନି.ପ୍ର): ଜଳେଶ୍ୱର ସହରର ଅନ୍ୟଏକ ପ୍ରତିଷ୍ଠିତ ମହାବିଦ୍ୟାଳୟ ଜଗନ୍ନାଥ ମହାବିଦ୍ୟାଳୟର ଜନୈକ ଅଧ୍ୟାପକ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷାବିଭାଗକୁ ପଦୋନ୍ନତିରେ ଯାଇଥିବାରୁ ଆଜି ମହାବିଦ୍ୟାଳୟ ପକ୍ଷରୁ ବିଦାୟ କାଳୀନ ସମ୍ବର୍ଦ୍ଧନା ଅନୁଷ୍ଠିତ ହୋଇଯାଇଛି । ଏଥିରେ ବରିଷ୍ଠ ଅଧ୍ୟାପିକ ଉଷାରାଣୀ ଦାସ ସଭାପତିତ୍ୱ କରିଥିଲେ । ସଦ୍ୟ ଅବସର ପ୍ରାପ୍ତ ଅଧ୍ୟକ୍ଷ ଜ୍ୟୋସ୍ନା ଘୋସ ଏଥିରେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ସଂସ୍କାରହୀନ ଛାତ୍ରଛାତ୍ରୀଙ୍କ ବିକାଶ ଅସମ୍ଭବ । ଅନ୍ୟପକ୍ଷରେ କର୍ତ୍ତବ୍ୟନିଷ୍ଠା, ଅଧ୍ୟବସାୟ, ଏକାଗ୍ରତା, ଆତ୍ମବିଶ୍ୱାସ ଓ ପ୍ରଚେଷ୍ଟା ଫଳରେ ଜଣେ ଶିକ୍ଷାର୍ଥୀ ଉଜ୍ଜଳ ଭବିଷ୍ୟତ ଗଢିପାରେ ବୋଲି କହିଥିଲେ । କଲେଜ ଅଧ୍ୟକ୍ଷ ସରୋଜ ମହାନ୍ତି ସମ୍ମାନୀତ ଅତିଥିଭାବେ ଯୋଗ ଦେଇ ପ୍ରଚେଷ୍ଟା ଜାରି ରହିଲେ ସଫଳତା ମିଳିଥାଏ ଏବଂ ଏହାର ନିଛକ ଉଦାହରଣ ଆଜିର ରାଜନିତୀ ବିଭାଗର ବିଦାୟୀ ଅଧ୍ୟାପକ ରଂଜିତ କୁମାର ବେହେରା ବୋଲି କହିଥିଲେ । ରାଜନିତୀ ବିଜ୍ଞାନର ମୁଖ୍ୟ ଅଧ୍ୟାପକ ଶ୍ରୀବଣ କୁମାର ନାଥ ଯୋଗ ଦେଇ ବିଦାୟୀ ଅଧ୍ୟାପକ ଶ୍ରୀ ବେହେରାଙ୍କ କର୍ମଦକ୍ଷତା, ଶିକ୍ଷାଦାନ ପଦ୍ଧତି ଦ୍ୱାରା ଛାତ୍ରଛାତ୍ରୀ ମାନେ ପାଠପଢାରେ ଅଧିକ ଉତ୍ସାହିତ ହେବା ସହିତ ସଂସ୍କାରି ହୋଇପାରିଥିବା କହିଛନ୍ତି । ସମ୍ବର୍ଦ୍ଧନା ଉତ୍ତରରେ ଅଧ୍ୟାପକ ରଣଜିତ୍ କୁମାର ବେହେରା ଜଣେ ଶିକ୍ଷକ ହିଁ ସୁ ସମାଜ ଗଠନ ସହିତ ଆଦର୍ଶ ଛାତ୍ର ସୃଷ୍ଟି କରିପାରନ୍ତି ବୋଲି କହିଛନ୍ତି । ଛାତ୍ରୀ ସୁମନ ସାହୁ ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପକ ନିରଞ୍ଜନ ପରିଡା, ବ୍ରିଜେଶ ସେନାପତି, ନିଷ୍ଠଳ ଘଡେଇ, ଇପ୍‌ସିତା ଦାସ, ଚାରୁ ଚପଳା ଦାସ ପ୍ରମୁଖ ଅଧ୍ୟାପକ ଶ୍ରୀ ବେହେରାଙ୍କ ଅତିତୀ ଦିନ ସ୍ମୃତି ଚାରଣ କରିଥିଲେ । ଚନ୍ଦନ ମହାନ୍ତି, ଫଗୁ ଟୁଡୁ, କବିତା ଦାସ, ଶୁଭସ୍ମିତା ସାହୁ, ସୁନେହେରା ଖାତୁନ ପ୍ରମୁଖ ଛାତ୍ରଛାତ୍ରୀ ପରିଚାଳନା କରିଥିଲେ । ବୈଶାଖି ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

### ଇଡିରେ ହାଜର ପୂର୍ବରୁ ....

ହେବାକୁ ନୋଟିସ କରିଥିଲା । ହେଲେ ସେ ଜୁନ୍ ୨ରେ କରୋନାରେ ଆକ୍ରାନ୍ତ ହେବାରୁ ହାଜର ହୋଇ ପାରି ନଥିଲେ । ଏହାପରେ ସେ ଇଡିରେ ହାଜର ହେବା ପାଇଁ ସମୟ ମାଗିଥିଲେ । ତେବେ ଇଡି ପୁଣିଥରେ ତାଙ୍କୁ ୨୩ ତାରିଖରେ ହାଜର ହେବାକୁ କହିଛି । ଅନ୍ୟପକ୍ଷରେ ଆସନ୍ତାକାଲି ଏହି ମାମଲାରେ କଂଗ୍ରେସ ସାଂସଦ ରାହୁଲ ଗାନ୍ଧି ଇଡିରେ ହାଜର ହେବେ । ତାଙ୍କୁ ଏହି ମନି ଲଣ୍ଡରିଂ ମାମଲାରେ ଇଡି ଜେରା କରିବ । ତେବେ ଏହାକୁ ବିରୋଧ କରି ବ୍ୟାପକ ପ୍ରତିବାଦ ପ୍ରଦର୍ଶନ କରିବା ପାଇଁ କଂଗ୍ରେସ କର୍ମୀମାନେ ଯୋଜନା କରୁଛନ୍ତି । ଆସନ୍ତାକାଲି ସାଂସଦ ରାହୁଲ୍ ଗାନ୍ଧିଙ୍କ ସହିତ ବରିଷ୍ଠ କଂଗ୍ରେସ ନେତାମାନେ ଜାତୀୟ ରାଜଧାନୀରେ ଥିବା ପ୍ରବର୍ତ୍ତନ ନିର୍ଦ୍ଦେଶାଳୟକୁ ପଦଯାତ୍ରାରେ ଯିବେ ବୋଲି ସୂଚନା ମିଳିଛି ।

### ପଶ୍ଚିମବଙ୍ଗରେ ନିୟନ୍ତ୍ରଣକୁ ....

ଜାରି ହୋଇଛି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ କହିଛନ୍ତି ଯେ, କେତେକ ରାଜନୈତିକ ଦଳ ଦଙ୍ଗା ପାଇଁ ଲୋକଙ୍କୁ ଉସକାଉଛନ୍ତି । ହିଂସାକୁ ପ୍ରୋତ୍ସାହନ ନଦେବା ପାଇଁ ସେ ଚେତାବନୀ ଦେଇଛନ୍ତି । ହାଓଡା ଜିଲ୍ଲା ପାଞ୍ଚିଆରେ ନମାଜ ପାଠ ହେବା ପରଠାରୁ ଆରମ୍ଭ ହୋଇଥିବା ହିଂସା ଉଗ୍ର ରୂପ ନେଉଛି । ଉପଦ୍ରବକାରୀମାଦେ ପୋଲିସ ଉପରକୁ ପଥରମାଡ କରିଛନ୍ତି । ଦଙ୍ଗକାରୀଙ୍କୁ ଘଉଡାଇବାକୁ ପୋଲିସ ଲୁହବୁହା ଗ୍ୟାସ ପ୍ରୟୋଗ କରିବା ସହ ଏୟାର ଫାୟାରିଙ୍ଗ ମଧ କରିଛି । ରାଜ୍ୟର ବିଭିନ୍ନ ସହରରେ ଦଙ୍ଗକାରୀମାନେ ବୋମା ମାଡ କରିଥିବା ମଧ ଜଣାପଡିଛି । ଦଙ୍ଗକାରୀମାନେ ଲୋକଙ୍କୁ ଟାର୍ଗେଟ କରୁଥିବାରୁ ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ରହିଛି ।

## ଶ୍ରୀମନ୍ଦିରକୁ ପ୍ରବେଶ କଲେ ଦଇତାପତି

ପୁରୀ,୧୨/୦୬ (ନି.ପ୍ର): ଚଳିତବର୍ଷ ରଥଯାତ୍ରା ପାଇଁ ଦଇତାପତି ସେବକ ଆଜି ଶ୍ରୀମନ୍ଦିରରେ ପବେଶ କରିଛନ୍ତି । ସ୍ନାନପୂର୍ଣ୍ଣମୀ ନୀତି ଆଜି ସଂଧ୍ୟାରେ ଆରମ୍ଭ ହୋଇଛି । ମହାପ୍ରଭୁଙ୍କୁ ବାହୁଟ କଂଟ ଲାଗି ହୋଇଛି । ଆଜି ଠାରୁ ନିଳାଦ୍ରି ବିଜେ ପର୍ଯ୍ୟନ୍ତ ଶ୍ରୀଜୀଉଙ୍କ ବିଭିନ୍ନ ନୀତିକାନ୍ତି ସମାପାନ କରିବେ । ସ୍ନାନପୂର୍ଣ୍ଣମୀ ପାଇଁ ଚାରମାଳ ବନ୍ଧା, ପହଣ୍ଡି, ହାତୀବେଶ, ୧୦୮ ଅଭିମନ୍ତ୍ରିତ ଅଧିବାସ ଜଳରେ ମହାପ୍ରଭୁ ସ୍ନାନ କରିବେ । ଏହି ସମୟରେ ଦଇତାପତି ସେବକମାନେ ଅନେକ ଗୁପ୍ତ ନୀତି କାର୍ଯ୍ୟ ସମାପନ କରିବେ । ଜୁଲାଇ ୧ରେ ପିବତ୍ର ଶ୍ରୀଗୁଣ୍ଡିଚା ଯାତ୍ରା ।

## ଦୁଇ ଶିକ୍ଷକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଭଦ୍ରକ,୧୨/୦୬ (ନି.ପ୍ର): ଭଦ୍ରକ ବ୍ଲକ ଓଲଙ୍ଗ ଉଚ୍ଚ ବିଦ୍ୟାଳୟର ୨ଜଣ ଆଦର୍ଶ ଶିକ୍ଷକଙ୍କ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି । ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ପକ୍ଷରୁ ଅନୁଷ୍ଠିତ ଏହି ସମ୍ବର୍ଦ୍ଧନା ସଭାରେ କୃତୀ ଶିକ୍ଷକ ଗୌରାଙ୍ଗ ଚରଣ ମଲ୍ଲିକ ଓ ପ୍ରମୋଦ କୁମାର ନାୟକଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଉପଲକ୍ଷେ ବିଦ୍ୟାଳୟ ପରିସରରେ ଏକ ସଭାରେ ପ୍ରଧାନ ଶିକ୍ଷକ ଶ୍ରୀଧର ତ୍ରିପାଠୀ ସଭାପତିତ୍ୱ କରିଥିବାବେଳେ, ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ପ୍ରଣୟ କୁମାର ନାୟକ, ବ୍ଲକ ଶିକ୍ଷାଧିକାରୀ ଚକ୍ରଧର ମଲ୍ଲିକ ମୁଖ୍ୟବକ୍ତା, ସମ୍ମାନିତ ଅତିଥି ଭାବେ, ସରପଞ୍ଚ ଅକ୍ଷୟ ପ୍ରସାଦ ମହାନ୍ତି, ସମିତିସଭ୍ୟ ଗୌରୀ ରାଉତ, ପରିଚାଳନା କମିଟି ସଭାପତି ଅର୍ଜୁନ ଚରଣ ମହାନ୍ତି, ଓଷ୍ଟାର ସଂପାଦକ ପ୍ରଦୀପ କୁମାର ଦାସ, ଅକ୍ଷୟ ହୋତା, ବୈକୁଣ୍ଠ ସାହୁ ପ୍ରମୁଖ ଯୋଗଦେଇ ଅବସର ଗ୍ରହଣ କରିଥିବା ଦୁଇ ଶିକ୍ଷକଙ୍କ ଛାତ୍ର ବତ୍ସଳତା, ନିଷ୍ଠା ଓ କର୍ତ୍ତବ୍ୟ ପରାୟଣତା ଉପରେ ବକ୍ତବ୍ୟ ରଖିଥିଲେ । ସଂସ୍କୃତ ଶିକ୍ଷକ ପ୍ରାଣବନ୍ଧୁ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିବାବେଳେ, ସହକାରୀ ଶିକ୍ଷକ ଲକ୍ଷ୍ମୀଧର ପଣ୍ଡା, ଜଗବନ୍ଧୁ ପାଣିଗ୍ରାହୀ, ଅଂଜନ କୁମାର ପୃଷ୍ଟି, ହରିହର ମହାପାତ୍ର, ବୈଦ୍ୟନାଥ ପତି, ଶ୍ୟାମସୁନ୍ଦର ପତି ଓ ସେବାନିବୃତ ଶିକ୍ଷକ ବିଦ୍ୟାଧର ମହାନ୍ତି, ଗୋକୁଳାନନ୍ଦ ପତି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ । ପୁରାତନ ଛାତ୍ରଙ୍କ ମଧ୍ୟରେ ପୁରାତନ ଛାତ୍ର ସଂଘର ସଭାପତି ରାଜେନ୍ଦ୍ର କୁମାର ପତି, ଅଭିଳାଷ ପତି, ବିଜୟ ଜେନା, ସୋମନାଥ ପତି, ବଳରାମ ରାଉତ, ପ୍ରତାପ ପଣ୍ଡା, ଫିରୋଜ ସାହା, ମିହିର ସାହୁ, ପ୍ରଦୀପ କୁମାର ଦାସ, ବଳରାମ ଜେନା, ରାଧାକୃଷ୍ଣ ସାମଲ, ବଂଶୀଧର ସାହୁ, ଦୀପକ ବେହେରା, ମନୋରଂଜନ ପଢ଼ିଆରୀ, ନାରାୟଣ ସାହୁ, ଦେବେନ୍ଦ୍ର କୁମାର ବେହେରା, ମନୋଜ ପତି, ମୁନା ଆଚାର୍ଯ୍ୟ, ଦେବେନ୍ଦ୍ର ସାମଲ, ଜ୍ୟୋସ୍ନାରାଣୀ ପତି ପ୍ରମୁଖ ସଭା ପରିଚାଳନା କରିଥିଲେ ।

## ନୃତ୍ୟଶିଖା ଫାଉଣ୍ଡେସନର ୬ଷ୍ଠ କଳା ସମ୍ମାନ ଉତ୍ସବ



ଜଳେଶ୍ୱର ୧୨/୬ (ନି.ପ୍ର): ଦୁଇଦିନ ଧରି ବାଲେଶ୍ୱର ଜିଲାର ଜଳେଶ୍ୱର ସହରର ବାସନ୍ତି ପଡିଆଠାରେ ନୃତ୍ୟଶିଖା ଫାଉଣ୍ଡେସନ ପକ୍ଷରୁ ୬ଷ୍ଠ କଳା ସମ୍ମାନ ୨୦୨୨ ଓ ଡେନ୍ସ ଫେଷ୍ଟିଭାଲ ଅନୁଷ୍ଠିତ ହୋଇ ଯାଇଛି । ଗତ ଶନିବାର ସଂଧ୍ୟାରେ ଏପରି କାର୍ଯ୍ୟକ୍ରମକୁ ଏହାର ପ୍ରତିଷ୍ଠାତା ସୁଶାନ୍ତ କୁମାର ବେହେରା ଉଦ୍‌ଘାଟନ କରିଥିଲେ । ଆୟୋଜିତ ସଭାରେ ଅମୟ କୁମାର ଦାସ ସଭାପତିତ୍ୱ କରି ଓଡିଶାର ନୃତ୍ୟକଳା, ଭାସ୍କର୍ଯ୍ୟ, ସ୍ଥାପତ୍ୟ ସଂପର୍କରେ ବର୍ଣ୍ଣନ କରିଥିଲେ । ମୁଖ୍ୟ ଅତିଥିଭାବେ ସ୍ଥାନୀୟ ଉପକାରାଗାର ଅଧ୍ୟକ୍ଷା ଅନୁସୂୟା ଷଡଙ୍ଗୀ, ସମ୍ମାନୀତ ଅତିଥିଭାବେ ସମାଜସେବୀ ଲେଲିନ୍ ପ୍ରଧାନ ଓ ଶିକ୍ଷାବିତ୍ ପ୍ରାଣକୃଷ୍ଣ ଗିରି ଯୋଗ ଦେଇ ଦୀର୍ଘ ୬ବର୍ଷ ଧରି ଏହି ଅନୁଷ୍ଠାନ ଜଳେଶ୍ୱର ଓ ଦାନ୍ତୁନ ଅଂଚଳରେ ବହୁ କଳାକାର ସୃଷ୍ଟି କରିଥିବା କହିଥିଲେ । ଆଜି ରବିବାର ଅପରାହ୍ନରେ ଅନୁଷ୍ଠିତ ୨ୟ ସଂଧ୍ୟାରେ ସୁଶାନ୍ତ କୁମାର ବେହେରାଙ୍କ ପୌରହିତ୍ୟ କରିଥିଲେ । ଆଇଆଇସି ରୋଜାଲିନ୍ ବେହେରା, ମୁଖ୍ୟ ଅତିଥି ଓ ଯୁବ ନେତା ରାଜାଶ୍ରୀ ମହାନ୍ତି, ମୁଖ୍ୟବକ୍ତା ଓ ସମ୍ମାନୀତ ଅତିଥିଭାବେ ଇଂ ରତ୍ନାକର ଦାସ ଓ ପାର୍ଥସାରଥି ଦାସ ପ୍ରମୁଖ ଯୋଗ ଦେଇ ସାମ୍ପ୍ରତିକ ସମାଜରେ କୁନିକୁନି ପିଲାଙ୍କ ଠାରେ କଳା ପ୍ରତିଭା ଅଧିକ ଦେଖାଯାଉଥିବା ସଂପର୍କରେ ବର୍ଣ୍ଣନା କରିଥିଲେ । ଦୁଇଦିନ ଧରି ଅନୁଷ୍ଠାନର ୬୦ଜଣ କଳାକାରଙ୍କର ବିଭିନ୍ନ ସାଂସ୍କୃତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଉଛି । ସଂସ୍କୃତି ବିଭାଗ ପକ୍ଷରୁ ଗୋଟିପୁଅ ନୃତ୍ୟ ଓ ସୋନପୁରର ଶଂକର ବେହେରା ଓ ତାଙ୍କ ଟ୍ରଷ୍ଟ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ ଦେଖି ଦର୍ଶକ ଝୁମିଥିଲେ ।

## ଉଦଳାର ଅବସୋସ : ଥରଟିଏ ବି ଦେଖିପାରିଲା ନାହିଁ ମହିଳା ବିଧାୟକଙ୍କୁ



ଉଦଳା, ୧୨/୦୬ (ନି.ପ୍ର): ଦେଶ ସ୍ୱାଧିନ ହେବାରଦିର୍ଘ ୭୫ ବର୍ଷ ବିତିଗଲାଣି । ସେଥିପାଇଁ ଚଳିତ ବର୍ଷଟିକୁ ଅମୃତ ମହୋତ୍ସବର ବର୍ଷ ଭାବରେ ଦେଶ ତମାମ ପାଳନ କରାଯାଉଛି । ଦେଶକୁ ସ୍ୱାଧିନ କରିବାରେ ସଂଗ୍ରାମୀ ମାନଙ୍କର ଅବଦାନକୁ ମନେ ପକାଇବା ସହିତ ସେମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି । ସେହିପରି ଇଂରେଜ ସରକାରଙ୍କ ବିରୁଦ୍ଧରେ ଉଦଳାରେ ଗିରିଶଚନ୍ଦ୍ର ରାୟଙ୍କ ନେତୃତ୍ୱରେ ଯେଉଁ ଆନ୍ଦୋଳନ ଚାଲିଥିଲା, ଏଥିରେ ମହିଳା ମାନେ ମଧ ଅଂଶ ଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରେ ରତ୍ନମଣୀ ପରିଛା ଓ ଲୁସା ମାଝୀଙ୍କ ନାମ ଚର୍ଚ୍ଚାକୁ ଆସେ । କିନ୍ତୁ ସ୍ୱାଧିନତା ପରେ ଉଦଳା ନିର୍ବାଚନ ମଣ୍ଡଳୀ ଘୋଷିତ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ଦିର୍ଘ ୭୫ ବର୍ଷ ସମୟ ଅତିକ୍ରାନ୍ତ ହୋଇ ଯାଇଥିଲେ ମଧ ଏଠାରୁ ଜଣେ ହେଲେ ମହିଳା, ବିଧାୟକ ପ୍ରାର୍ଥି ହୋଇ ନାହାଁନ୍ତି । ସେଥିପାଇଁ ଆସନ୍ତା ବିଧାନସଭା ନିର୍ବାଚନରେ ମହିଳା ବିଧାୟକ ପ୍ରାର୍ଥି ହେଲେ ଭଲ ହେବ ବୋଲି ବହୁ ଲୋକ ମତ ଦେଉଥିବାର ଶୁଣିବାକୁ ମିଳୁଛି । ଖାଲି ସେତିକି ନୁହେଁ ବିଭିନ୍ନ ରାଜନୈତିକ ଦଳ ତରଫରୁ ଏଥିପାଇଁ ଦକ୍ଷ ମହିଳାଙ୍କୁ ଖୋଜିବା ପ୍ରକ୍ରୀୟା ଆରମ୍ଭ ହୋଇଥିବାର କଥା ମଧ ଚର୍ଚ୍ଚା ହେଉଛି । ଉକ୍ତ ଆସନଟି ଜନଜାତିଙ୍କ ପାଇଁ ସଂରକ୍ଷିତ ଥିବାରୁ ଉକ୍ତ ବର୍ଗର ସେହିଭଳି ଜଣେ ଦକ୍ଷତା ସମ୍ପର୍ଣ୍ଣ ମହିଳା ପାଇବା କଷ୍ଟକର ହୋଇ ପଡ଼ିଛି । ଏତିକି ବେଳେ ମୟୂରଭଞ୍ଜର ୧ନଂ ଜିଲ୍ଲାପରିଷଦ ଜୋନର ସଦସ୍ୟା ଇଂ.ସୁଶାନ୍ତି ସିଂଙ୍କ ନାମଟି ଚର୍ଚ୍ଚାକୁ ଆସୁଛି । ସୁଶାନ୍ତି ଉଦଳା ନିର୍ବାଚନ ମଣ୍ଡଳୀର ଉପରତାଳଡ଼ିହା ଗ୍ରାମର ଟୁଣି ସିଂଙ୍କର କନ୍ୟା ଅଟନ୍ତି । ସେ କମ୍ପ୍ୟୁଟର ସାଇନ୍ସରେ ଡ଼ିପ୍ଲମା କରିବା ସହିତ ୫ ବର୍ଷ ସରକାରୀ ଚାକିରି କରିଥିଲେ । ସରକାରୀ ଚାକିରୀ ଦେଶ ସେବା ପାଇଁ ପ୍ରକୃଷ୍ଟ କ୍ଷେତ୍ର ନୁହେଁ ବୋଲି ବିବେଚନା କରି ଏହାକୁ ପରିତ୍ୟାଗ କଲେ । ପରେ ସେ ଗତ ପଞ୍ଚାୟତ ନିର୍ବାଚନରେ ୧ନଂ ଜିଲ୍ଲାପରିଷଦ ଜୋନରୁ ବିଜୁ ଜନତା ଦଳର ଟିକଟରେ ନିର୍ବାଚନ ଲଢ଼ି ଜିତିଛନ୍ତି । ତାଙ୍କର ଯୋଗ୍ୟତା, ଦକ୍ଷତା ଓ ସୁନ୍ଦର ବ୍ୟବହାରରେ ମୁଗ୍ଧ ହୋଇ ଏବେ ଲୋକେ ଉଦଳା ନିର୍ବାଚନ ମଣ୍ଡଳୀର ଭାବି ବିଧାୟିକା ବୋଲି ସମ୍ବୋଧନ କରିବା ଆରମ୍ଭ କରିଦେଲେଣି । କଥାରେ ଅଛି 'ମଧୁର ବିନୟ ବଚନ, କହି ତୋଷିବ ଜନ ମନ', ଯାହାକି ସୁଶାନ୍ତିଙ୍କ ନିକଟରେ ପୁରା ମାତ୍ରାରେ ଦେଖିବାକୁ ମିଳେ । ଯଦିଓ ବିଜୁ ଜନତା ଦଳରେ ମହିଳା ପ୍ରାର୍ଥିଙ୍କ ଲମ୍ବା ତାଲିକା ରହିଛି ତେବେ ସୁଶାନ୍ତିଙ୍କ ଯୋଗ୍ୟତା ଓ ଦକ୍ଷତା ଆଗରେ ଅନ୍ୟ ସବୁ ପ୍ରାର୍ଥିନୀ ମାନେ ଫିକା ପଡ଼ିଯିବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି ।

## ଲଗ୍ନ ଧରା ପୂର୍ବରୁ ପ୍ରେମିକ ଫେରାର : ପ୍ରେମିକାର ଅନଶନ ଜାରି

ଭଦ୍ରକ, ୧୨/୦୬ (ନି.ପ୍ର): ତିହିଡ଼ି ବର୍ଷର ଅନାବିଳ ପ୍ରେମକୁ ଧୋକ୍କା, ବିବାହ ପାଇଁ ଲଗ୍ନ ଧରା ପୂର୍ବରୁ ପ୍ରେମିକ ଫେରାର, ଶୁକ୍ରବାର ସକାଳୁ ପ୍ରେମିକ ଦୁଆରେ ଅନଶନ ଜାରି ରହିଛି । । ଲଭ୍, ସେକ୍ସ ଆଉ ଧୋକ୍କାର ଶିକାର ହୋଇ ଶେଷରେ ନିଜ ଜୀବନକୁ ବାଜି ଲଗେଇ ଦେଇଛି ଜଣେ ପ୍ରେମିକା । ବିଧବା ମାଆଙ୍କ ସମେତ କେତେକ ସମ୍ପର୍କିୟଙ୍କ ସହିତ ଅନଶନରେ ବସିଛି ପ୍ରେମିକା । ବିବାହ ନକରିବା ପର୍ଯ୍ୟନ୍ତ ଏହା ଜାରି ରହିବ ଏବଂ ସମ୍ପୂର୍ଣ୍ଣ ବିଫଳ ହେଲେ ପ୍ରେମିକ ଦୁଆରେ ଆତ୍ମହତ୍ୟା କରିବ ବୋଲି ଚେତାବନି ଦେଇଛି ପ୍ରେମିକା । ପୋଲିସ ହସ୍ତକ୍ଷେପ କରିଥିଲେ ମଧ୍ୟ କୌଣସି ସମାଧାନ ହୋଇ ନଥିବା ଜଣା ଯାଇଛି । ଏଭଳି ସମ୍ବେଦନଶୀଳ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ତିହିଡି ଗାଁରେ । ଏହି ଗାଁର ଦିପାଜଂଲି ଜେନା ନାମ୍ନୀ ଜନୈକା ସାବାଳିକା ଝିଅ ସହିତ ଅମୂଲ୍ୟ ମାଝିଙ୍କ ପୁଅ ଜିତେନ୍ଦ୍ରଙ୍କ ସହ ୩ ବର୍ଷ ତଳେ ପରିଚୟ ହୋଇଥିଲା । ପ୍ରଥମେ ଜିତେନ୍ଦ୍ର ପ୍ରେମ ନିବେଦନ କରିଥିଲା ଏବଂ ଦିପାଜଂଲି ରାଜି ନହେବାରୁ ଜିତେନ୍ଦ୍ର ଆତ୍ମହତ୍ୟା କରିବ ବୋଲି କହିଥିଲା । ପରେ ଉଭୟଙ୍କ ମଧ୍ୟରେ ଗଢି ଉଠିଥିଲା ପ୍ରେମ । ଦୁହେଁ ହଜି ଯାଇଥିଲେ ପ୍ରେମ ଆଉ ସେକ୍ସରେ । ଏପରିକି ଗତ ପଣା ସଂକ୍ରାନ୍ତିରେ ଏକ ମନ୍ଦିରରେ ଦିପାଜଂଲି ମଥାରେ ସିନ୍ଦୁର ପିନ୍ଧାଇ ବିବାହର ପ୍ରତିଶୃତିକୁ ମଜବୁତ ମଧ୍ୟ କରିଥିଲା ଜିତେନ୍ଦ୍ର । ଗତ ମାସ ୨୬ ତାରିଖରେ ଜିତେନ୍ଦ୍ରଙ୍କ ପରିବାର ଲୋକେ ଦିପାଜଂଲୀଙ୍କ ଘରକୁ ଯାଇ ବିବାହର ପ୍ରତିଶୃତି ଦେବା ସହ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଥିଲେ । ଦିପାଜଂଲୀଙ୍କ ମାଆ ଧାର କରଜ କରି ବିବାହ ସାମଗ୍ରୀ କିଣିଥିଲେ । ଗତ ୪ ତାରିଖରେ ଜିତେନ୍ଦ୍ର ମଧ୍ୟ ଦିପାଜଂଲୀଙ୍କ ଘରକୁ ଯାଇ ବୁଲି ଫେରି ଆସିଛି । ହେଲେ ୫ ତାରିଖ ଠାରୁ ଜିତେନ୍ଦ୍ର ଫେରାର ଅଛି । ଆଜି ଥିଲା ବିବାହ ପାଇଁ ଲଗ୍ନ ଧରା । ଯାହାକୁ ନେଇ ଦିପାଜଂଲୀ ନିରୁପାୟ ହୋଇ ଜିତେନ୍ଦ୍ରଙ୍କ ଘର ଦୁଆରେ ଏପରି ଅନଶନରେ ବସିଥିବା କୁହାଯାଇଛି ।

# ୬ ଦଫା ଦାବିରେ ବିଜେପିର ଜଳେଶ୍ୱର ଥାନା ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ ସଭା

ଜଳେଶ୍ୱର, ୧୨/୦୬ (ନି.ପ୍ର): ବାଲେଶ୍ୱର ଜିଲାର ଜଳେଶ୍ୱର ଥାନା ଇଲାକାରେ ଆଇନ୍ ବିରୋଧି କାର୍ଯ୍ୟ ଚାଲୁଥିବାରୁ ଏହା ପ୍ରତିବାଦରେ ଆଜି ପୂର୍ବ ସୂଚନା ଅନୁଯାୟୀ ଭାରତୀୟ ଜନତାପାର୍ଟି ଥାନା ସମ୍ମୁଖରେ ଗଣବିକ୍ଷୋଭ ଓ ପ୍ରତିବାଦ ସଭା ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି । ବିଜେପି ନଗର ସଭାପତି ଫାଲଗୁନୀ ପାଣିଗ୍ରାହୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ଜଳେଶ୍ୱରରେ ପ୍ରତିଦିନ ଘଟୁଥିବା ଡ୍ରଗ୍ସ ମାମଲା ଗୁଡିକରେ କେତେକ ଆଇନ୍‌ଜିବୀଙ୍କ ମଧ୍ୟସ୍ଥତା ଥିବାରୁ ସେମାନଙ୍କୁ ଚିହ୍ନଟ କରି ଗିରଫ କରିବାକୁ ଦାବି ହୋଇଛି । ଡ୍ରଗ୍ସ ମାମଲାରେ ନିଲମ୍ବିତ ପୂର୍ବତନ ଆଇଆଇସି ଧନେଶ୍ୱର ସାହୁଙ୍କୁ ପୋଲିସ୍ ପ୍ରଶାସନର ଛତ୍ରଛାୟା ତଳୁ ଗିରଫ କରିବାକୁ ଦାବି ହୋଇଛି । ଚମାରଗାଁର ଜନୈକ ମହିଳାଙ୍କୁ ଜଣେ ମୁସ୍‌ଲିମ ତାନ୍ତ୍ରୀକ ୮୦ଦିନ ଦୁଷ୍କର୍ମ ଓ ବନ୍ଦି କରି ରଖିଥିବା ଘଟଣାରେ ଜଡିତ ଅଭିଯୁକ୍ତଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି । ପଶ୍ଚିମବଂଗକୁ ଚାଲାଣ ହେଉଥିବା ବାଲି ଓ ମାଟି ଘଟଣାରେ ସଂପୃକ୍ତ ବ୍ୟକ୍ତିମାନଙ୍କୁ ଟାକ୍ସଫୋର୍ସ ଦ୍ୱାରା ଗିରଫ କରାଯିବା ସହିତ ଗଡସାହି ବାଲିଆପାଳ ଓ ନଛିମପୁର ପଂଚାୟତର ସରପଂଚ ଏପରି କାର୍ଯ୍ୟରେ ସଂପୃକ୍ତ ଥିବାରୁ ସେମାନଙ୍କୁ ଅବିଳମ୍ବେ ଗିରଫ କରିବାକୁ ଦାବି ହୋଇଛି । ଲକ୍ଷ୍ମଣନାଥ ଟୋଲଗେଟ ଠାରେ ଜଳେଶ୍ୱର ପୁଲିସ୍ ଛତ୍ରଛାୟାରେ ବ୍ୟାପକ ଚାନ୍ଦ ଆଦାୟ, ବେଆଇନ୍ ଗୋଚାଲାଣ, ଗଂଜେଇ ଚାଲାଣ ଅଭିଯୁକ୍ତଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ଦାବି ହୋଇଛି । ଜଳେଶ୍ୱର ଅଂଚଳରେ ବ୍ୟାପକ ଛିନ୍‌ତାୟୀ ଘଟଣାରେ ଦୋଷୀଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଲାଗି ଦାବି ହୋଇଛି । ଏକ ରାଜନୈତିକ ଦଳର ଏଜେଣ୍ଟ ଭାବେ ପୁଲିସ୍ କାର୍ଯ୍ୟ କରୁଥିବାରୁ ଏହାର ପ୍ରତିବାଦରେ ଆସନ୍ତା ଦିନରେ ବିଜେପି ଜଳେଶ୍ୱର ବନ୍ଦ ସହିତ ରାଜରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି ।

# ଉନ୍ମୋଚିତ ହେଲା ଦିବଂଗତ ଦେବରାଜ ନାୟକଙ୍କ ଇଂରାଜୀ କବିତାଗ୍ରନ୍ଥ



ବାଲେଶ୍ୱର, ୧୨/୦୬ (ନି.ପ୍ର): ମାତ୍ର ୪୧ ବର୍ଷ ବୟସରେ ବାଲେଶ୍ୱରର ଜଣେ ବରିଷ୍ଠ ସାରସ୍ୱତପ୍ରେମୀ ତ୍ରିଦିବ ନାୟକଙ୍କର ଏକମାତ୍ର ପୁତ୍ର ଦେବରାଜ ନାୟକଙ୍କର ଅକାଳ ନିଧନ ଘଟିଲା । ମୃତ୍ୟୁ ପୂର୍ବରୁ ସେ ଲେଖିଯାଇଥିଲେ ଅନେକ ଇଂରାଜୀ କବିତା, ଯାହା ପ୍ରକାଶିତ ହୋଇପାରିନଥିଲା । ସେହି କବିତାଗୁଡ଼ିକ ମଧ୍ୟରୁ ୧୪୪ଗୋଟି ନିର୍ବାଚିତ କବିତାକୁ ନେଇ ତ୍ରିଦିବ ବାବୁ ସଂକଳନଟିଏ ପ୍ରକାଶ କରିଛନ୍ତି ଯେଉଁ ଗ୍ରନ୍ଥ ଫକୀରମୋହନ ସାହିତ୍ୟ ପରିଷଦଦ୍ୱାରା ଶନିବାର ସଂଧ୍ୟାରେ ଶାନ୍ତିକାନନରେ ଉନ୍ମୋଚିତ ହୋଇଯାଇଛି । ଡ.ଲକ୍ଷ୍ମୀକାନ୍ତ ତ୍ରିପାଠୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉନ୍ମୋଚନୀ ସଭାରେ 'ସାଇଲେଣ୍ଟ ଅବ୍‌ଜରଭର୍ ଡିସ୍‌ଇଲ୍ୟୁଜନ୍‌ଡ ଥ୍ରୋଆଉଟ' ନାମକ ଗ୍ରନ୍ଥକୁ ଲୋକାର୍ପଣ କରି ଇଂରାଜୀ ସାହିତ୍ୟର ଗବେଷିକା ଡ.ସାନ୍ତ୍ୱନା ହାଲଦାର ଗ୍ରନ୍ଥଟିର ଭୂୟସୀ ପ୍ରଶଂସା କରିଥିଲେ । ନୈରାଶ୍ୟବାଦ ଓ ବାସ୍ତବବାଦ ସାଙ୍ଗକୁ ଚିତ୍ରକଳ୍ପର ପ୍ରୟୋଗକରି ଦେବରାଜ କବିତ୍ୱର ପରାକାଷ୍ଠା ଦେଖାଇଛନ୍ତି ବୋଲି ସେ ବକ୍ତବ୍ୟ ରଖିଥିଲେ । କବିତାଗୁଡ଼ିକର ତନ୍ନ ତନ୍ନ ବ୍ୟାଖ୍ୟାକରି ଡ.ହରିଶ୍ଚନ୍ଦ୍ର ବେହେରା ତାହାର ଉତ୍କର୍ଷତା ପ୍ରମାଣ କରିଥିବା ବେଳେ ଡ.ଶିରୀଶଚନ୍ଦ୍ର ଜେନା ସେଥିରେ ଥିବା ପ୍ରେମ,ପୀଡି ଓ ଶୂନ୍ୟତା ସମ୍ପର୍କରେ ଆଲୋଚନା କରିଥିଲେ । କବି ଶ୍ରୀଦେବ ସମସାମୟିକ କବିମାନଙ୍କୁ ଉଲ୍ଲେଖ କରି ଗ୍ରନ୍ଥର ଏକ ତୁଳନାତ୍ମକ ଆଲୋଚନା କରିଥିଲେ । ଡ.ସୁବାସଚନ୍ଦ୍ର ପାତ୍ର ଓ କବିଙ୍କର ବନ୍ଧୁ ଅୟନ ସେନ କବିଙ୍କର ସ୍ମୃତିଚାରଣ କରିଥିଲେ । ଡ.ସାରଙ୍ଗଧର ତ୍ରିପାଠୀ ଅତିଥିମାନଙ୍କୁ ମଞ୍ଚକୁ ଆବାହନ କରିଥିବାବେଳେ କଲ୍ୟାଣୀ ନନ୍ଦ କବିଙ୍କ ଉଦ୍ଦେଶ୍ୟରେ ଏକ ଶୋକାତ୍ମକ ଗୀତ ଗାୟନ କରିଥିଲେ ଓ ପ୍ରଜ୍ଞାପାରମିତା ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ ।

# ପଦାରବିନ୍ଦ ଦଣ୍ଡପାଟଙ୍କ ଭଳି ନମନୀୟ ବ୍ୟକ୍ତିତ୍ୱ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ

ବାଲେଶ୍ୱର, ୧୨/୦୬ (ନି.ପ୍ର): ବାଲେଶ୍ୱର ଓକିଲସଂଘର ବରିଷ୍ଠ ସଦସ୍ୟ ତଥା ବିଶିଷ୍ଟ ଶିକ୍ଷାବିତ୍ ଓ ସୁସାହିତ୍ୟିକ ଦିବଂଗତ ପୂର୍ଣ୍ଣଚନ୍ଦ୍ର ଦଣ୍ଡପାଟଙ୍କ ଜ୍ୟେଷ୍ଠପୁତ୍ର ଆଇନ୍‌ଜୀବୀ ପଦାରବିନ୍ଦ ଦଣ୍ଡପାଟଙ୍କ ୬୯ବର୍ଷ ବୟସରେ ଗତ ୧ତାରିଖ ଦିନ ଚିକିତ୍ସାଧୀନ ଅବସ୍ଥାରେ ଭୁବନେଶ୍ୱରଠାରେ ଦେହାନ୍ତ ହେବାର ଏକାଦଶାହ ତିଥିରେ ତାଙ୍କ ଏଡ଼ିଏମ୍. ଛକ ସ୍ଥିତ ବାସଭବନରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗଦେଇ ତାଙ୍କଭଳି ନମନୀୟ ବ୍ୟକ୍ତିତ୍ୱ ଅନ୍ୟମାନଙ୍କ ପାଇଁ ପ୍ରେରଣାର ଉତ୍ସ ବୋଲି କହିଛନ୍ତି । ଶ୍ରଦ୍ଧାଞ୍ଜଳି ସଭାରେ ଓଡ଼ିଶା ସାହିତ୍ୟ ଏକାଡ଼େମୀର ସଦସ୍ୟ ତଥା ସୁବର୍ଣ୍ଣଶ୍ରୀର ପ୍ରତିଷ୍ଠାତା କବି କାଳୀପଦ ପଣ୍ଡା ସଭାପତିତ୍ୱ କରି ପଦାରବିନ୍ଦ ଦଣ୍ଡପାଟ ତାଙ୍କ ପିତାଙ୍କର ସୁପୁତ୍ର



ଭାବେ ଅନେକ ମହତଗୁଣର ଅଧିକାରୀ ହୋଇ ବୃତ୍ତିଗତ ଜୀବନରେ ନିଷ୍ଠା ଓ ଦକ୍ଷତାର ସହ ଏକ ସଂଯୁକ୍ତ ପରିବାରକୁ ସୁପରିଚାଳନା କରି ନିଜର ପରୋପକାରୀ ମନୋଭାବ ଓ ମିଷ୍ଟଭାଷୀ ଗୁଣ ପାଇଁ ସବୁ ସମୟରେ ବାଲେଶ୍ୱର ଜନଜୀବନରେ ମନେପଡ଼ିବେ ବୋଲି ମତବ୍ୟକ୍ତ କରିଥିଲେ । ପ୍ରାରମ୍ଭରେ ସମବେତ ଅତିଥି ପଦାରବିନ୍ଦଙ୍କ ଫଟୋଚିତ୍ରରେ ପୁଷ୍ପାର୍ଘ୍ୟ ଅର୍ପଣ କରିବା ପରେ ତାଙ୍କ ଅମରଆତ୍ମା ଉଦ୍ଦେଶ୍ୟରେ ଦୁଇମିନିଟ୍ ନିରବ ପ୍ରାର୍ଥନା କରିଥିଲା । ବିଶିଷ୍ଟ ସାହିତ୍ୟିକ ଡକ୍ଟର ରମାକାନ୍ତ ବେହେରା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ବିଶିଷ୍ଟ କବି ପ୍ରଶାନ୍ତ ଦାସ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥି ଭାବେ ବାଲେଶ୍ୱର ଓକିଲସଂଘର ସଭାପତି ଓକିଲ ମନୋଜ ନାୟକ, ଓକିଲ ଜିତେନ୍ଦ୍ର ଉପାଧ୍ୟାୟ, କିଶୋରୀ ମୋହନ ସିଂ ପ୍ରମୁଖ ସ୍ମୃତିଚାରଣ କରି ପରଲୋକଗତ ପଦାରବିନ୍ଦଙ୍କ ମହତ ଗୁଣାବଳୀର ବର୍ଣ୍ଣନା କରିଥିଲେ । ସାଇସ୍ମିତା ଦଣ୍ଡପାଟ ଏକ ଭାବଗର୍ଭକ ସଙ୍ଗୀତ ପରିବେଷଣ କରିଥିବା ବେଳେ କନିଷ୍ଠ ଭ୍ରାତା ଡାକ୍ତର ଦେବବ୍ରତ ଦଣ୍ଡପାଟ ପ୍ରାରମ୍ଭିକ ସୂଚନା ଦେଇଥିଲା ବେଳେ ବରିଷ୍ଠ ଆଇନ୍‌ଜୀବୀ ରଘୁନାଥ ପ୍ରଧାନ, ସମାଜସେବୀ ଇଂ.ବନମାଳୀ ନାୟକ, ଡକ୍ଟର କୁଞ୍ଜକାନ୍ତ ପାତ୍ର, ପ୍ରଭାକର ମିଶ୍ର, ଡ.ମାନସ ରଞ୍ଜନ ସାମଲ, ସମ୍ପାଦିକା ମମତା ମହାପାତ୍ର, ଇଂ.ବିଚ୍ଛନ୍ଦ ପାତ୍ର, ଅଜିତ କୁମାର ପାତ୍ର, ବରିଷ୍ଠ ବୈଜ୍ଞାନିକ ସତ୍ୟବ୍ରତ ଦଣ୍ଡପାଟ, ସମାଜସେବୀ ସନ୍ତୋଷ ଦାସ, ଚାନ୍ଦିପୁର ଗୁଳାବାରୁଦ ପରୀକ୍ଷଣ କେନ୍ଦ୍ରର ଉପନିର୍ଦ୍ଦେଶକ ପ୍ରଦୀପ ଦଣ୍ଡପାଟ, ଇଂ.ସୂର୍ଯ୍ୟକାନ୍ତ ଦଣ୍ଡପାଟ ପ୍ରମୁଖ ପଦାରବିନ୍ଦବାବୁଙ୍କ ଉଦ୍ଦେଶ୍ୟରେ ନିଜ ନିଜର ଅଭୁଲା ସ୍ମୃତିକୁ ରୋମନ୍ଥନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଦୀର୍ଘଦିନ ଧରି କିଡ଼ନୀ ସମସ୍ୟା ଜନିତ ଚିକିତ୍ସା ନିମନ୍ତେ ଭୁବନେଶ୍ୱର ସ୍ଥିତ ସମ୍ ହସ୍ପିଟାଲ୍‌ରେ ରହିଥିଲା ବେଳେ ଗତ ୧ତାରିଖ ଦିନ ତାଙ୍କର ଦେହାନ୍ତ ଘଟିଥିଲା । ଦେହାନ୍ତ ପରେ ତାଙ୍କ ମରଶରୀରକୁ ବାଲେଶ୍ୱର ବାସଭବନ ସମେତ କଚେରି ହତାକୁ ଅଣାଯାଇ ଶ୍ରଦ୍ଧାଞ୍ଜଳି ଅର୍ପଣ ପରେ ପୁରୀ ସ୍ଥିତ ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର କରାଯାଇଥିଲା ।

# ବାରିପଦା ପିଆରଏମ ମେଡିକାଲରେ ଆଉ ଧାଡିରେ ଛିଡା ହେବେନି ରୋଗୀ

ବାରିପଦା, ୧୨/୦୬ (ନି.ପ୍ର): ବାରିପଦାରେ ଥିବା ପିଆରଏମ ମେଡିକାଲ କଲେଜ ଓ ହସପିଟାଲ ଉପରେ କେବଳ ମୟୂରଭଂଜର ନୁହେଁ ପୋଡଶୀ ପଶ୍ଚିମବଙ୍ଗ ଓ ଝାଡଖଣ୍ଡ ରାଜ୍ୟର ବହୁ ରୋଗୀ ମଧ ନିର୍ଭର କରିଥାନ୍ତି । ପ୍ରତିଦିନ ବହିର୍ବିଭାଗ ପଂଜିକରଣ ରୋଗୀଙ୍କର ଲମ୍ବା ଲାଇନ ଲାଗୁଥିବାରୁ ରୋଗୀ ଏବଂ ତାଙ୍କ ସମ୍ପର୍କୀୟ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେବା ସହ ରୋଗୀ ମାନେ ମଧ ଘଂଟାଘଂଟା ଧରି ଧାଡିରେ ଛିଡା ହୋଇ ଟିକଟ ସଂଗ୍ରହ କରୁଥିଲେ । ପୁଣି ଟିକଟ ସଂଗ୍ରହ ପରେ ଡାକ୍ତରଙ୍କୁ ଦେଖାଇବା ପାଇଁ ଘଂଟାଘଂଟା ଧାଡିରେ ଛିଡାହେବାକୁ ପଡୁଥିଲା । ତେବେ ରାଜ୍ୟ ସରକାରଙ୍କ ୫ଟି ଯୋଜନାରେ ଟେକ୍ନୋଲୋଜିର ଉପଯୋଗ କରାଯାଇ ନିର୍ମାଣ ହୋଇଥିବା ଡିଜିଟାଲ ପଂଜିକରଣ କେନ୍ଦ୍ର ଏବଂ ନବ ନିର୍ମିତ ୬ ଶର୍ଯ୍ୟା ବିଶିଷ୍ଟ ଶବ ସଂରକ୍ଷଣ ଗୃହ



ଆଜି ଅପରାହ୍ନରେ ମୟୂରଭଂଜ ଜିଲ୍ଲାପାଳ ବିନିତ ଭରଦ୍ୱାଜ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିଛନ୍ତି । ଏହି ଉଦଘାଟନୀ କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ରୂପଭାନୁ ମିଶ୍ର, ପିଆରଏମ ମେଡିକାଲ କଲେଜ ଓ ହସପିଟାଲର ସୁପରିନଟେଣ୍ଡେଟ ଡ. ପ୍ରତିଭା ପଣ୍ଡା, ଏଡିଏମଓ ମେଡିକାଲ ଡ. ନିହାର ରଂଜନ ଦାସ, ରେଡିଓଲୋଜିଷ୍ଟ ଡ. ଜ୍ଞାନ ରଂଜନ ମହାନ୍ତି, ହସପିଟାଲ ମେନେଜର ଡ. ସମୀର ରଂଜନ ମହାପାତ୍ର, ଡ. ବିନୋଦିନୀ ଦାସ, ଡିପିଏମ ଏନଏଚଏମ ପି.ପି. ପତି ଙ୍କ ସମେତ ବହୁ ବିଭାଗୀୟ ପଦାଧିକାରୀ ମାନେ ଯୋଗ ଦେଇଥିଲେ । ଏହି ଅବସରରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ଡିଜିଟାଲ ପଂଜିକରଣ କାର୍ଯ୍ୟ ବୁଲି ଦେଖିବା ସହ ଦାୟୀତ୍ୱରେ ଥିବା ଅଧିକାରୀ ଓ କର୍ମଚାରୀ ମାନଙ୍କୁ ଡିଜିଟାଲ ପଂଜିକରଣ କାର୍ଯ୍ୟର ସୁପରିଚାଳନା ସହ ରୋଗୀ ମାନଙ୍କୁ ସମୟ ମୁତାବକ ଉପଯୁକ୍ତ ସେବା ଯୋଗାଇ ଦେବାକୁ ପରାମର୍ଶ ଦେଇଥିଲେ ।

## ଭୁବନେଶ୍ୱର କେଶରୀ ମଲରେ ଅଗ୍ନିକାଣ୍ଡ

ଭୁବନେଶ୍ୱର, ୧୨/୦୬ (ନି.ପ୍ର): ଭୁବନେଶ୍ୱର ସ୍ଥିତ ମାର୍କେଟ୍ ବିଲ୍ଡିଂ ନିକଟରେ ଥିବା କେଶରୀ ମଲ୍‌ରେ ପୁଣି ଅଗ୍ନିକାଣ୍ଡ ଘଟିଛି । ପ୍ରଥମ ଓ ଦ୍ୱିତୀୟ ମହଲାରେ ନିଆଁ ଲାଗିଥିବା ସୂଚନା ମିଳିଛି । ତେବେ ଅଗ୍ନିକାଣ୍ଡ କାହିଁକି ହୋଇଛି ତାର ସଠିକ କାରଣ ଜଣାପଡ଼ିନାହିଁ । ମିଳିଥିବା ସୂଚନା ଅନୁସାରେ ମଲ୍‌ରେ ନିଆଁ ଲାଗିବା ପରେ ଲୋକମାନଙ୍କ ପାଇଁ ମଲ୍ ବନ୍ଦ ରଖା ଯାଇଛି । ଅଗ୍ନିକାଣ୍ଡ ଯୋଗୁ ପୁରା ମଲ୍ ଧୂଆଁମୟ ହୋଇଯାଇଥିଲା । ଖବରପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ନିଆଁକୁ ଆୟତତ୍ତ କରିବା ପାଇଁ ପ୍ରୟାସ ଚଳାଇଛନ୍ତି । ଘଟଣାସ୍ଥଳରେ ଭୁବନେଶ୍ୱର ମେୟର ସୁଲୋଚନା ଦାସ ପହଂଚି ସ୍ଥିତି ଦେଖିଛନ୍ତି । ଏହି ଘଟଣାର ତଦନ୍ତ ହେବ ବୋଲି ସେ କହିଛନ୍ତି ।

# ବାଲେଶ୍ୱରରେ କିସ୍‌ର ଶାଖା : ୧୩ରେ ଇମାମୀ-କିସ୍ ଆବାସିକ ବିଦ୍ୟାଳୟ ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨/୦୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ରେମୁଣା ବ୍ଲକ୍ ଅନ୍ତର୍ଗତ ଆରମଳାଠାରେ ୫୦ କୋଟି ଟଙ୍କା ବ୍ୟୟରେ ନିର୍ମିତ କିସ୍‌ର ନୂତନ ଶାଖା ଇମାମି-କିସ୍‌କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସୋମବାର ଉଦ୍‌ଘାଟନ କରିବେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ତଥା ଅବକାରୀ ବିଭାଗ ରାଷ୍ଟ୍ରମନ୍ତ୍ରୀ (ସ୍ୱା) ଅଶ୍ୱିନୀ କୁମାର ପାତ୍ର, ବାଲେଶ୍ୱର ସାଂସଦ ତଥା ପୂର୍ବତନ କେନ୍ଦ୍ରମନ୍ତ୍ରୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, କନ୍ଧମାଳ ସାଂସଦ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ରେମୁଣା ବିଧାୟକ ଶ୍ରୀଯୁକ୍ତ ସୁଧାଂଶୁ ଶେଖର ପରିଡ଼ା, ଇମାମି ଗ୍ରୁପ୍‌ର ପ୍ରତିଷ୍ଠାତା ତଥା ଯୁଗ୍ମ ଅଧ୍ୟକ୍ଷ ଶ୍ରୀଯୁକ୍ତ ଆର୍.ଏସ୍. ଅଗ୍ରୱାଲ୍ ଏବଂ ଇମାମି ଗ୍ରୁପ୍‌ର ସହ-ପ୍ରତିଷ୍ଠାତା ତଥା ଯୁଗ୍ମ



ଅଧ୍ୟକ୍ଷ ଆର. ଏସ୍. ଗୋଏଙ୍କା ପ୍ରମୁଖ ଯୋଗଦେବେ । ଏହି ବିଦ୍ୟାଳୟ ପାଇଁ ଜମି କ୍ରୟଠାରୁ ଆରମ୍ଭ କରି ଭିତ୍ତିଭୂମି ବିକାଶ, ସବୁଜ ବଳୟ ସୃଷ୍ଟି, ପାଚେରୀ ନିର୍ମାଣ, ମେକାନାଇଜ୍‌ଡ ରୋଷଶାଳା, ୨୫ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ଆସବାବପତ୍ର ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମେତ ୧ଲକ୍ଷ୨୦ହଜାର ବର୍ଗଫୁଟ ଅଞ୍ଚଳରେ ଭିତ୍ତିଭୂମି ନିର୍ମାଣରେ ମୋଟ ୫୦ କୋଟି ଟଙ୍କା ଖର୍ଚ୍ଚ କରାଯାଇଛି । ଏଥିରୁ ଇମାମି ଗ୍ରୁପ୍ ୧୪ କୋଟି ଟଙ୍କା ଆର୍ଥିକ ସହାୟତା ଯୋଗାଇ ଦେଇଥିବା ବେଳେ ବାକି ୩୬ କୋଟି ଟଙ୍କା କିଟ୍ ତରଫରୁ ଖର୍ଚ୍ଚ କରାଯାଇଛି । ସୂଚନାଯୋଗ୍ୟ, ବିଶ୍ୱର ଏକମାତ୍ର ବୃହତ୍ତମ ଆବାସିକ ବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ହେଉଛି କିସ୍ । ବିଭିନ୍ନ ଜିଲ୍ଲାରେ ଗରିବ ପିଲାଙ୍କୁ ଶିକ୍ଷା ପ୍ରଦାନ ଉଦ୍ଦେଶ୍ୟରେ କିସ୍ ଆହୁରି ଶାଖା ଖୋଲିବାର ଯୋଜନା ରହିଛି । ଏହା ପୂର୍ବରୁ ଓଡ଼ିଶାର ବଲାଙ୍ଗୀର ଓ ମୟୂରଭଞ୍ଜରେ କିସ୍‌ର ଶାଖା ଖୋଲାଯାଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି । ବିଶିଷ୍ଟ ଶିକ୍ଷାବିତ୍ ଓ ସମାଜସେବୀ ଅଚ୍ୟୁତ ସମାନ୍ତଙ୍କ ଦ୍ୱାରା ୧୯୯୨ରେ କିସ୍ ପ୍ରତିଷ୍ଠା ହେବା ଦିନଠାରୁ ଦୀର୍ଘ ୩୦ ବର୍ଷ ଧରି ଶିକ୍ଷା ମାଧମରେ ଜନଜାତିଙ୍କ ସଶକ୍ତିକରଣ କରିଆସୁଛି କିସ୍ । ଇମାମି-କିସ୍ ଆବାସିକ ବିଦ୍ୟାଳୟରେ ସିବିଏସ୍‌ଇ ପାଠ୍ୟକ୍ରମରେ ଶିକ୍ଷାଦାନ କରାଯିବ । ପ୍ରଥମ ପର୍ଯ୍ୟାୟରେ ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ଯାଏ ଓଡ଼ିଶାର ବିଭିନ୍ନ ଜିଲ୍ଲାର ୧୨ଶହ କେବଳ ଗରିବ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷାଦାନ କରାଯିବ । ପାଠ ପଢ଼ା ବ୍ୟତୀତ ଏଠାରେ ଛାତ୍ରଛାତ୍ରୀଙ୍କୁ ଅନ୍ୟାନ୍ୟ କ୍ଷେତ୍ର ବିଶେଷ କରି ଉନ୍ନତ ମାନର କ୍ରୀଡ଼ା ତାଲିମ ପ୍ରଦାନ କରାଯିବ । ଏଠାରୁ ଉତ୍ତୀର୍ଣ୍ଣ ହେବା ପରେ ଛାତ୍ରଛାତ୍ରୀମାନେ ଭୁବନେଶ୍ୱରସ୍ଥିତ କିସ୍ କିମ୍ବା କିଟ୍ ବିଶ୍ୱବିଦ୍ୟାଳୟରେ ଉଚ୍ଚଶିକ୍ଷା ଲାଭ କରିପାରିବେ । ଭୁବନେଶ୍ୱର କିସ୍ ଭଳି ଏଠାରେ ସମ୍ପୂର୍ଣ୍ଣ ଆବାସିକ ଓ ବିନାଦେୟରେ ଗରିବ ପିଲାମାନେ ପାଠ ପଢ଼ିପାରିବେ । ସମ୍ପୂର୍ଣ୍ଣ ସବୁଜ, ଇକୋ-ଫ୍ରେଣ୍ଡଲି ଓ ଟେକ୍ନୋଲୋଜି ଉପଯୋଗରେ ଏହି କ୍ୟାମ୍ପସ ପରିଚାଳିତ ହେବ । ଏହା ବାଲେଶ୍ୱରବାସୀଙ୍କ ସମ୍ପତ୍ତି ହୋଇ ରହିବ ।

# ଗୋଟିଏ ଦିନରେ ୧୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୨/୦୬ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୮୮୬୩୯ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ ୧ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୭୯୩୦୭ ହୋଇଛି । ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୫୩ ରହିଛି । ଆଜି ଚିହ୍ନଟ ହୋଇଥିବା ସଂକ୍ରମିତଙ୍କ ମଧ୍ୟରୁ ୧୧ ଜଣ ସଂଗରୋଧରୁ ଓ ୮ ଜଣ ସ୍ଥାନୀୟ ସମ୍ପର୍କରୁ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୬ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଅନୁଗୁଳ ଜିଲ୍ଲାରୁ ୧. କଟକ ଜିଲ୍ଲାରୁ ୨, ଝାରସୁଗୁଡା ଜିଲ୍ଲାରୁ ୧. ଖୋର୍ଧା ଜିଲ୍ଲାରୁ ୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁର ଜିଲ୍ଲାରୁ ୧, ସୁନ୍ଦରଗଡ ଜିଲ୍ଲାରୁ ୩ ତଥା ଷ୍ଟେଟ ପୁଲରୁ ୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଅବଶିଷ୍ଟ ୨୪ ଟି ଜିଲ୍ଲାରୁ ଜଣେ ହେଲେ ସଂକ୍ରମିତ ଚିହ୍ନଟ ହୋଇ ନାହାନ୍ତି ।

## କରୋନାରେ ଦେଶରେ ଗତ ୨୪ ଘଂଟାରେ ୮,୫୮୨ନୂଆ ମାମଲା

ନୂଆଦିଲ୍ଲୀ, ୧୨/୦୬ : ଦେଶରେ ଗତ ୨୪ଘଂଟା ମଧରେ ୮,୫୮୨ଟି ନୂଆ କରୋନା ମାମଲା ସାମନାକୁ ଆସିଛି । ଏହି ସମୟ ମଧରେ ୪ ଜଣଙ୍କର ମୃତ୍ୟୁ ଘଟିଛି । ଆଜି ସକାଳେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ ସକ୍ରିୟ ରୋଗୀଙ୍କ ଥିବା ୪୪,୫୧୩ ବେଳେ ବର୍ତ୍ତମାନ ସୁଦ୍ଧା ୫,୨୪,୭୬୧ ଜଣ ମୃତ୍ୟୁ ବରଣ କରିଛନ୍ତି ।

# ସାମ୍ବାଦିକଙ୍କ ପ୍ରତି ରାଜ୍ୟ ସରକାରଙ୍କ ପାତରଅନ୍ତର ବ୍ୟବସ୍ଥା

ଗଞ୍ଜାମ, ୧୨/୦୬ (ନି.ପ୍ର): ରାଜ୍ୟ ସରକାର ସାମ୍ବାଦିକମାନଙ୍କୁ ଗୋପବନ୍ଧୁ ସ୍ୱାସ୍ଥ୍ୟବୀମା ଯୋଜନାରେ ସାମିଲ୍ କରୁଥିବା ନେଇ ଘୋଷଣା କରୁଥିଲେ ମଧ ଏଥିରେ ସାମ୍ବାଦିକମାନଙ୍କ ପ୍ରତି ପାତର ଅନ୍ତର ବ୍ୟବସ୍ଥା ଗ୍ରହଣ କରାଯାଉଥିବା ଅଭିଯୋଗ ହେଉଛି । କେତେକ ନିର୍ଦ୍ଦିଷ୍ଟ ସମ୍ବାଦପତ୍ର, ବୈଦ୍ୟୁତିକ ଗଣମାଧମ ଓ ନିଉଜ ଏଜେନ୍ସିର ସାମ୍ବାଦିକମାନଙ୍କୁ ଏଥିରୁ ବାଦ୍ ଦିଆଯାଇଥିବା ଜଣାପଡିଛି । ସରକାରଙ୍କ ପକ୍ଷରୁ ସୂଚନା ଓ ଲୋକସମ୍ପର୍କ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଜାରୀ କରାଯାଇଥିବା ତାଲିକାରେ ବହୁ ସଂଖ୍ୟାରେ ପ୍ରମୁଖ ମିଡ଼ିଆ ସଂସ୍ଥାର ନାମ ନଥିବା ଜଣାପଡିଛି । ତେବେ ଏପରି ନକରି ରାଜ୍ୟର ସମସ୍ତ ସାମ୍ବାଦିକଙ୍କୁ ଏହି ଯୋଜନାରେ ଅନ୍ତର୍ଭୁକ୍ତ କରିବା ସହ ସମସ୍ତଙ୍କୁ ସମାନ ସୁବିଧାସୁଯୋଗ ପ୍ରଦାନ କରିବାକୁ ଦାବୀ ହେଉଛି । ଅନ୍ୟପକ୍ଷରେ ରାଜ୍ୟ ସରକାରଙ୍କ ଏ ଧରଣର ସାବତ ପୁଅ ନୀତି ଅବଲମ୍ବନ ବିରୋଧରେ ସାମ୍ବାଦିକ ଓ ସାମ୍ବାଦିକ ସଂଘମାନେ ସ୍ୱରଉତୋଳନ କରିଛନ୍ତି ଏବଂ ଦାବି ପୂରଣ ନହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତାବନୀ ଦେଇଛନ୍ତି ।

## ହେଲଦି ଲାଇଫ ଯୋଗ କେନ୍ଦ୍ରର ଶିଶୁ ଶିବିର

ବାଲେଶ୍ୱର,୧୨/୦୬ (ନି.ପ୍ର): ବାଲେଶ୍ୱର ସହରର ଅନ୍ୟତମ ଯୋଗ ପ୍ରଶିକ୍ଷଣ କେନ୍ଦ୍ର ଇନଷ୍ଟିଚ୍ୟୁଟ୍ ଅଫ ନେଚରକିଓର ଏଣ୍ଡ ଯୌଗିକ ସାଇନ୍ସ 'ହେଲଦି ଲାଇଫ'ପକ୍ଷରୁ ଚିଡିଆପୋଲ ସ୍ଥିତ କ୍ୟାମ୍ପସରେ ଚାଲିଥିବା ଗ୍ରୀଷ୍ମ କାଳୀନ ଶିଶୁ ଶିବିର ଉଦଯାପିତ ହୋଇଯାଇଛି । ଉଦଯାପନ କାର୍ଯ୍ୟକ୍ରମରେ ବିଶିଷ୍ଟ ଭେଷଜ ବିଶେଷଜ୍ଞ ଡାକ୍ତର ସୁଶାନ୍ତ ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଶିଶୁଙ୍କ ସ୍ୱାସ୍ଥ୍ୟ ଓ ମାନସିକ ବିକାଶରେ ଯୋଗଶିକ୍ଷାର ଗୁରୁତ୍ୱ ସମ୍ପର୍କରେ ସୂଚନା ଦେଇଥିଲେ । ଯୋଗ ଓ ପ୍ରାଣାୟମ ସହିତ ନୈତିକ ଶିକ୍ଷା ଦୈନନ୍ଦିନ ଜୀବନରେ ଅପଣେଇବାକୁ ଡାକ୍ତର ସାହୁ ଉପସ୍ଥିତ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ । ହେଲଦି ଲାଇଫର ନିର୍ଦ୍ଦେଶକ ଡାକ୍ତର ଚିତ୍ତରଞ୍ଜନ ସାହୁ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଶିଶୁମାନଙ୍କ ପାଇଁ ଯୋଗାଭ୍ୟାସର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋଚନା କରିଥିଲେ । ଅନୁଷ୍ଠାନର ଅଧକ୍ଷା ଦେବୀ ଅର୍ଚ୍ଚନା ଦାସ ଶିଶୁ ଶିବିରର ଦିଗ ସମ୍ପର୍କରେ ଆଲୋପାତ କରିଥିଲେ । ୫ରୁ ୧୬ବର୍ଷ ବୟସର ଶିଶୁଙ୍କୁ ନେଇ ଗତ ୫ ତାରିଖରୁ ଆରମ୍ଭ ହୋଇଥିବା ବ୍ରେନ ଏକ୍‌ସଲେନ୍ସ ପ୍ରୋଗ୍ରାମ ଅନ୍ତର୍ଗତ ଯୋଗାଭ୍ୟାସ, ଖେଳ, ଗୀତ, ନୃତ୍ୟ ଓ ଶ୍ଲୋକ ପ୍ରଭୃତି ପ୍ରଶିକ୍ଷଣ ଓ ପ୍ରତିଯୋଗିତା ମାଧମରେ ଶିଶୁଙ୍କୁ ମାନସିକ ବିକାଶ, ମନର ସ୍ଥିରତା, ନୈତିକ ଶିକ୍ଷା, ବ୍ୟକ୍ତିତ୍ୱ ବିକାଶ ସମ୍ପର୍କରେ ଶିକ୍ଷା ଦିଆଯାଇଥିଲା । ଶିବିରରେ ଅଂଶଗ୍ରହଣ କରିଥିବା ଶିଶୁମାନଙ୍କୁ ଏହି ଉଦଯାପନ କାର୍ଯ୍ୟକ୍ରମରେ ହେଲଦି ଲାଇଫ ପକ୍ଷରୁ ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା ।

# ସାହିତ୍ୟରେ ଗୋଷ୍ଠୀ ବାଦ ଚିରକାଳ : ସୃଜନିକାର ୧୭ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ

ଲଙ୍ଗଳେଶ୍ୱର,୧୨/୦୬ (ନି.ପ୍ର): ଓଡ଼ିଆ ସାହିତ୍ୟରେ ଗୋଷ୍ଠୀବାଦ ପୂର୍ବରୁ ଥିଲା ଏବେ ମଧ ରହିଛି ।ଭିନ୍ନ ଭିନ୍ନ ସାହିତ୍ୟିକ ଗୋଷ୍ଠୀ ମଧରେ ମତ ପାର୍ଥକ୍ୟ ଥିଲେ ବି ସମସ୍ତଙ୍କ ଲକ୍ଷ୍ୟ ଗୋଟିଏ ।ଭାରତୀୟ ସଂସ୍କୃତିରେ ବିଭିନ୍ନତା ମଧରେ ଏକତା ଯେମିତି ସୁଦୃଢ ସେମିତି ଜାତୀୟ ଏକତା ଓ ସଂସ୍କୃତିର ସଂରକ୍ଷଣ ଦିଗରେ ସମସ୍ତ ଙ୍କର ଗୋଟିଏ ମତ ବୋଲି ରବିବାର ଏ ସ୍ୱ କେ ଜି ସାରସ୍ୱତ ଟ୍ରଷ୍ଟ ଓ ପାଠାଗାର ପରିସରରେ ବାଲିଆପାଳ ର ଅଗ୍ରଣୀ ସାରସ୍ୱତ ଅନୁଷ୍ଠାନ ସୃଜନିକା ର ୧୭ ତମ ବାର୍ଷିକ ପ୍ରତିଷ୍ଠା ଉତ୍ସବ ରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି ।ସୃଜନିକା ଆବାହକ ଅଧାପକ ସୁକାନ୍ତ ଗିରି ଙ୍କ ପୌରହିତ୍ୟ ରେ ଅନୁଷ୍ଠିତ ଏହି ଉତ୍ସବ ରେ ରେବତୀ ପତ୍ରିକାର ସମ୍ପାଦିକା ସୁବାସିନୀ ଜେନା



ମୁଖ୍ୟ ଅତିଥି, ଖବରକାଗଜ ଅପରାହ୍ନ ର ସମ୍ପାଦକ ବଂଶୀଧର ଜେନା, ସେଇଠୁ ଆରମ୍ଭ ର ସମ୍ପାଦକ ଶୁଭେନ୍ଦୁ ଦାସ ବାରେଣ୍ୟ ବକ୍ତା, ବାଦୀପାଲା ଗାୟକ ମହେଶ୍ୱର ଘଡାଇ, ବରିଷ୍ଠ ସାମ୍ବାଦିକ ଅଜୟ କୁମାର ସାହୁ, ରାଜ ନେତା ବଳରାମ ସାହୁ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଯୋଗ ଦେଇ ଥିଲେ ।ଅତିଥି ମାନେ ଅନୁଷ୍ଠାନ ର ମୁଖପତ୍ର ସୃଜନିକା ଓ ଗୀତିକାର ରବୀନ୍ଦ୍ର ଦତ୍ତ ଙ୍କ ସୁନେଲି ବାର୍ତ୍ତା କୁ ଉନ୍ମୋଚନ କରିଥିଲେ । ଅନୁଷ୍ଠାନ ପକ୍ଷରୁ ପୁଟୁରା ସରପଞ୍ଚ ରାଧାକୃଷ୍ଣ ବେହେରା ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ପୂର୍ବାହ୍ନ କବିତା ପାଠଚକ୍ର ଅଧିବେଶନକୁ ପୂର୍ବତନ ଡ଼ିଆଇ ସୁବାଷ ଚୌଧୁରୀ ଉଦଘାଟନ କରିଥିଲେ । ଏଥିରେ ଯୋଗୀ ବଂଶୀଧର ମିଶ୍ର, ସମୟର ଚକ୍ର ପତ୍ରିକା ର ସମ୍ପାଦକ ସର୍ବେଶ୍ୱର ଜେନା ପ୍ରମୁଖ ଯୋଗ ଦେଇ କବିତା ସମ୍ପର୍କରେ ଆଲୋଚନା କରିଥିଲେ । କବି ନଳିନୀକାନ୍ତ ପାଢ଼ୀ କବିତା ଗୁଡିକୁ ସଂଯୋଜନା କରିଥିଲେ ।

## ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶାରଦା ପ୍ରସାଦ ରାୟଙ୍କ ଦେହାନ୍ତରେ ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୨/୦୬ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶାରଦା ପ୍ରସାଦ ରାୟଙ୍କ ଦେହାନ୍ତରେ ଶୋକ ପ୍ରକାଶ କରିଛନ୍ତି । ସେ ଟ୍ୱିଟ କରି କହିଛନ୍ତି ଯେ - ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକର ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶାରଦା ପ୍ରସାଦ ରାୟଙ୍କ ଦେହାନ୍ତ ବିଷୟରେ ଜାଣି ମୁଁ ଦୁଃଖିତ । ଦେଶର ସୁରକ୍ଷା ପାଇଁ ତାଙ୍କ ଅବଦାନ ସର୍ବଦା ସ୍ମରଣୀୟ ରହିବ । ତାଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ମୋର ସମବେଦନା ଜଣାଉଛି ।

## AFFIDAVIT

By virtue of of an affidavit before the Notary Public, Udala, Mayurbhanj. I Sri Harish Chandra Shaw, aged about 54 years, S/o Late Goura Mohan Shaw Resident of at/po.- Alasuan, Ps-Khantapada, Dist- Balasore, Odisha do hereby solemnly affirm that I changed my daughter's name to Sushree Manisa Priyadarshanee Shaw from Manisha Priyadarshni which was mentioned in the time of discharge book vide it's sl. No. 258/2012. Henceforth She will be treated as Sushree Manisa Priyadarshanee Shaw.

**Harish Chandra Shaw**

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo